

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୨୫ ସେପ୍ଟେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 25 SEPTEMBER 2020

Vol.No. 30 ■ No. 243 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj





2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

*For better development of students are taught by highly and well experienced faculties.*

Contact No: 9437294587, 9438232419, 9437443950,


# ସାତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୨୪।୯ (ନି.ପ୍ର): କରୋନାରେ ସର୍ବାଧିକ ପ୍ରଭାବିତ ହୋଇଥିବା ଦେଶର ସାତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ୟୁପି, ତାମିଲନାଡୁ, ଦିଲ୍ଲୀ ଏବଂ ପଂଜାବର ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଭିଡିଓ କନଫନେସିଂ ଜରିଆରେ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ। ପ୍ରଧାନମନ୍ତ୍ରୀ ମୋଦି ଏହି ବୈଠକରେ କହିଛନ୍ତି ଯେ ଯଦି ଦିନେ ଦୁଇ ଦିନ ଲକଡାଉନ କଥା ବିଚାର କରୁଛ ତାହେଲେ ଏହା କେତେ ପ୍ରଭାବଶାଳଳୀ ଅନୁଶୀଳନ କରିବ ଉଚିତ। ଏବେ ଯାହା ସ୍ଥିତି ଲକଡାଉନ ହେଲେ ରାଜ୍ୟର ଅର୍ଥନୀତି ଉପରେ ନଜର ରଖିବା ଉଚିତ। ଯଦି ଲକଡାଉନ କାରଣରୁ ଅର୍ଥନୀତି ବିଗିଡ଼ିବ ତାହେଲେ ସ୍ଥିତି ଜଟିଳ ହୋଇଯିବ। ଏହାବାଦ୍ ଟେଷ୍ଟି, ଆକ୍ରାନ୍ତଙ୍କ କଣ୍ଟାକ୍ଟ ହିଷ୍ଟ୍ରି ଆଦି କିଭଳି ଶୀଘ୍ର ଚିହ୍ନଟ କରି ହେବ ସେ ବାବଦରେ ଦେଖିବା ଉଚିତ୍। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଦେଶରେ ୭୦୦ରୁ ଅଧିକ ଜିଲ୍ଲା ରହିଛି। ହେଲେ ୬୦ଟି ଜିଲ୍ଲାରୁ ଅଧିକ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ଏହି ଜିଲ୍ଲା ୭ ରାଜ୍ୟରେ ରହିଛି। ୭ ଦିନିଆ କାର୍ଯ୍ୟକ୍ରମ ସ୍ଥିର କରି ପ୍ରତିଦିନ ଗୋଟିଏ ଘଂଟା ଗୋଟିଏ ଜିଲ୍ଲା କିମ୍ବା ବ୍ଲକର ଲୋକଙ୍କ ସହିତ ଭିଡିଓ କନଫରେନସିଂ ଜରିଆରେ ଲୋକଙ୍କ କଥା ହେବା ଦରକାର ବୋଲି ସାତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। କରୋନା ଚିକିତ୍ସା ପୂର୍ବ ଅପେକ୍ଷା ବିକଶିତ ହୋଇଛି। ବର୍ତ୍ତମାନ ଆମକୁ କରୋନା ସହ ଜଡ଼ିତ ଭିତ୍ତିଭୂମିକୁ ମଜବୁତ କରିବାକୁ ପଡ଼ିବ, ଯାହା ଆମର ସ୍ୱାସ୍ଥ୍ୟବସ୍ଥା, ଟ୍ରାକିଂ କରିବାରେ ସହଯୋଗ କରୁଛି ବୋଲି ସେ କହିଛନ୍ତି। ଭାରତ ଦୁନିଆରେ ଏକମାତ୍ର ଦେଶ ଯେଉଁଠି ମୃତ୍ୟୁ ସଂଖ୍ୟା ସବୁଠୁ କମ୍। ଏଭଳି ପରିସ୍ଥିତିରେ ଔଷଧ ସହଜରେ ମିଳିବା ଦରକାର ବୋଲି ସେ କହିଛନ୍ତି। ଏଥିସହ ରାଜ୍ୟ ରାଜ୍ୟ ମଧ୍ୟରେ ଔଷଧ କିଭଳି ପହଂଚିବ ସେ ଦିଗରେ ଗୁରୁତ୍ୱ ଦିଆଯିବା ଦରକାର।

# ୨ ଦିନ ବର୍ଷା ସମ୍ଭାବନା: ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ



ଭୁବନେଶ୍ୱର,୨୪।୯ (ନି.ପ୍ର): ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା ରହିଛି। ଉତର ଓଡିଶା ସମେତ ରାଜ୍ୟର କିଛି ଅଂଶରେ ବଜ୍ରପାତ ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରିଛି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର। ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ୧୩ ଟି ଜିଲ୍ଲାରେ ବର୍ଷା ସହ ବଜ୍ରପାତ ହେବାର ସମ୍ଭାବନା ରହିଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲା ଗୁଡିକ ହେଲା ନୂଆପଡା, ବଲାଙ୍ଗୀର , ବରଗଡ, ଝାରସୁଗୁଡା, ସୁନ୍ଦରଗଡ, ସମ୍ବଲପୁର, ଦେବଗଡ, କେନ୍ଦୁଝର, ଅନୁଗୁଳ, ମୟୂରଭଂଜ, ବାଲେଶ୍ୱର, ଭଦ୍ରକ ଓ କନ୍ଧମାଳ। ସେହିପରି ୨୬ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ , ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, ନବରଙ୍ଗପୁର, କଳାହାଣ୍ଡି , କନ୍ଧମାଳ, ରାୟଗଡା, ମାଲକାନଗିରି , କୋରାପୁଟ, କେନ୍ଦୁଝର, ମୟୂରଭଂଜ ଓ ଢେଙ୍କାନାଳ ଜିଲ୍ଲାରେ ବଜ୍ରପାତ ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହା ବ୍ୟତୀତ ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି ଓ କନ୍ଧମାଳ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବାରୁ ମଧ୍ୟ ଏହି ସବୁ ଜିଲ୍ଲା ଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

# ଚଳିତ ବନ୍ୟାରେ ୨୮୩ କୋଟି ଟଙ୍କାର ନଦୀବନ୍ଧ ଧୋଇ ଯାଇଛି

ଭୁବନେଶ୍ୱର,୨୪।୯ (ନି.ପ୍ର): ଚଳିତ ବନ୍ୟାରେ ୨୮୩ କୋଟି ଟଙ୍କାର ନଦୀବନ୍ଧ ଧୋଇ ଯାଇଛି । ବନ୍ୟା ନିୟନ୍ତ୍ରଣ ମୁଖ୍ୟ ଯନ୍ତ୍ରୀ ସୁଶାନ୍ତ ରଥ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ୩୮ଟି ଘାଇ, ୯୯୬ କିମି ନଦୀ ବନ୍ଧ ଆଶିଂକ ନଷ୍ଟ ହୋଇଛି । ନଦୀବନ୍ଧ ସୁଦୃଢ଼ୀକରଣ ପାଇଁ ୬୪୮ କୋଟି ଟଙ୍କା, ୧୧ଜିଲ୍ଲାର ୩୫୧ କିମି ନଦୀବନ୍ଧ ପାଇଁ ୬୪୮ କୋଟି ଟଙ୍କା ଆବଶ୍ୟକ । ଏ ସମ୍ପର୍କରେ ଜଳସମ୍ପଦ ସଚିବଙ୍କୁ ଜଳସମ୍ପଦ ବିଭାଗ ମୁଖ୍ୟଯନ୍ତ୍ରୀ ଚିଠି ଲେଖି ଜଣାଇଛନ୍ତି ।

# ଭାରତରେ ଅବସ୍ଥାପିତ ଆମେରିକାର ରାଷ୍ଟ୍ରଦୂତଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କ ଆଲୋଚନା

## ଗ୍ୟାସ ଭିତ୍ତିଭୂମିକୁ ବିକଶିତ କରିବା ପାଇଁ ଆମେରିକୀୟ କମ୍ପାନୀଙ୍କୁ ନିମନ୍ତ୍ରଣ କଲେ ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୨୪।୯ (ନି.ପ୍ର): ଭାରତରେ ଅବସ୍ଥାପିତ ଆମେରିକାର ରାଷ୍ଟ୍ରଦୂତ କେନିଥ୍ ଜଷ୍ଟରଙ୍କ ସହ ଗୁରୁବାର ଭିଡିଓ କନଫରେନ୍ସିଂ ଜରିଆରେ ଆଲୋଚନା କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶରେ ଗ୍ୟାସ ଭିତିଭୂମିକୁ ବିକଶିତ କରିବା ପାଇଁ ଆମେରିକୀୟ କମ୍ପାନୀ ମାନଙ୍କୁ ଆଗେଇ ଆସିବାକୁ ନିମନ୍ତ୍ରଣ କରିଛନ୍ତି । ଆଲୋଚନା କାଳରେ ଭାରତ ଓ ଆମେରିକା ଦ୍ୱିପାକ୍ଷିକ ସାମରିକ ଉର୍ଜା ଉପରେ ଉଭୟ ଆଲୋଚନା କରିଛନ୍ତି । ଦ୍ୱିପାକ୍ଷିକ ସାମରିକ ଭାଗିଦାରୀରେ ଉର୍ଜା ଏକ ମହତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇଛି ବୋଲି ଆମେରିକାର ରାଷ୍ଟ୍ରଦୂତ ମତପ୍ରକାଶ କରିଥିଲେ। ଏହାସହ ପ୍ରାକୃତିକ ଗ୍ୟାସ କ୍ଷେତ୍ରକୁ କିପରିଅଧିକ ମଜବୁତ୍ କରାଯିବ ସେ ଦିଗରେ ଆଲୋଚନାରେ ଗୁରୁତ୍ୱାରୋପ କରାଯାଇଥିଲା । ଏହାବ୍ୟତିତ ଚଳିତବର୍ଷ ଜୁନରେ ଆରମ୍ଭ ହୋଇଥିବା ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ ଭଣ୍ଡାର କର୍ପୋରେସନ ଉପରେ ଉଭୟ ସମୀକ୍ଷା କରିଥିଲେ।

# ଡାଇବେଟିସ୍ ନିୟନ୍ତ୍ରଣ ନଥିଲେ କରୋନା ସଂକ୍ରମଣ ସମ୍ଭାବନା ଅଧିକ



ଭୁବନେଶ୍ୱର,୨୪।୯ (ନି.ପ୍ର): ମଧୁମେହ ରୋଗୀ, ହୃଦ ରୋଗୀ ଓ କିଡ୍‌ନି ଜନିତ ରୋଗୀ କରୋନା ପଜିଟିଭ ହୋଇଥିଲେ ହୋମ୍ ଆଇସୋଲେସନ୍ ରେ ରହିପାରିବେ। କିଡ୍‌ନୀ ରୋଗୀ ଡାକ୍ତରଙ୍କ ପରାମର୍ଶରେ ଡାଏଲିସିସ୍ ନେଇପାରିବେ । ହୃଦରୋଗୀମାନେ ଜଟିଳ ସମସ୍ୟା ଉପୁଜିଲେ ଆନୁଷ୍ଠାନିକ ପୃଥକବାସରେ ରହି ଚିକିତ୍ସିତ ହେବେ । ହୋମ୍ ଆଇସୋଲେସନ୍ ରେ ଥାଇ ଉପରୋକ୍ତ ରୋଗୀମାନେ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ଡାକ୍ତରଙ୍କ ପରାମର୍ଶ, ଟେଲିମେଡିସିନ୍ ସେବା ଓ ୧୦୪ ନିଃଶୁଳ୍କ ନମ୍ବରରେ ଯୋଗାଯୋଗ କରିପାରିବେ। କଟକ ଏସ୍‌ସିବି ମେଡିକାଲ କଲେଜର ଅନ୍ତଃସ୍ରାବୀ ଗ୍ରନ୍ଥି ବିଭାଗର ପ୍ରଫେସର ଡାକ୍ତର ଅନୁଜ ବଳିୟାରସିଂ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ସଂକ୍ରମଣ ଭୟ ଉଭୟ ସାଧାରଣ ରୋଗୀ ଓ ମଧୁମେହ ରୋଗୀଙ୍କ ପାଇଁ ସମାନ। କିନ୍ତୁ ଡାଇବେଟିସ୍ ନିୟନ୍ତ୍ରଣ ନଥିଲେ କରୋନା ସଂକ୍ରମଣ ସମ୍ଭାବନା ଅଧିକ ରହିଛି। କରୋନା ଆକ୍ରାନ୍ତ ଡାଇବେଟିସ୍ ରୋଗୀ ସୁଗାର ନିୟନ୍ତ୍ରଣରେ ରଖିବା ଜରୁରୀ। ଯଦି ସଂକ୍ରମିତ ହୁଏ, ତେବେ ସୁଗାର, ବିପି ନିୟନ୍ତ୍ରଣରେ ଅଛି କି ନାହିଁ ଦେଖିବେ। ସୁଗାର ଓ ବିପି ନିୟନ୍ତ୍ରଣରେ ଥିଲେ ହୋମ୍ ଆଇସୋଲେସନରେ ରହିପାରିବେ। ▶▶ପୃଷ୍ଠା ୭

# ପୂର୍ବତନ ମନ୍ତ୍ରୀ ଶେଖ ମତଲୁବ ଅଲିଙ୍କ ପରଲୋକ



ଭୁବନେଶ୍ୱର,୨୪।୯ (ନି.ପ୍ର): ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଶେଖ୍ ମତଲୁବ ଅଲ୍ଲୀଙ୍କ ଗୁରୁବାର ସକାଳେ ପରଲୋକ ଘଟିଛି। ଆଜି ସକାଳେ ତାଙ୍କର ପରଲୋକ ଘଟିଥିବା ନେଇ ତାଙ୍କର ପୁଅ ମସୁଦ ଅଲ୍ଲୀ ସୂଚନା ଦେଇଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଗତ ୭ ତାରିଖରେ ଅସୁସ୍ଥତା ଅନୁଭବ କରିବାରୁ ଶେଖ୍ ମତଲୁବ ଅଲ୍ଲୀଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଥିବା ସମୟରେ ତାଙ୍କର ପରଲୋକ ଘଟିଥିବା ଜଣା ପଡିଛି। ଉଲ୍ଲେଖନୀ ଯେ ଶେଖ୍ ମତଲୁବ ଅଲ୍ଲୀ ୧୯୪୨ରେ ଜନ୍ମଗ୍ରହଣ କରିଥିଲେ। ସେ କଂଗ୍ରେସ ଟିକେଟରେ ଅନେକ ଥର କଟକ ଜିଲ୍ଲାର ମାହାଙ୍ଗା ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ସେ ଅନେକ ଥର ରାଜ୍ୟ ସରକାରରେ ମନ୍ତ୍ରୀ ଦାୟିତ୍ୱ ମଧ୍ୟ ନେଇଥିଲେ । ସେ ଗ୍ରାମ୍ୟ ଉନ୍ନୟନ, ଉଚ୍ଚଶିକ୍ଷା ଭଳି ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ବିଜେଡ଼ି ଓ ବିଜେପି ଉଭୟ ଚାଷୀ ଓ ଶ୍ରମିକ ବିରୋଧି : ଦିଗ୍‌ବିଜୟ ସିଂହ





ଭୁବନେଶ୍ୱର,୨୪।୯ (ନି.ପ୍ର): ଉଭୟ ବିଜେପି ଓ ବିଜେଡି ଭିତରେ ଗୁପ୍ତ ବୁଝାମଣା ରହିଛି ଏବଂ ଦୁଇଟି ଯାକ ଦଳ ଚାଷୀ ଓ ଶ୍ରମିକଙ୍କ ସ୍ୱାର୍ଥ ବିରୋଧି ବୋଲି କହିଛନ୍ତି ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ଶ୍ରୀ ଦିଗ୍‌ବିଜୟ ସିଂହ ପ୍ରକାଶ କରିଛନ୍ତି। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସିଂହ କହିଛନ୍ତି ଯେ କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ କୃଷି ବିଲ୍ ଚାଷୀ ସ୍ୱାର୍ଥ ବିରୋଧି । ଚାଷୀଙ୍କୁ ତାଙ୍କର ନ୍ୟାଯ୍ୟ ହକ୍ ଦେବା ପାଇଁ କଂଗ୍ରେସ ସବୁବେଳେ କାର୍ଯ୍ୟ କରିଆସୁଛି। ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଲାଲବାହାଦୂର ଶାସ୍ତ୍ରୀ ସର୍ବପ୍ରଥମେ କଷ୍ଟ୍ ସପୋର୍ଟ ପ୍ରାଇସ୍ ବ୍ୟବସ୍ଥାକୁ ଉଚ୍ଛେଦ କରି ସର୍ବନିମ୍ନ ସହାୟକ ମୂଲ୍ୟ ବ୍ୟବସ୍ଥାକୁ ଆରମ୍ଭ କରିଥିଲେ। ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ସମୟରେ କ୍ଷମତାର ବିକେନ୍ଦ୍ରୀକରଣ କରାଯାଇ ପଂଚାୟତରାଜ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଥିଲା। କିନ୍ତୁ ୨୦୧୪ ମସିହା ପରଠାରୁ କେନ୍ଦ୍ରରେ ମୋଦି ସରକାର କ୍ରମାଗତ ଭାବେ ଚାଷୀ ଓ ଶ୍ରମିକ ବିରୋଧି ପଦକ୍ଷେପମାନ ଗ୍ରହଣ କରୁଛନ୍ତି। ଆଜିର ଚାଷୀ ସ୍ୱାର୍ଥ ବିରୋଧି ଆଇନ୍‌କୁ ମୁକ୍ତ ବାଣିଜ୍ୟିକ ରାଜିନାମାର ଦ୍ୱାହି ଦେଇ କିଛି ବିକଶିତ ବିଦେଶୀ ରାଷ୍ଟ୍ରମାନଙ୍କୁ ଖୁସି କରିବା ପାଇଁ ମୋଦି ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ପୂର୍ବରୁ ଚାଷୀ ଓ ଶ୍ରମିକମାନଙ୍କ ସ୍ୱାର୍ଥ ସହିତ ସାଲିସ୍ କଲାଭଳି କୌଣସି ବିଦେଶୀ ଚାପକୁ କଂଗ୍ରେସ ସରକାର ସମୟରେ କେବେ ବି ପ୍ରଶୟ ଦିଆଯାଇନଥିଲା ବୋଲି ସେ କହିଛନ୍ତି। ବର୍ତ୍ତମାନର ବିଲ୍‌ରେ ଥିବା ବ୍ୟବସ୍ଥା ଅନୁସାରେ ଚାଷୀଙ୍କୁ ଉତ୍ପାଦିତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ନ ମିଳିବା ସ୍ଥଳେ ବ୍ୟବସାୟୀ ବା ଖରିଦ୍‌ଦାରଙ୍କ ବିରୁଦ୍ଧରେ ▶▶ପୃଷ୍ଠା ୭

# ଖର୍ଚ୍ଚ ବଢୁଥିବାରୁ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରାଯାଇଛି : ଶକ୍ତି ମନ୍ତ୍ରୀ

ଭୁବନେଶ୍ୱର,୨୪।୯ (ନି.ପ୍ର): ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ନିଷ୍ପତି ଓଇଆରସି ନେଇଥାନ୍ତି। ଦୀର୍ଘ ୭ ବର୍ଷ ପରେ ୪ ପ୍ରତିଶତ ଶୁଳ୍କ ବୃଦ୍ଧି କରାଯାଇଛି। ଏହା ମଧରେ ଉତ୍ପାଦନ, ପ୍ରସାରଣ ଏବଂ ବଂଟନ ଖର୍ଚ୍ଚ ବଢ଼ିଥିବାରୁ ଶୁଳ୍କ ବୃଦ୍ଧି କରାଯାଇଛି ବୋଲି କହିଛନ୍ତି ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର। ଗତକାଲି ୟୁନିଟ୍ ପିଛା ବିଦ୍ୟୁତ୍ ଦର ୨୦ ପଇସା ବୃଦ୍ଧି ପାଇବା ସମ୍ପର୍କରେ ପ୍ରତିକ୍ରିୟା ଦେଇ ସେ ଏହା କହିଛନ୍ତି। ଉଲ୍ଲେଖ୍ୟଯୋଗ୍ୟ ଯେ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) ପକ୍ଷରୁ ୨୦୨୦-୨୧ ବର୍ଷ ଲାଗି ୪ ପ୍ରତିଶତ ବିଦ୍ୟୁତ୍ ଶୁଳ୍କ ବୃଦ୍ଧି କରାଯାଇଛି। ▶▶ପୃଷ୍ଠା ୭

# ରାଜ୍ୟରେ ଗତ ୨୪ ଘଂଟାରେ ୫୦,୫୭୦ କରୋନା ନମୁନା ପରୀକ୍ଷଣ

ଭୁବନେଶ୍ୱର,୨୪।୯ (ନି.ପ୍ର): ରାଜ୍ୟରେ ୨୪ ଘଂଟାରେ ମୋଟ୍ ୫୦ ହଜାର ୫୭୦ କରୋନା ନମୁନା ପରୀକ୍ଷା କରାଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଏଥିମଧ୍ରୁ ଆଂଟିଜେନ୍‌ରେ ୪୨,୦୨୪ ଆରଟିପିସିଆରରେ ୮,୪୪୫ ଓ ଟ୍ରୁନଟ୍‌ରେ ୧୦୧ ଟି କରୋନା ନମୁନା ପରୀକ୍ଷା କରାଯାଇଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ମୋଟ ୨୯୫୬୩୦୧ ନମୁନାର ପରୀକ୍ଷା କରା ଯାଇଛି ।

# ଓଡିଶାରୁ ସୁରଟ ଓ ଅହମଦାବାଦକୁ ଆଉ ଦୁଇଟି ସ୍ୱତନ୍ତ୍ର ଟ୍ରେନ୍



ଭୁବନେଶ୍ୱର,୨୪।୯ (ନି.ପ୍ର): ଓଡିଶାରୁ ସୁରଟ ଓ ଅହମଦାବାଦକୁ ସ୍ୱତନ୍ତ୍ର ଟ୍ରେନ ଗୁଡିକରେ ଯାତ୍ରୀ ଭିଡକୁ ଦୃଷ୍ଟିରେ ରଖି ଏବଂ ଗୁଜରାଟକୁ ଚଳାଚଳ କରୁଥିବା ଅନ୍ୟ ସ୍ୱତନ୍ତ୍ର ଟ୍ରେନ ଗୁଡିକରେ ମାତ୍ରାଧିକ ପ୍ରତିକ୍ଷା ସୂଚୀକୁ ନଜର ଦେଇ ପୂର୍ବତଟ ରେଳପଥ ପକ୍ଷରୁ ଓଡିଶାରୁ ଗୁଜରାଟକୁ ଆହୁରି ଦୁଇ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ। ସମ୍ବଲପୁର-ଟିଟିଲାଗଡ଼-ରାଇପୁର ମାର୍ଗ ଦେଇ ଖୋର୍ଦ୍ଧା ରୋଡ଼-ସୁରଟ-ଖୋର୍ଦ୍ଧା ରୋଡ଼ ମଧରେ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ (୦୨୮୨୭/୦୨୮୨୮) ସେପ୍ଟେମ୍ବର ୨୭ ତାରିଖରୁ ଅକ୍ଟୋବର ୧୮ ତାରିଖ ମଧରେ ଚାଲିବ। ସେପ୍ଟେମ୍ବର ୨୯ ତାରିଖରୁ ଅକ୍ଟୋବର ୨୦ ତାରିଖ ମଧରେ ଏହା ସୁରଟ ଠାରୁ ପ୍ରତି ମଙ୍ଗଳବାର ସକାଳ ୮ଘ.୩୦ମି.ରେ ଖୋର୍ଦ୍ଧା ରୋଡ଼ ଅଭିମୁଖେ ଯାତ୍ରା କରିବ। ସେହିପରି ବିଜୟନଗରମ, ଦୁଭାଡା, ବିଜୟୱାଡା, ୱାର୍ଧା ମାର୍ଗଦେଇ ଖୋର୍ଦ୍ଧା ରୋଡ଼-ଅହମଦାବାଦ-ଖୋର୍ଦ୍ଧା ରୋଡ଼ ମଧରେ ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ (୦୮୪୦୭/୦୮୪୦୮) ସେପ୍ଟେମ୍ବର ମାସ ୩୦ ତାରିଖରୁ ଅକ୍ଟୋବର ମାସ ୨୧ ତାରିଖ ମଧରେ ଏହା ଖୋର୍ଦ୍ଧା ରୋଡ଼ ଠାରୁ ପ୍ରତି ବୁଧବାର ପୂର୍ବାହ୍ନ ୧୦.୪୦ମି.ରେ ଛାଡିବାକୁ ଥିବା ବେଳେ ଅକ୍ଟୋବର ୩ ତାରିଖରୁ ୨୪ ତାରିଖ ମଧରେ ଏହା ଅହମଦାବାଦ ଠାରୁ ପ୍ରତି ଶନିବାର ▶▶ପୃଷ୍ଠା ୭

# ରାଜ୍ୟରେ ଆଉ ୧୬ ଜଣଙ୍କର କରୋନାରେ ମୃତ୍ୟୁ : ମୃତ୍ୟୁ ସଂଖ୍ୟା ୭୫୨ ହେଲା



ଭୁବନେଶ୍ୱର,୨୪।୯ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୬ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୭୫୨ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଖୋର୍ଧା ଜିଲ୍ଲାର ୫ ଜଣ, ପୁରୀ ଜିଲ୍ଲାର ୪ ଜଣ ତଥା କେନ୍ଦ୍ରାପଡା ଜିଲ୍ଲାର ୨ ଜଣ ରହିଛନ୍ତି । ସେହିପରି ବଲାଙ୍ଗୀର, ମୟୂରଭଂଜ ନୟାଗଡ, ରାୟଗଡା ଓ ସୁବର୍ଣ୍ଣପୁର ଜିଲ୍ଲାରୁ ଜଣେ ଜଣେ ଅଛନ୍ତି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବଲାଙ୍ଗୀର ଜିଲ୍ଲାର ଜଣେ ୪୩ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହରେ ପୀଡିତ ଥିଲେ । ଭୁବନେଶ୍ୱରର ଜଣେ ୬୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ▶▶ପୃଷ୍ଠା ୭

# ଗାନ୍ଧୀମଣିଷ ଦୋଳଗୋବିନ୍ଦ ପ୍ରଧାନଙ୍କ ପତ୍ନୀ ମନୋରମାଙ୍କ କରୋନାରେ ସ୍ୱର୍ଗବାସ

ଭୁବନେଶ୍ୱର,୨୪।୯ (ନି.ପ୍ର): ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନଙ୍କ ଧର୍ମପତ୍ନୀ ମନୋରମା ପ୍ରଧାନଙ୍କର ଆଜି ସକାଳ ୬ ଘଂଟା ସମୟରେ ୮୭ ବର୍ଷ ବୟସରେ କରୋନାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସ୍ୱର୍ଗବାସ ହୋଇଯାଇଛି। କୋଭିଡ୍ ନିୟମ ମୁତାବକ ଆଜି ସତ୍ୟନଗର ଶ୍ମଶାନରେ ସଂସ୍କାର ହୋଇଯାଇଛି। ଜ୍ୟେଷ୍ଠପୁତ୍ର ଦେବରାଜ ମୁଖାଗ୍ନି ଦେଇଥିଲେ। ଦୁଇବର୍ଷ ତଳେ ସଂଗ୍ରାମୀ ଦୋଳଗୋବିନ୍ଦ ପ୍ରଧାନଙ୍କର ବିୟୋଗ ହୋଇଥିଲା। ଶ୍ରୀମତୀ ମନୋରମାଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଏକ ଶୋକବାର୍ତାରେ କହିଛନ୍ତି ଯେ ସ୍ୱର୍ଗୀୟା ପ୍ରଧାନ ଜଣେ ଦୃଢ଼ମନା ମହିଳା ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ, ଜୟଦେବ ଜେନା, ବରିଷ୍ଠ କଂଗ୍ରେସ ନେତା ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପଂଚାନନ କାନୁନ୍‌ଗୋ, ପୂର୍ବତନ ବିଧାୟକ ଗୁରୁପଦ ନନ୍ଦ, ଅନନ୍ତ ପ୍ରସାଦ ସେଠୀ, ଶିକ୍ଷାବିତ୍ ବଦ୍ରୀନାଥ ପଟ୍ଟନାୟକ, ଡଃ ବିମଳେନ୍ଦୁ ମହାନ୍ତି, ପ୍ରଫେସର ବୁଦ୍ଧଦେବ ମିଶ୍ର, ପ୍ରଫେସର ଉଦୟନାଥ ସାହୁ ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

# ରାୟଗଡ଼ା ପୌର ପରିଷଦ ପକ୍ଷରୁ ପନିପରିବା ଚୋପାରୁ ପ୍ରସ୍ତୁତ ହେଉଛି ସଂପୂର୍ଣ୍ଣ ଜୈବିକ ଖତ

## ଜାଣନ୍ତୁ, ଅଣୁ ଜୈବିକସାର ପ୍ରକ୍ରିୟାକରଣ କେନ୍ଦ୍ର ସଂପର୍କରେ






ରାୟଗଡ଼ା,୨୪।୯ (ନି.ପ୍ର): ରାୟଗଡ଼ା ଜିଲ୍ଲା ସଦର ମହକୁମାର ସାଇପ୍ରିୟା ନଗରସ୍ଥିତ କେନ୍ଦ୍ରଟି କାର୍ଯ୍ୟକ୍ଷମ ହୋଇପାରିଛି ଏବଂ ଅଂଟାରିଗୁଡା କେନ୍ଦ୍ରଟି ମଧ୍ୟ ଅତିଶୀଘ୍ର ଆରମ୍ଭ ହେବ ବୋଲି ରାୟଗଡ ପୌର ପରିଷଦର ନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥି ପ୍ରକାଶ କରିଛନ୍ତି । ଶ୍ରୀ ଶତପଥିଙ୍କ ଠାରୁ ମିଳିଥିବା ସୂଚନା ପ୍ରକାରେ ଅଣୁ ଜୈବିକ ସାର ପ୍ରକ୍ରିୟାକରଣ କେନ୍ଦ୍ରରେ ସେଡ୍ରର ଓ ସ୍କ୍ରିନିଙ୍ଗ ୨ଟି ମେସିନ ସହ ୧୪ଟି ଟିଡିପି ଟ୍ୟାଙ୍କ ଦ୍ୱାରା କାର୍ଯ୍ୟକ୍ଷମ କରାଯାଉଛି । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଏହି ମେସିନଗୁଡ଼ିକୁ ଜିଇଏମ ପୋର୍ଟାଲରୁ ଯୋଗାଡ କରାଯାଇଛି । ଏହି କେନ୍ଦ୍ରରେ ଥିବା ୧୪ଟି ଟ୍ୟାଙ୍କ ମଧ୍ୟରେ ପ୍ରତ୍ୟେକ ଟ୍ୟାଙ୍କର କ୍ଷମତା ୫ ଟିବିଡି ରହିଛି । ରାୟଗଡ ପୌର ପରିଷଦ ଅଧିନରେ ଥିବା ସହରର ପନିପରିବା ବଜାରରୁ ଏବଂ ୨୪ଟି ୱାର୍ଡର ସାହିଗଳିରେ ରହୁଥିବା ଲୋକଙ୍କ ଘରୁ ଘରୁ ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁକୁ ଦୁଇଟି ଭାଗରେ ବିଭକ୍ତ କରି ଅଳିଆ ଆର୍ବଜନା ନେଇ ଯାଉଥିବା ଗାଡିରେ ସଂଗ୍ରହ କରାଯାଇଥାଏ । ଏହି ଓଦାଳିଆ ବର୍ଜ୍ୟବସ୍ତୁକୁ ଡମ୍ପିଂ ୟାର୍ଡରେ ନ ଫୋପାଡି ଜୈବିକ ସାର ପ୍ରକ୍ରିୟାକରଣ କେନ୍ଦ୍ରକୁ ଅଣାଯାଇଥାଏ । ବିଶେଷ କରି ଓଦା ବର୍ଜ୍ୟବସ୍ତୁରେ ମଧ୍ୟରେ ପନିପରିବା ଚୋପା, ଭାତ, ଡାଲି, ପଇଡ ଖୋଳ, କଦଳୀ ଦଣ୍ଡି, ଅଣ୍ଡା ଚୋପା ଆଦି ସଂଗ୍ରହ କରାଯାଉଛି । ଏହିସବୁ ଓଦାଥିବା ବର୍ଜ୍ୟବସ୍ତୁ ପ୍ରକ୍ରିୟାକେନ୍ଦ୍ରରେ ପଂହଚିବା ପରେ ସ୍ରେଡିଙ୍ଗ ମେସିନରେ ପକାଯାଇ ତାହକୁ ଛୋଟ ଛୋଟ ଖଣ୍ଡ କରି ୧୪ଟି ଟ୍ୟାଙ୍କରେ ୨୮ଦିନ ପାଇଁ ରଖାଯାଇଥାଏ । ଏହି ଓଦାଳିଆ ବର୍ଜ୍ୟବସ୍ତୁରୁ ନିର୍ଗତ ପାଣିଗୁଡିକ ପାଇପ ମାଧ୍ୟମରେ ଦୁଇଟି ଟ୍ୟାଙ୍କିରେ ସଂରକ୍ଷିତ ରଖାଯାଉଥିବା ବେଳେ ବର୍ଜ୍ୟବସ୍ତୁଗୁଡିକକୁ ସାରରେ ବଦଳାଇବା ପାଇଁ ସେଥିରେ ଗୁଡ, ଦହି ଓ ପାଣିର ଏକ ଇଏମ ସୋଲୁସନ୍ ପ୍ରସ୍ତୁତ କରାଯାଇ ସପ୍ତାହଟି ରଖାଯାଇଥାଏ । ପରେ ଉକ୍ତ ମିଶ୍ରଣରେ ଧାନକୁଣ୍ଡା ମିଶାଇ ଲଡୁ ଆକାରରେ ପ୍ରସ୍ତୁତ କରି ପ୍ରତ୍ୟେକ ଟ୍ୟାଙ୍କରେ ଓଜନ ଅନୁଯାୟୀ ମିଶାଇ ଦିଆଯିବା ପରେ ବର୍ଜ୍ୟବସ୍ତୁରେ ଥିବା କୀଟାଣୁଗୁଡିକ ଜୈବିକ ସାର ପ୍ରସ୍ତୁତରେ ନିଜ କାମ ଆରମ୍ଭ କରିଦେଇଥାନ୍ତି । ନିର୍ଦ୍ଧାରିତ ସମୟ ୨୮ଦିନ ପରେ ପ୍ରସ୍ତୁତ ହୋଇ ସାରିଥିବା ଜୈବିକ ସାରକୁ ବାହାରକୁ କଢାଯାଇ ଖରାରେ ଶୁଖାଇବା ପରେ ତାହାକୁ ପ୍ୟାକିଂ କରାଯାଇ 'ମୋ ଖତ' ଯୋଜନାରେ କିଲୋ ୨୦ଟଙ୍କା ହିସାବରେ ବଜାରୀକରଣ କରାଯିବାର ଲକ୍ଷ୍ୟ ରଖାଯାଇଥିବା ନେଇ ଶ୍ରୀ ଶତପଥି ପ୍ରକାଶ କରିଛନ୍ତି ।ତେବେ ବଜାରୀକରଣ ପୂର୍ବରୁ ଏହି ଜୈବିକ ଖତର ଗୁଣବତା ପରୀକ୍ଷଣ ପାଇଁ ଭୁବନେଶ୍ୱର ସ୍ଥିତ ଓଡିଶା କୃଷି ବୈଷିୟକ ବିଶ୍ୱ ବିଦ୍ୟାଳୟକୁ ନମୂନା ପଠାଯାଇଛି ଏବଂ ଯଥାଶୀଘ୍ର ଏହାର ବଜାରୀକରଣ ନିମେନ୍ତ ସ୍ୱୀକୃତି ମିଳିଯିବ ବୋଲି ଶ୍ରୀ ଶତପଥି ଆଶା ପ୍ରକାଶ କରିଛନ୍ତି । ସେହିପରି ରାୟଗଡ ସହରର ପ୍ରତ୍ୟେକ ୱାର୍ଡରେ ସ୍ୱଚ୍ଛ ସାଥି ଓ ସ୍ୱଚ୍ଛ ସୁପରଭାଇଜରମାନଙ୍କୁ ଓଦା ଓ ଶୁଖିଲା ବର୍ଜ୍ୟ ବସ୍ତୁକୁ ବାହାରେ ନ ଫୋପାଡି ପୌର ପରିଷଦ ତରଫରୁ ଏହାକୁ ସଂଗ୍ରହ କରିବାକୁ ଆସୁଥିବା ଗାଡିଗୁଡିକରେ ପକାଇବା ନିମନ୍ତେ ଲୋକଙ୍କୁ ସଚେତନ କରିବା ଦିଗରେ ସେମାନଙ୍କୁ ତାଲିମ ଦିଆଯାଇଥିବା ଜଣାପଡିଛି । ସେହିପରି ଅଂଟାରିଗୁଡା ଠାରେ ଅଣୁ ଜୈବିକସାର ପ୍ରକ୍ରିୟାକରଣ ବ୍ୟତୀତ ପଲିଥିନ୍? ପ୍ଲାଷ୍ଟିକ ଆଦି ବର୍ଜ୍ୟବସ୍ତୁକୁ ପ୍ଲାଷ୍ଟିକ୍ ବୋଇଲିଙ୍ଗ ମେସିନ ଦ୍ୱାରା ଗୁଣ୍ଡ କରାଯାଇ ପ୍ଲାଷ୍ଟିକକୁ ପୁର୍ନବାର ବ୍ୟବହାର ଉପଯୋଗୀ ନିମେନ୍ତ ଏମଆରଏଫ କେନ୍ଦ୍ର ମଧ୍ୟ ନିର୍ମାଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ଶ୍ରୀ ଶତପଥୀ ସୂଚନା ଦେଇଛନ୍ତି।

# ଗୋପିନାଥପୁର ବାଲିଘାଟ ନିଲାମକୁ ବିରୋଧ କଲେ ପଞ୍ଚାୟତ ପ୍ରତିନିଧି

ଭଦ୍ରକ, ୨୪/୯ (ହି.ସ.) -ଆଜି ଅପରାହ୍ନରେ ପଂଚାୟତ କାର୍ଯ୍ୟାଳୟଠାରେ ସରପଂଚ ଅଶୋକ ଦାସଙ୍କ ପୌରହିତ୍ୟରେ ପ ାୟତର ଉନ୍ନୟନ ମୂଳକ କାର୍ଯ୍ୟ ନେଇ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଭିନ୍ନ ସରକାରୀ ଯୋଜନା ଯଥା ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ ାୟତ ପକ୍କାରାସ୍ତା ଆଦିର ସଫଳ ରୂପାୟନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିଶେଷ କରି ଚଳିତବର୍ଷ ସାଳନ୍ଦୀ ନଦୀ ବାଲିଘାଟ ନିଲାମ ହୋଇଥିବାରୁ ବୈଠକରେ ଅସନ୍ତୋଷ ଭାବ ସୃଷ୍ଟି ହୋଇଥିଲା । ଏଠାରେ ବାଲିଖନନ କରାଗଲେ ନଦୀ ସଂଲଗ୍ନ ଗାଁ ଲୋକଙ୍କର ନାନାଦି ସମସ୍ୟା ସୃଷ୍ଟି ହେବା ସହିତ ନଦୀର ଗତିପଥ ବଦଳି ବନ୍ୟା ଆଶଙ୍କା ସୃଷ୍ଟି ହେବ। ଅପରପକ୍ଷେ ନଦୀରୁ ବାଲି ଉଠାଇବା ସମୟରେ ପଠାରୁ ବାଲି ସମତେ ମାଟି କାଟିନେଉ ଥିବାର ଦେଖା ଯାଉଛି। ଆଗକୁ ଗ୍ରାମ ଗୁଡ଼ିକ ନଦୀଗର୍ଭରେ ଲୀନ ହେବାର ଆଶଙ୍କା କରି ଲୋକମାନଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ବାଲିଘାଟ ନିଲାମ ରଦ୍ଦ ପାଇଁ ଆଜିର ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ଏ ସଂପର୍କରେ ଜିଲାପାଳ ଓ ତହସିଲଦାରଙ୍କୁ ଲିଖିତ ଭାବେ ଜଣାଇବାକୁ ସ୍ଥିରିକୃତ ହୋଇଛି । ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ଜୟପ୍ରକାଶ ମହାପାତ୍ର, ନାଏବ ସରପ ସାଗରିକା ଦାସ, ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ଜେନା, ୱାର୍ଡ଼ସଭ୍ୟା/ସଭ୍ୟ ଉର୍ମିଳା ବେହେରା, ରାଜେନ୍ଦ୍ର ନାୟକ, ଶ୍ରୀଧର ବାରିକ, ଜଞ୍ଜାଳୀ ଖଟୁଆ, ଜୟନ୍ତୀ ମହାନ୍ତି, ନିରାକାର ଦାସ, ସାବିତ୍ରୀ ସାହୁ, ଭଜନ ବେହେରା, ଲକ୍ଷ୍ମୀପ୍ରିୟା ମଲ୍ଲିକ, ସନାତନ ରାଉତ, ହେନା ଦାସ ଓ ଗ୍ରାମରୋଜଗାର ସେବକ ସୁବୋଧ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶଥାଉକି ଏଥି ପୂର୍ବରୁ ଏହି ତହସିଲ ଅଧିନ ମହାନ୍ତିପଡ଼ା ପ ାୟତ ବାଲିଘାଟକୁ ମଧ୍ୟ ପ ାୟତ ପକ୍ଷରୁ ବିରୋଧ କରାଯାଇ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଯାଇ ଅଛି।

# କୋବିଡ ହସ୍‌ପିଟାଲରେ ଅଗ୍ନି ନିରାପତା ନେଇ ସ୍ୱତନ୍ତ୍ର ବୈଠକ ଓ ତାଲିମ

ଭଦ୍ରକ, ୨୪/୯ (ହି.ସ.) - ସମ୍ପ୍ରତି କଟକର ଏକ କୋବିଡ ହସ୍‌ପିଟାଲରେ ଅଗ୍ନିକାଣ୍ଡ ଘଟିବା ପରେ ରାଜ୍ୟ ସରକାର ସମସ୍ତ କୋବିଡ ହସ୍‌ପିଟାଲର ଅଗ୍ନି ନିରାପ । ବ୍ୟବସ୍ଥା ଅନୁଧ୍ୟାନ ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଭଦ୍ରକ ଜିଲ୍ଲାପାଳ ଡ. ଜ୍ଞାନ ଦାସ ଭଦ୍ରକ ସାଳନ୍ଦୀ କୋବିଡ଼ ହସ୍‌ପିଟାଲ ପରିଦର୍ଶନ କରି ସେଠାକାର ଅଗ୍ନି ନିରାପ । ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ପରେ ଆଜି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଏକ ବୈଠକ କରି ଲାଇନ ଡିପାର୍ଟମେ ସହିତ ସବିଶେଷ ଆଲୋଚନା କରିଥିଲେ। ଜିଲ୍ଲାପାଳ ଡ. ଦାସଙ୍କ ବୈଠକରେ ପୌରୋହିତ୍ୟ କରିବା ସହିତ ହସ୍‌ପିଟାଲର ଅଗ୍ନି ନିରାପ । ବ୍ୟବସ୍ଥା ନେଇ ସଂପୃକ୍ତ ହସ୍‌ପିଟାଲର କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଡାକ୍ତର ଏବଂ କର୍ମକର୍ା ସମସ୍ତେ ଏହାର ବ୍ୟବହାର ଶିଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥି ନେଇ ସମସ୍ତେ ଯତ୍ନଶୀଳ ହେବା ଆବଶ୍ୟକ। କେବେ କୌଣସି ପରିସ୍ଥିତିରେ ଯେପରି ଏ ନେଇ ପ୍ରଶ୍ନବାଚୀ ସୃଷ୍ଟି ନ ହୁଏ ସେଥିଲାଗି ସମସ୍ତେ ସଜାଗ ରହିବାକୁ ପରାମର୍ଶ ଦେଇଥିଲେ। କୋବିଡ଼ ହସ୍‌ପିଟାଲ ଆରମ୍ଭ ସମୟରେ ଅଗ୍ନି ନିରାପର୍ା ସଂକ୍ରାନ୍ତୀୟ ତାଲିମପ୍ରାପ୍ତ ହୋଇଥିଲେ ବି ନିୟମିତ ବ୍ୟବଧାନରେ ଏ ନେଇ ସମସ୍ତ କର୍ମଚାରୀଙ୍କୁ ପୁଣି ତାଲିମ ଦେବାକୁ ଅଗ୍ନିଶମ ବିଭାଗକୁ ପରାମର୍ଶ ଦେଇଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ୟାମଭକ୍ତ ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କୈଳାସ ପରିଡା, ଜିଲ୍ଲା ମୁଖ୍ୟଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ ପାତ୍ର, ଅତିରିକ୍ତ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ସୁବାଶିଷ ମହାରଣା, ଡେପୁଟୀ କଲେକ୍ଟର ଜରୁରୀ ବିଭାଗ ଜୟଶ୍ରୀ ସେନାପତିଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେ ଅଧିକାରୀ ଯୋଗ ଦେଇଥିଲେ। ପରେ ସାଳନ୍ଦୀ ହସ୍‌ପିଟାଲ ଠାରେ ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନିଶମ ଅଧିକାରୀ ରମେଶ ବେହେରାଙ୍କ ତ୍ୱାବଧାନରେ ବିଭାଗୀୟ କର୍ମଚାରୀମାନେ ଅଗ୍ନି ନିରାପ । ସମ୍ପର୍କୀତ ତାଲିମ ପ୍ରଦାନ କରିବା ସହିତ ଏହାର ବ୍ୟବହାରିକ ପରୀକ୍ଷଣ କରିଥିଲେ।

## ଛତ୍ରପୁରରେ ଜିଲ୍ଲାପାଳଙ୍କ ଦ୍ୱାରା ଦୋକାନ ଯାଂଚ୍

ଗଞ୍ଜାମ,୨୪।୯ (ନି.ପ୍ର): ଗଞ୍ଜାମ ଜିଲ୍ଲାପାଳ ବିଜୟ ଅମୃତ କୁଲାଙ୍ଗେ କେତେକ ପ୍ରଶାସନିକ ଅଧିକାରୀଙ୍କ ସହ ଯାଇ ଛତ୍ରପୁର ସହରରେ ଚାଲିଚାଲି ସମସ୍ତ ଦୋକାନ ଯାଂଚ୍ କରିଛନ୍ତି । ଦୋକାନୀ ମାନେ ପ୍ରଶାସନର ପଟଂସୂତ୍ରୀ ନିୟମକୁ ଠିକ୍ ଭାବେ ପାଳନ କରୁଛନ୍ତି କି ନାହିଁ ତାହାର ଅନୁଧ୍ୟାନ କରିଥିଲେ । ଅପର ବସଷ୍ଟାଣ୍ଡ ଠାରୁ ମୁଖ୍ୟ ରାସ୍ତା ଦେଇ ରିକାପଲ୍ଲୀ ଛକ ପର୍ଯ୍ୟ ନ୍ତ ଚାଲି ଚାଲି ଯାଇଥିଲେ । ସହରରେ ରାତ୍ରୀକାଳୀନ ସଫେଇ କାର୍ଯ୍ୟ ଆରମ୍ଭ କରିବାକୁ ଛତ୍ରପୁର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏନ୍. ଗଣେଶ ବାବୁଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ୩ ଦଫା ଦାବି ନେଇ ବାରିପଦା-କୋଷ୍ଠା ମୁଖ୍ୟ ରାସ୍ତାକୁ ଅବରୋଧ କଲେ ଶତାଧିକ ମହିଳା ଓ ପୁରୁଷ

ବାରିପଦା,୨୪।୯ (ନି.ପ୍ର): ବାରିପଦା ପୌରପରିଷଦର ୱାର୍ଡ ନମ୍ବର ୨୨ ରଘୁନାଥପୁରସ୍ଥିତ ମଇଳା ଖାଦାନ ସ୍ଥାନୀୟ ଜନସାଧାରଣଙ୍କ ନିମନ୍ତେ ମୁଣ୍ଡବ୍ୟଥାର କାରଣ ପାଲଟି ଯାଇଛି । ପୌରପରିଷଦର ଏହି ଦୈନିକ ପ୍ରାୟ ୭୦ ଟନରୁ ଅଧିକ ବର୍ଜ୍ୟବସ୍ତୁ ମଇଳାଖାଦାନ ପରିସରରେ ପକାଯାଇ ଆସୁଅଛି । ଏଣେତେଣେ ପଡ଼ିଥିବା ପ୍ଲାଷ୍ଟିକ ଜରି ପବନରେ ଉଡ଼ି ଜନସାଧାରଣଙ୍କ ଘରେ ପହଁଚୁଥିବା ସମୟରେ ଗ୍ରୀଷ୍ମଋତୁରେ ଜମି ରହିଥିବା ଶୁଖିଲା ବାହ୍ୟବସ୍ତୁରେ ନିଆଁ ଲଗାଯାଉଥିବାରୁ ସେଥିରୁ ମାସ ମାସ ଧରି ନିର୍ଗତ ଧୂଆଁ ନିକଟସ୍ଥ ଜନବସତିର ପରିବେଶକୁ ପ୍ରଦୂଷିତ କରୁଛି । ଏହି ସମୟରେ କିଛି ଦିନ ହେବ ମଇଳା ଖାଦାନ ପରିସରରେ କରୋନାରେ ମୃତ ବ୍ୟକ୍ତିମାନଙ୍କ ଶବ ଦାହ କରାଯାଉଛି । ଏହି ସମସ୍ତ ବିଷୟକୁ ନେଇ ସ୍ଥାନୀୟ ଜନସାଧାରଣ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ । ଫଳରେ ସ୍ଥାନୀୟ ଜନସାଧାରଣ ରାସ୍ତାକୁ ଓହ୍ଲାଇ ଆସିବାକୁ ବାଧ ହୋଇଛନ୍ତି । ପୌରପରିଷଦର ପୂର୍ବତନ ନଗରପାଳ ରାଜଶିବ ନାରାୟଣ କିସ୍କୁ, ଲକ୍ଷ୍ମୀପୋଷି ପଚାଂୟତର ସରପଚଂଙ୍କ ପ୍ରତିନିଧି ଓ ପଚାଂୟତ ସମିତି ସଦସ୍ୟଙ୍କ ନେତୃତ୍ୱରେ ଶତାଧିକ ମହିଳା ହାତରେ ଲାଠି ଧରି ଆଜି ସକାଳ ପ୍ରାୟ ୭ରୁ ବାରିପଦା-କୋଷ୍ଠା ମୁଖ୍ୟ ରାସ୍ତା ସହ ରାସ୍ତାକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ଅବରୋଧ କରିଥିଲେ । ଫଳରେ ରାସ୍ତାରେ ଗାଡ଼ିମୋଟର ଚଳାଚଳ ସାଙ୍ଗକୁ ଗମନାଗମନ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା । ଖବର ପାଇ ବାରିପଦା ତହସିଲଦାର ରାମଚନ୍ଦ୍ର ସୋରେନ, ବାରିପଦା ସଦର ଏସଡ଼ିପିଓ କେ. କେ. ହରିପ୍ରସାଦ, ପୌର ନିର୍ବାହୀ ଅଧିକାରୀଙ୍କ ପ୍ରତିନିଧି ଭାବେ କନିଷ୍ଠ ଯନ୍ତ୍ରୀ ମନମୋହନ ମହାପାତ୍ର, ବାରିପଦା ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଁଚି ଆନ୍ଦୋଳନକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ଏହାପରେ ଆଜିଠାରୁ ପରବର୍ତି ନିଷ୍ପତି ନିଆଯିବା ପର୍ଯ୍ୟନ୍ତ ମଇଳା ଖାଦାନ ପରିସରରେ କୌଣସି ଶବ ଦାହ କରାଯିବ ନାହିଁ ବୋଲି ତହସିଲଦାର ଶ୍ରୀ ସୋରେନ ଆନ୍ଦୋଳନକାରୀମାନଙ୍କୁ ପ୍ରତିଶ୍ରୁତି ଦେବା ସହ ୩ ଦଫା ଦାବିକୁ ନେଇ ଆଲୋଚନା ମାଧ୍ୟମରେ ସମାଧାନର ସୂତ୍ର ବହାର କରାଯିବ ବୋଲି ଘୋଷଣା କରିବା ପରେ ଅପରାହ୍ନ ପ୍ରାୟ ୨ଟା ସମୟରେ ରାସ୍ତା ଅବରୋଧ ହଟିଥିଲା । ଏହି ଆନ୍ଦୋଳନରେ ଫକୀର ସିଂ, ନରେନ୍ଦ୍ର ହାଁସଦାଃ, ରଞ୍ଜିତ କୁମାର ଦାସ, ମୁକେଶ ମୁଖୀ, ମଧୁ ହେମ୍ବ୍ରମ, ଗଗନ ଚନ୍ଦ୍ର ଦାସ, ମନୋରଞ୍ଜନ ଜେନା, ମନୁ ମାର୍ଣ୍ଡି ପ୍ରମୁଖ ସାମିଲ ରହିଥିଲେ। ସୂଚନା ଯୋଗ୍ୟ ଯେ, ପୂର୍ବତନ ନଗରପାଳ ଶ୍ରୀ କିସ୍କୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପୌର ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ବାରିପଦା ଉପଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ସାକ୍ଷାତ କରିବା ନିମନ୍ତେ ପୌରକାର୍ଯ୍ୟାଳୟକୁ ଯାଇଥିଲେ। ମାତ୍ର ପୌରନିର୍ବିାହୀ ଅଧିକାରୀ ଆଲୋଚନା ପାଇଁ ନ ଡ଼ାକି କାର୍ଯ୍ୟାଳୟର ପିଅନ ଦ୍ୱାରା ରାସ୍ତା ଅବରୋଧ ହଟାଇ ଆଲୋଚନାକୁ ଆସିବା ପାଇଁ କହି ଫେରାଇ ଦେଇଥିଲେ । ଯାହା ପୂର୍ବତନ ନଗରପାଳ ଶ୍ରୀ କିସ୍କୁଙ୍କୁ ବ୍ୟଥିତ କରିଥିଲା ।

## ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ପାଇଁ ଜଗତସିଂହପୁର ଜିଲ୍ଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର,୨୪।୯ (ନି.ପ୍ର): କୋଭିଡ୍ -୧୯ ସଂଗ୍ରାମ ମଧ୍ୟରେ ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମର ରୂପାୟନରେ ଜଗତସିଂହପୁର ଜିଲ୍ଲା ଦେଶରେ ଦ୍ୱିତୀୟ ହୋଇଥିବାରୁ ଜିଲ୍ଲାପାଳଙ୍କୁ ଅଭିନନ୍ଦନ ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଉନ୍ନତ ନିଦାନ ଓ ଚିକିତ୍ସା କ୍ଷେତ୍ରରେ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇ ଓଡ଼ିଶା ଯକ୍ଷ୍ମା ଆରୋଗ୍ୟରେ ଦେଶରେ ଅଗ୍ରଣୀ ରାଜ୍ୟ ହୋଇପାରିଛି ବୋଲି ସେ କହିଛନ୍ତି ।

# ବେଆଇନ ବାଲି ଚାଲାଣକୁ ଗ୍ରାମବାସୀଙ୍କ ବିରୋଧ ଘଟଣାରେ ୨ ହାଇୱା ସହ ୨ ପ୍ରୋକେଲିନକୁ ଜବତ କଲା ତହସିଲଦାର

ଧର୍ମଶାଳା,୨୪।୯ (ନି.ପ୍ର): ବ୍ରାହ୍ମଣୀ ନଦୀରୁ ହାଇୱାରେ ବେଆଇନ ବାଲି ଚାଲାଣକୁ ଗ୍ରାମବାସୀ ଗତ କାଲି ସନ୍ଧ୍ୟାରେ ବିରୋଧ କରିଥିଲେ। ରସୁଲପୁର ବ୍ଲକ ମହେଶ୍ୱରପୁର ପଂଚାୟତର ଶତାଧିକ ଗ୍ରାମବାସୀ ନଦୀରୁ ବାଲି ଚାଲାଣ କରୁଥିବା ୨ ହାଇୱାକୁ ଅଟକ ରଖିଥିଲେ। ଫଳରେ ହାଇୱା ସହ ୨ଟି ଗାଡି ଲୋଡ କରୁଥିବା ପ୍ରୋକେଲିନ ମେସିନକୁ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୂଜବଳ ଜବତ କରିଛନ୍ତି । ସେମାନଙ୍କଠାରୁ ଜରିମାନା ଆଦାୟ କରାଯିବା ଯିବା ସେ ପ୍ରକାଶ କରିଛନ୍ତି । ସୂଚନା ମୁତାବକ ମହେଶ୍ୱରପୁର ଅଂଚଳରୁ ବ୍ରାହ୍ମଣୀ ନଦୀରୁ ବେଆଇନଭାବେ ମାଫିଆମାନେ ବାଲି ଉତୋଳନ କରି ବିଭିନ୍ନ ସ୍ଥାନକୁ ଚାଲାଣ କରୁଥିଲେ। ଫଳରେ ସରକାର ଏଠାରେ ରାଜସ୍ୱ ହରାଉଥିଲେ । ବାରମ୍ବାର ଅଭିଯୋଗ ପରେ ଏହି ଅଂଚଳର ବାଲିଘାଟକୁ ନିଲାମ କରାଯାଇଥିଲା। ଏବେ ଚଳିତ ବର୍ଷ ବ୍ରାହ୍ମଣୀ ନଦୀରେ ବନ୍ୟା ଜଳ ଆସିବା ପରେ ୩ ମାସ ହେବ ବାଲି ଘାଟ ବନ୍ଦ ରହିଥିଲା । ହେଲେ ଆଜି ଏହି ଘାଟରୁ ହାଇୱା ଯୋଗେ ଜିଲା ବାହାରକୁ ଚାଲାଣ ହେଉଥିବା ଦେଖି ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି । ବନ୍ୟା ପରେ ଏହି ନଦୀ ବନ୍ଧ ଦୁର୍ବଳ ହୋଇଯାଇଛି । ନଦୀ ବନ୍ଧର ମରାମତିର ଆବ୍ୟକତା ରହିଥିବା ବେଳେ ଏହି ଘାଟରୁ ସ୍ଥାନୀୟ ଅଂଚଳର ଲୋକେ ବାଲି ଉତୋଳନ କରିପାରୁ ନଥିବା ବେଳେ ଏହି ଘାଟର ନିଲାମ ଅବଧି ଅଛି କି ନାହିଁ ସନ୍ଦେହ କରି ଗତ କାଲି ସନ୍ଧ୍ୟାରେ ଗ୍ରାମବାସୀ ବ୍ୟବହୃତ ହାଇୱା ସହ ମେସିନକୁ ଅଟକ ରଖିଥିଲେ ।

## ମୋଟର ମେକାନିକଙ୍କ ମୃତ୍ୟୁ

କୋରେଇ,୨୪।୯ (ନି.ପ୍ର): ଯାଜପୁର ଜିଲ୍ଲା ପାଣିକୋଇଲି ତଥା ସଠିପୁର ଅଂଚଳରେ ମୋଟର ମୋକାନିକ ଭାବେ ପ୍ରସିଦ୍ଧି ଲାଭ କରିଥିବା କୋରାଇ ବ୍ଲକ ଅନ୍ତର୍ଗକ କରଦା ପଂଚାୟତ ରାଣୀଗୋଡା ବଢ଼େଇ ସାହିର ବାବନ ଓଝା (୬୯) ମଙ୍ଗଳବାର ରାତ୍ରୀରେ ମୃତ୍ୟୁବରଣ କରଇଛନ୍ତି । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଥିଲା । ତାଙ୍କ ମରଶରୀରକୁ ବୈତରଣୀ ନଦୀ କୂଳକୁ ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ପୁତ୍ର ନିରଞ୍ଜନ ଓଝା ମୁଖାଗ୍ନୀ ଦେଇଥିଲେ। ତାଙ୍କ ମୃତ୍ୟୁରେ କରଦା ସରପଂଚ ଗଣେଷ ସାହୁ, ମାଳଆନନ୍ଦପୁର ସରପଂଚ ବିଶ୍ୱନାଥ ସ୍ୱାଇଁ, ମୂଳାପାଳ ସରପଂଚ ପ୍ରତିନିଧି ସଂଜୀବ ନାୟକ, ସମାଜସେବୀ ପ୍ରତାପ ଧଳ, ଦୈତାରୀ ଧଳ, ଦିଲ୍ଲୀପ ଧଳ, ଅନିରୁଦ୍ଧ ମହାରଣା, ପାକୁଆ ଓଝା ପ୍ରମୁଖ ଶୋକ ପ୍ରକାଶ କରିବା ସହ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।

## ବରିଷ୍ଠ ନାଗରିକ ସଂଘର ଜରୁରୀ ବୈଠକ

କନ୍ଧମାଳ,୨୪।୯ (ନି.ପ୍ର): କନ୍ଧମାଳ ଜିଲା ବରିଷ୍ଠ ନାଗରିକ ସଂଘର ଏକ ଜରୁରୀ କାଳିନ ବୈଠକ ସଭାପତି ଡ଼ଃ.ରାଜ କିଶୋର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘର କାର୍ଯ୍ୟ ନିର୍ବାହୀ ସଭ୍ୟ , ଉପଦେଷ୍ଟା ଓ ପରିଚଳନା କମିଟିର କର୍ମକର୍ତା ମାନେ ଯୋଗ ଦେଇଥିଲେ। ସଂଘର କାର୍ଯ୍ୟକାରି ସଂପାଦକ ସୂର୍ଯ୍ୟ ନାରାୟଣ ମହାପାତ୍ରଙ୍କ ଅକାଳ ବିୟୋଗ ଯୋଗୁଁ ପ୍ରାରମ୍ଭରେ ସଂଘ ପକ୍ଷରୁ ତାଙ୍କର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ସ୍ୱର୍ଗତ ମହାପାତ୍ରଙ୍କ ବିୟୋଗ ଯୋଗୁଁ ସଂଘରେ ଖାଲିପଡ଼ିଥିବା ପଦରେ ବ୍ରହ୍ମାନନ୍ଦ ପାଣିଗ୍ରାହୀଙ୍କୁ ସର୍ବ ସମ୍ମତି କ୍ରମେ ଅତିରିକ୍ତ ସାଧାରଣ ସଂପାଦକ ଭାବେ ମନୋନିତ କରାଯାଇଛି । ସଭାରେ କୋଭିଡ୍ ନିୟମ ପ୍ରକାରେ ସଭ୍ୟମାନେ ମାକ୍ସ ପିନ୍ଧି ଓ ମାମାଜିକ ଦୂରତ୍ୱ ରକ୍ଷା କରି ସଭାରେ ଉପସ୍ଥିତ ଥିଲେ । ସଭାରେ ଅନ୍ୟମାନଙ୍କ ମଧ୍ୟରେ ସର୍ବେଶ୍ୱର ମିଶ୍ର ,ନବୀନ କିଶୋର ପଣ୍ଡା ,ଗୌରହରି ସାହୁ , ଅଚ୍ୟୁତାନନ୍ଦ କହଁର ,ପି.ରଘୁନନ୍ଦନ ପାତ୍ର , ଲକ୍ଷ୍ମୀ ନାରାୟଣ ଦୋରା , ତାରିଣି ଚରଣ ମୁନୀ , ପ୍ରମୋଦ ପଟନାୟକ ଓ ଡ଼.ଅନନ୍ତ ଚରଣ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଥିବା ବେଳେ ଶେଷରେ ପ୍ରସନ୍ନ କୁମାର ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଚୋରା ମଦ ବେପାରୀକୁ କାବୁକଲେ ମହିଳା : ବୋତଲ ଭାଙ୍ଗିଲେ, ଛାଞ୍ଚୁଣିରେ ପିଟିଲେ

ଭଦ୍ରକ, ୨୪/୯ (ହି.ସ.) - ଜଣେ ଚୋରା ମଦ ବେପାରୀକୁ କେତେକ ଗ୍ରାମୀଣ ମହିଳା କାବୁ କରି ଛାଞ୍ଚୁଣୀ ଓ ହାତରେ ନିର୍ଘାତ ଛେଚିବା ସହ ମଦବୋତଲ ଗୁଡ଼ିକୁ ପିଟି ନଷ୍ଟ କରିଥିବାର ଜଣାପଡିଛି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଏହି ଜିଲାର ତିହିଡି ଥାନା ଅଂଚଳରେ। ପ୍ରାପ୍ତ ଖବରରୁ ଯାହା ଜଣାଯାଏ ଅଲ୍ଲୀନଗର ଅଂଚଳର ଜଣେ ଚୋରା ମଦ ବେପାରୀ ପ୍ରତ୍ୟେକ ଦିନ କୋହ୍ଲ ଅଂଚଳରେ ତାର ବ୍ୟବସାୟ କରିଆସୁଥିଲା। ସ୍ଥାନୀୟ ଲୋକେ ବାରମ୍ବାର ମନା କରିବା ସତ୍ତ୍ୱେ ସେ ନିଜ ଜିଦ୍‌ରେ ଅଟଳ ଥିଲା। ଯାହାଫଳରେ ଉକ୍ତ ଅଂଚଳର ବହୁ ଶ୍ରମଜୀବୀ ଗରିବ ଲୋକେ ନିଜ ପରିବାର ପ୍ରତିପୋଷଣ ନକରି ଅର୍ଜିତ ଟଙ୍କାରେ ମଦ ପିଇ ମାତାଲ ହେଉଥିଲେ। ଯାହାଫଳରେ ବହୁ ପରିବାରରେ ଅଶାନ୍ତି ଲାଗି ରହୁଥିଲା। ବିଶେଷକରି ଏହି ଚୋରା ମଦ କାରବାର ଫଳରେ ସ୍ଥାନୀୟ ବହୁ ଯୁବକ ଓ ବ୍ୟକ୍ତିବିଶେଷ ଅସାମାଜିକ କାର୍ଯ୍ୟ କରିବା ଫଳରେ ଭୟର ବାତାବରଣ ଲାଗିରହୁଥିଲା। ତେବେ ଆଜି ଭୋର୍ ସମୟରେ କୋହ୍ଲ ପେଟ୍ରୋଲପମ୍ପ ନିକଟରେ ଖବର ପାଇ ଛକିବସିଥିବା ମହିଳାମାନେ ଉକ୍ତ ମଦ ବେପାରୀକୁ କାବୁ କରିବା ସହ ତାକୁ ଛା ୁଣୀ ଓ ହାତରେ ମାଡ ମାରି ସାବାଡ୍ କରିଥିଲେ। ଖାଲି ସେତିକି ନୁହେଁ ମଦ ବୋତଲ ଗୁଡିକୁ ଭାଙ୍ଗିବା ସହ ତାକୁ ରାସ୍ତାରେ ଚଲାଇ ଚଲାଇ ପୁଲିସ୍‌ର ଜିମା ଦେଇଥିଲେ।

# ପୂର୍ବତଟ ରେଳପଥ ପକ୍ଷରୁ ୨୨୬ ଟି ଟ୍ରେନରେ ପଣ୍ୟ ପରିବହନ କରାଯାଇପାରିଛି

ଭୁବନେଶ୍ୱର,୨୪।୯ (ନି.ପ୍ର): ଚଳିତ ବର୍ଷର ୨୧ ସେପ୍ଟେମ୍ବର ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ବ୍ୟବସାୟ ବିକାଶ ୟୁନିଟ୍ ର ପ୍ରୟାସ ହେତୁ ୬୭୦.୬୭ ମିଲିୟନ୍ ଟନ୍ ମାଲ ପରିବହନ କରାଯାଇଛି। ଏହା ମଧ୍ୟରେ ସାର, ଫ୍ଲାଏ ଆଶ, ସିମେଂଟ, ଚାଉଳ, ମକା, ସ୍ଲାଗ୍ ଏବଂ ଇସ୍ପାତ, ଲୁହାପଥର ଏବଂ କୋଇଲା ଇତ୍ୟାଦି ଅନ୍ତର୍ଭୁକ୍ତ। ପରିବହନରେ କ୍ଷେତ୍ରରେ ରେଳବାଇର ଅଂଶ ବୃଦ୍ଧି କରିବା ପାଇଁ ପୂର୍ବ ତଟ ରେଳପଥ ପକ୍ଷରୁ ପ୍ରାରମ୍ଭ କରାଯାଇଥିବା ବ୍ୟବସାୟ ବିକାଶ ୟୁନିଟ୍ (ବିଡିୟୁ) ମାଧ୍ୟମରେ ବିଭିନ୍ନ ବାଣିଜ୍ୟ ଏବଂ ଶିଳ୍ପ ସଂସ୍ଥା ସହିତ ନିରନ୍ତର ସମ୍ପର୍କରେ ରହିଛି । ଅଣ-ବହୁଳ ସାମଗ୍ରୀ ଯେଉଁ ଗୁଡିକ ରାଜପଥ ଗୁଡିକରେ ପରିବହନ କରାଯାଉଛି ସେଗୁଡିକୁ ରେଳ ମାଧ୍ୟମରେ ପରିବହନ କରିବା ପାଇଁ ଏହି ୟୁନିଟ୍ ଗୁଡିକ ଗ୍ରାହକ ମାନଙ୍କ ଉତ୍ପାଦ ରେଳଦ୍ୱାରା ପରିବହନ ପାଇଁ ବାଣିଜ୍ୟ ଏବଂ ଶିଳ୍ପଗୁଡିକୁ ଆକର୍ଷିତ କରୁଛନ୍ତି । ପୂର୍ବ ତଟ ରେଳପଥ ୨୧ ସେପ୍ଟେମ୍ବର, ୨୦୨୦ ପର୍ଯ୍ୟନ୍ତ ପ୍ରାୟ ୨୨୬ ରେକ୍ / ଟ୍ରେନ୍ ରେ ପଣ୍ୟ ପରିବହନ କରିଛି। ପୂର୍ବ ତଟ ରେଳପଥ ବ୍ୟବସାୟ ବିକାଶ ୟୁନିଟ୍ ଗଠନ ପରଠାରୁ ଏହି ରେଳବାଇ ପ୍ରାୟ ୦.୬୭ ନିୟୁତ ଟନ୍ ମାଲ ପରିବହନ କରିଛି । ଧାନମଣ୍ଡଳ ରେଳ ଷ୍ଟେସନରୁ ଇଫକୋ ଦ୍ୱାରା ସାର ଲୋଡିଂ, ମେରାମାଣ୍ଡଳିରେ ଟାଟା ଭୂଷଣ ଷ୍ଟିଲ ଲିମିଟେଡ ସାଇଡିଂରୁ ଏବଂ ଲପଙ୍ଗା ଠାରେ ବେଦାନ୍ତ ଇଣ୍ଡଷ୍ଟ୍ରି ସାଇଡିଂରୁ ଫ୍ଲାଏ ଆଶ୍ , ବରଗଡରୁ ସିମେଂଟ, କେସିଙ୍ଗା ଓ ଜୟପୁର ଷ୍ଟେସନ ଠାରୁ ମକା, କିରାନ୍ଦୁଲରୁ ଲୁହାପଥର, ୱାଲଟିୟର ରେଳମଣ୍ଡଳରୁ କୋଇଲା, ବିଶାଖାପାଟନମ୍ ଷ୍ଟିଲ୍ ପ୍ଲାଂଟରୁ ସ୍ଲାଗ୍ ଓ ଷ୍ଟିଲ ଗଙ୍ଗାଭରମ ବନ୍ଦରକୁ ସ୍ୱଳ୍ପ ଦୂରତା ପରିବହନ କରାଯାଇ ପାରିଛି । ଇଫକୋ ଦ୍ୱାରା ଧାନମଣ୍ଡଳ ରେଳ ଷ୍ଟେସନରୁ ୧୫ ଟି ରେକ୍ (୦.୦୪ ନିୟୁତ ଟନ) ସାର ପରିବହନ ସହିତ ସମ୍ବଲପୁର ରେଳମଣ୍ଡଳରୁ ୪୦ ରେକ୍ (୦.୦୬ ନିୟୁତ ଟନ) ଚାଉଳ, ୩୨ ରେକ୍ (୦.୦୫ନିୟୁତ ଟନ) ସିମେଂଟ, ୱାଲଟିୟର ରେଳମଣ୍ଡଳରୁ ୭୮ ରେକ୍ (୦.୩୧ନିୟୁତ ଟନ) ଲୁହାପଥର ଏବଂ ୫୬ ଟି ରେକ୍ (୦.୨୦ନିୟୁତ ଟନ) ସ୍ଲାଗ୍ ଏବଂ ଷ୍ଟିଲ୍ ପୂର୍ବତଟ ରେଳପଥ ବ୍ୟବସାୟ ବିକାଶ ୟୁନିଟ୍ ଉଦ୍ୟମ ଦ୍ୱାରା ପରିବହନ କରାଯାଇଅଛି । ପୂର୍ବତଟ ରେଳପଥ ବ୍ୟବସାୟ ବିକାଶ ୟୁନିଟ୍ ଗଠନ ପରଠାରୁ ୨୧ ସେପଟ୍ମେର, ୨୦୨୦ ମଧ୍ୟରେ ସମୁଦାୟ ୦.୬୭ ନିୟୁତ ଟନ ମାଲ ପରିବହନ କେବଳ ବ୍ୟବସାୟ ବିକାଶ ୟୁନିଟ୍ ର ଉଦ୍ୟମ ଯୋଗୁଁ ସମ୍ଭବ ହୋଇପାରିଛି । ପୂର୍ବତଟ ରେଳପଥ ଏହାର ୨୮ ଟି ଗୁଡ୍ ଶେଡ୍ କୁ ଆଉଟସୋର୍ସିଂ ଭିତିରେ ପ୍ରଦାନ କରିବାକୁ ଯୋଜନା କରିଛି। ବର୍ତମାନ ଚାଲୁଥିବା ପାରମ୍ପରିକ ଦ୍ରବ୍ୟରେ ରେଳବାଇର ଅଂଶକୁ ମଜବୁତ କରିବା ପାଇଁ ପୂର୍ବତଟ ରେଳପଥ ବର୍ତ୍ତମାନ ବିଭିନ୍ନ ଅଣ-ବହୁଳ ସାମଗ୍ରୀ ଟ୍ରାଫିକ୍ ବୃଦ୍ଧି କରିବାର ଉପାୟ ଅନୁସନ୍ଧାନ ଜାରିରଖିଛି ।

# ମାଟିର୍ ଉର୍ବରତା ବଢ଼ାଇବ କଫିନ୍



ନେଦରଲ୍ୟାଣ୍ଡର ଡେଲ୍‌ଫ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିର ଜଣେ ଛାତ୍ର ଏକ ଭିନ୍ନ ପ୍ରକାର କଫିନ୍ ଡିଜାଇନ୍ କରିଛନ୍ତି, ଯାହା ସମୟ କ୍ରମେ ପ୍ରକୃତି ଦ୍ୱାରା ଆପଣାଛାଏଁ ବିଘଟିତ ହେବ । ସେ ହେଉଛନ୍ତି ଷ୍ଟାର୍ଟଅପ୍ କମ୍ପାନି 'ଲୁପ୍'ର ପ୍ରତିଷ୍ଠାତା ବବ୍ ହେନ୍‌ଡ୍ରିକ୍ସ । ସେ କଫିନ୍‌ର ନାଁ ରଖିଛନ୍ତି 'ଲିଭିଙ୍ଗ କୋକୁନ୍' । ସାଧାରଣ କଫିନ୍ ତୁଳନାରେ ଏହା ମୃତ ଶରୀରକୁ ଅଧିକ ଦକ୍ଷତାର ସହ ବିଘଟନ ହେବାରେ ସାହାଯ୍ୟ କରିବ ଏବଂ ଶରୀରରେ ଥିବା ବିଷାକ୍ତ ଉପାଦାନଗୁଡ଼ିକୁ ବାହାର କରିବ । ନୂଆ ବୃକ୍ଷ ଓ ଚାରା ବୃଦ୍ଧି ନିମନ୍ତେ ଏହା ମାଟିର ଉର୍ବରତା ବୃଦ୍ଧି କରିବ । ବ୍ୟାପକ ପରୀକ୍ଷା ଏବଂ ଦୁଇଟି ପ୍ରମୁଖ ଅନ୍ତିମ ସଂସ୍କାରକାରୀ ସମିତି ସହିତ କାମ କରିବା ପରେ ଏହି କଫିନ୍ ଉଦ୍ଭାବନ କରାଯାଇଛି । ପରିବେଶ ପାଇଁ ପୋଷକ ତତ୍ତ୍ୱରେ ରୂପାନ୍ତରିତ କରିବା ନିମନ୍ତେ ଏହା ନିରନ୍ତର ବର୍ଜ୍ୟ ବସ୍ତୁର ଅନ୍ୱେଷଣ କରେ । ତେଲ, ପ୍ଲାଷ୍ଟିକ୍ ଓ ଧାତୁ ଆଦି ବିଷାକ୍ତ ପଦାର୍ଥ କ୍ଷେତ୍ରରେ ମଧ୍ୟ ସମାନ ରୂପେ କାମ କରେ ବୋଲି ବବ୍ କହିଛନ୍ତି । ଏହି କଫିନ୍ ମାଇସେଲିୟମ୍ ନାମକ ପ୍ରାକୃତିକ ରିସାଇକ୍ଲର୍ ବ୍ୟବହାର କରେ, ଯାହା ଗଛ, ଚାରା ଓ କବକର ମୂଳ ଢାଞ୍ଚାରେ ପ୍ରାକୃତିକ ରୂପେ ବଢ଼େ । ବିଷାକ୍ତ ଉପାଦାନକୁ ନିଷ୍କ୍ରିୟ କରି ନୂଆ ଚାରା ଓ ବୃକ୍ଷକୁ ପୋଷକ ତତ୍ତ୍ୱ ପ୍ରଦାନ କରେ । ମୃତ୍ତିକା ପରିଷ୍କାର କରିବାରେ ଚେର୍‌ନୋବିଲ ଓ ରୋଟରଡ୍ୟାମ୍‌ରେ ଏହି ପ୍ରକ୍ରିୟା ପ୍ରୟୋଗ କରାଯାଏ । ଲିଭିଙ୍ଗ କୋକୁନ୍ ନାମକ ଏହି କଫିନ୍ ମୃତ୍ତିକାକୁ ପ୍ରଦୂଷିତ କରିବା ବଦଳରେ ବ୍ୟକ୍ତିଙ୍କୁ ପୁନଃ ପ୍ରକୃତି ସହ ମିଶାଏ ଏବଂ ମୃତ୍ତିକାକୁ ସମୃଦ୍ଧ କରିବାରେ ସାହାଯ୍ୟ କରେ ବୋଲି ବବ୍ କହିଛନ୍ତି । ସାଧାରଣତଃ ଏକ କଫିନ୍‌ରେ ଥିବା ମୃତ ଶରୀର ବିଘଟିତ ହେବାକୁ ଦୀର୍ଘ ଦଶନ୍ଧି ଲାଗିଯାଏ । କିନ୍ତୁ ସଦ୍ୟ ବିକଶିତ ଏହି କଫିନ୍ ମାତ୍ର ୨-୩ ବର୍ଷ ମଧ୍ୟରେ ଏହି ପ୍ରକ୍ରିୟା ପୂରଣ କରିପାରେ । ମୃତ ଶରୀରକୁ ପୋଷକ ତତ୍ତ୍ୱ ରୂପେ ପ୍ରୟୋଗ କରି ପ୍ରଦୂଷିତ ଅଞ୍ଚଳଗୁଡ଼ିକୁ ସ୍ୱାସ୍ଥ୍ୟକର ପରିବେଶରେ ରୂପାନ୍ତରିତ କରିବା ଏହି କମ୍ପାନିର ଉଦ୍ଦେଶ୍ୟ ବୋଲି ବବ୍ କହିଛନ୍ତି ।

# ପାହାଡ଼ିଆ ଅଞ୍ଚଳରେ ଚାଲିବ ହ୍ୱିଲ୍‌ଚେୟାର



ଜଣେ ବ୍ୟକ୍ତି ନିଜ ଭିନ୍ନକ୍ଷମ ପତ୍ନୀଙ୍କ ପାଇଁ ଏକ ସ୍ୱତନ୍ତ୍ର ହ୍ୱିଲ୍‌ଚେୟାର ଉଦ୍ଭାବନ କରିଛନ୍ତି । ଏହା କେବଳ ରାସ୍ତାରେ ନୁହେଁ, ବରଂ ଆବଡ଼ା ଖାବଡ଼ା; ଏପରିକି ପାହାଡ଼ିଆ ଅଞ୍ଚଳକୁ ଯାଇପାରିବ । ଜ୍ୟାକ୍ ନେଲସନ୍ ପେସାରେ ଜଣେ ଇଞ୍ଜିନିୟର । କିନ୍ତୁ ୟୁଟ୍ୟୁବ୍‌ରେ ଜେରି ରିଗ୍ ଏଭ୍ରିଥିଙ୍ଗ୍ ନାମରେ ସେ ଅଧିକ ପରିଚିତ । ଅନେକ ଉପକରଣ ଉଦ୍ଭାବନ କରିବାରେ ସେ ଲୋକପ୍ରିୟତା ପାଇଛନ୍ତି । ସଦ୍ୟତମ ଉଦ୍ଭାବନ ସେ ପତ୍ନୀ କ୍ୟାମ୍ରି କେଲରଙ୍କ ପାଇଁ କରିଛନ୍ତି, ଯେଉଁଥିପାଇଁ ସୋସିଆଲ ମିଡିଆରେ ତାଙ୍କୁ ଖୁବ୍ ପ୍ରଶଂସା ମିଳୁଛି । ୨୦୦୫ ମସିହାରେ ଏକ ଦୁର୍ଘଟଣାର ଶିକାର ହୋଇ ଜ୍ୟାକ୍‌ଙ୍କ ପତ୍ନୀ କ୍ୟାମ୍ରିଙ୍କ ଅଣ୍ଟା ତଳକୁ ଅଚଳ ହୋଇଗଲା । ତା' ପରଠୁ ପତ୍ନୀଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ଜ୍ୟାକ୍ ସାହାଯ୍ୟ କରିଆସୁଛନ୍ତି । କ୍ୟାମ୍ରିଙ୍କ ରୋମାଞ୍ଚକର ସ୍ଥାନକୁ ଯିବାର ସ୍ୱପ୍ନ ପୂରଣ କରିବାରେ ମଧ୍ୟ ସେ ସାହାଯ୍ୟ କରିଛନ୍ତି । ୨୦୧୮ ମସିହାରେ କ୍ୟାମ୍ରିଙ୍କ ଦୁଃସାହସିକ ସ୍ୱପ୍ନକୁ ସାକାର କରିବା ପାଇଁ ଦୁଇଟି ଇଲେକ୍ଟ୍ରିକ୍ ବାଇକ୍‌କୁ ଏକାଠି କରି ତା' ମଝିରେ ଏକ ସିଟ୍ ରଖିବାକୁ ଜ୍ୟାକ୍ ନଷ୍ପତ୍ତି ନେଲେ । ଏହି ହାଇ-ଟେକ୍ ହ୍ୱିଲ୍‌ଚେୟାରରକୁ ଖୁବ୍ ଆରାମଦାୟକ ଏବଂ ଦୁଃସାହସିକ ରାସ୍ତାରେ ବେଶ ଫଳପ୍ରଦ କରିବା ପାଇଁ ସେ ଲାଗିପଡ଼ିଲେ । ଏବେ ଏହାର ନିର୍ମାଣ କାମ ଶେଷ ହୋଇଛି । ସେ ଏହାର ନାମ ଦେଇଛନ୍ତି 'ନୋ-ଏ-ହ୍ୱିଲ୍‌ଚେୟାର' । ଘଣ୍ଟାପ୍ରତି ଏହାର ବେଗ ୨୦ କିମି । ଥରେ ପୂରା ଚାର୍ଜ ହେଲେ ୧୫-୩୪ କିମି ଯାଇପାରେ । ତେବେ ଏହି ହ୍ୱିଲ୍‌ଚେୟାର ନିର୍ମାଣ ନିମନ୍ତେ ଜ୍ୟାକ୍‌ଙ୍କ ପାଇଁ ସବୁଠୁ ବଡ଼ ବାଧକ ଥିଲା ଅର୍ଥ । ସମସ୍ତଙ୍କ ପାଇଁ ସହଜରେ ଉପଲବ୍ଧ ହୋଇପାରୁଥିବା ଯାନ ଉଦ୍ଭାବନ କରିବାକୁ ସେ ଚାହୁଁଥିଲେ । ତେଣୁ ଶସ୍ତା ଓ ସହଜରେ ଏଭଳି ଏକ ଯାନ ନିର୍ମାଣ କରିବା ପାଇଁ ତାଙ୍କୁ ଅଧିକ ସମୟ ଲାଗିଲା । ଏବେ ଏହା ବଜାରରେ ଉପଲବ୍ଧ ହେଉଛି । ସବୁ ବର୍ଗର ଲୋକେ ଏହି 'ଅଫ୍-ରୋଡ ହ୍ୱିଲ୍‌ଚେୟାର୍'କୁ ବ୍ୟବହାର କରିପାରିବେ ବୋଲି ଜ୍ୟାକ୍ କହିଛନ୍ତି । ପରୀକ୍ଷା କରିବା ପାଇଁ ଏହି ହ୍ୱିଲ୍‌ଚେୟାରକୁ କ୍ୟାମ୍ରି ଦୁଇ ଥର ହାୱାଇକୁ ନେଇଥିଲେ ।

# ସ୍ୱାସ୍ଥ୍ୟ ଟିପ୍‌ସ

ଥଣ୍ଡା ପାଣି ସ୍ୱାସ୍ଥ୍ୟପାଇଁ ଅହିତକର । ବୟସ କମ୍ ଥିବା ବେଳେ ଏହାର କୁପ୍ରଭାବ ଜଣାପଡ଼େନାହିଁ । ବୟସ ବଢ଼ିବା ସହ ଜଣାପଡ଼େ । ଯେଉଁମାନେ ଅଧିକ ଥଣ୍ଡା ପାଣି ପିଅନ୍ତି, ସେମାନେ ପରବର୍ତ୍ତୀ କାଳରେ ଅଧିକ ବ୍ୟାଧିଗ୍ରସ୍ତ ହେଉଥିବା, ଏକ ଅଧ୍ୟୟନରୁ ପ୍ରକାଶ । ଥଣ୍ଡା ପାଣି ଅଧିକ ପିଇବା ଦ୍ୱାରା ହୃତ୍ ପିଣ୍ଡର ଚାରିଟି ମୁଖ୍ୟ ଧମନୀର କାର୍ଯ୍ୟକାରୀ ଶକ୍ତି ହ୍ରାସ ପାଏ; ମଣିଷ ହୃଦ୍‌ଘାତର ଶିକାର ହୁଏ । ଶୀତଳ ମୃଦୁ ପାନୀୟ ସର୍ବାଧିକ କ୍ଷତିକାରକ । ଏହା ଯକୃତରେ ମେଦ ଜମାଏ । ଉଦର, ବୃହଦନ୍ତ୍ର ଆଦିର ଅଶେଷ କ୍ଷତି ଘଟାଏ । କର୍କଟ ଆଶଙ୍କା ବଢ଼ାଏ । ଅପରପକ୍ଷେ ଉଷୁମ ପାଣି ସ୍ୱାସ୍ଥ୍ୟକର । ପ୍ରତି ଦିନ ସକାଳେ ଖାଲି ପେଟରେ ଚାରି ଗ୍ଲାସ୍ ଉଷୁମ ପାଣି ପିଇବା ଉଚିତ । ଏହା ଦ୍ୱାରା ଅନେକ ରୋଗ ଦୂରହେଉଥିବା ପ୍ରମାଣିତ । ଏହା ଦ୍ୱାରା ରକ୍ତ ଚାପ ଜନିତ ସମସ୍ୟା, ହୃତ୍‌ଘାତ, ମଧୁମେହ, ଗଳା-ନାକ,କାନ ସମସ୍ୟା, ମହିଳାଙ୍କ ଋତୁ ସମସ୍ୟା, ମୁଣ୍ଡ ବିନ୍ଧା, ଶ୍ୱାସରୋଗ, କୋଲେଷ୍ଟେରୋଲ୍, ଅପସ୍ମାର ଆଦିରୁ ମୁକ୍ତି ମିଳୁଥିବା ଜଣାଯାଏ ।



# ବିବାହରେ ଅତିଥିଙ୍କ କାଠ ପ୍ରତିମା



କରୋନା ମହାମାରୀ ଯୋଗୁଁ ବିବାହ, ଜନ୍ମଦିନ ଆଦି ଉତ୍ସବ କେବଳ ପରିବାର ଭିତରେ ହିଁ ସୀମିତ ହୋଇଛି । ଏହି ସ୍ଥିତିରେ ବ୍ରିଟେନ୍‌ର ଏକ ଦମ୍ପତି ଉଭୟଙ୍କ ବିବାହ ନିମନ୍ତେ କାଠରେ ଅତିଥିଙ୍କ ପ୍ରତିମା ନିର୍ମାଣ କରି ଚର୍ଚ୍ଚାକୁ ଆସିଛନ୍ତି । କାର୍ଡବୋର୍ଡ କାଟି ଅତିଥିଙ୍କ ପୂର୍ଣ୍ଣ ପ୍ରତିମା ନିର୍ମାଣ କରିଛନ୍ତି । ଏଥିପାଇଁ ସେମାନେ ପ୍ରାୟ ୧.୮ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି । ଗିଲ୍‌ଡଫୋର୍ଡର ବ୍ରାମ୍‌ଲି ବାସିନ୍ଦା ରୋମାନି ଓ ସାମ୍ ରୋନ୍‌ଡୋ- ସ୍ମିଥ୍ ନିକଟରେ ବିବାହ କରିଛନ୍ତି । କିନ୍ତୁ ମହାମାରୀ ସମୟରେ ସାମାଜିକ ଦୂରତ୍ୱ ନିୟମ କଡ଼ାକଡ଼ି ପାଳନ ହେଉଥିବାବେଳେ ବିବାହ ଉତ୍ସବରେ ଅତିଥିଙ୍କ କେମିତି ଡାକିବେ, ତାହା ସେମାନଙ୍କ ପାଇଁ ଏକମାତ୍ର ସମସ୍ୟା ଥିଲା । ଏହି ସମୟରେ କାର୍ଡବୋର୍ଡ କଟ୍-ଆଉଟ୍‌ରେ ଅତିଥିଙ୍କ ପ୍ରତିମା ନିର୍ମାଣ କରିବାର ବିଚାର ସେମାନଙ୍କ ମନକୁ ଆସିଲା । କାଠନିର୍ମିତ ୫୦ ଅତିଥିଙ୍କ ସହିତ ଦମ୍ପତିଙ୍କ ବିବାହ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି । ଉଭୟଙ୍କ ବିବାହ ଉତ୍ସବରେ ସେହି ଅତିଥିଙ୍କ ମଧ୍ୟରୁ କିଛି ଉପସ୍ଥିତ ଥିଲେ । କିଛି ନିକଟତମ ପରିଜନ ନବଦମ୍ପତିଙ୍କ ଆଶୀର୍ବାଦ ଦେବାକୁ ସେଠାରେ ପହଞ୍ଚିଥିଲେ । ସେମାନଙ୍କ କାଠ ପ୍ରତିମା ମାସ୍କ ପିନ୍ଧାନଥିବାବେଳେ ସେମାନଙ୍କୁ ମାସ୍କ ପିନ୍ଧିବାକୁ ପଡ଼ିଥିଲା । କରୋନା ମହାମାରୀ ଆରମ୍ଭ ହେବା ପୂର୍ବରୁ ରୋମାନି ଓ ସାମ୍ ବିବାହରେ ୧୦୦ ଅତିଥିଙ୍କୁ ନିମନ୍ତ୍ରଣ କରିବାକୁ ଯୋଜନା କରିଥିଲେ । ପରେ କିନ୍ତୁ ସ୍ଥିତି ଗମ୍ଭୀର ହେବାରୁ କାହା ପାଇଁ ଅପେକ୍ଷା ନ କରି କେବଳ ବିବାହ କରିବାକୁ ସେମାନେ ସ୍ଥିର କଲେ ।

# ବିଶ୍ୱର ପିଲାଙ୍କୁ ମାଗଣା ଅନ୍‌ଲାଇନ୍ ଗଣିତ ଶିକ୍ଷା



କରୋନା ଭାଇରସ୍ ସଂକ୍ରମଣ ଭୟରେ ନାଇଜେରିଆରେ ଗତ କିଛି ମାସ ତଳେ ସ୍କୁଲ ବନ୍ଦ ହୋଇଯିବାରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଖୁବ୍ ସମସ୍ୟା ସୃଷ୍ଟି ହୋଇଥିଲା । ଏହାକୁ ଦେଖି ଦେଶର ସବୁଠୁ ବଡ଼ ସହର ଲାଗୋସ୍‌ର ଜଣେ ଗଣିତ ଶିକ୍ଷୟିତ୍ରୀ ବସିରତ୍ ଓଲାମାଇଡ୍ ଅଜୟୀ ଏକ ଅଭିନବ ପଦକ୍ଷେପ ନେଲେ । ସେ ଟ୍ୱିଟର, ହ୍ୱାଟସଆପ୍ ଓ ଇନ୍‌ଷ୍ଟାଗ୍ରାମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଅନ୍‌ଲାଇନ୍ ମାଗଣା ଗଣିତ ଶିକ୍ଷା ଦେବାକୁ ସ୍ଥିର କଲେ । ବର୍ତ୍ତମାନ ଛଅ ମାସ ପରେ ୧୮୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ତାଙ୍କ ନିକଟରୁ ଗଣିତ ଶିକ୍ଷା ନେଉଛନ୍ତି । ସେମାନଙ୍କ ମଧ୍ୟରେ ନାଇଜେରିଆ, କାନାଡ଼ା ସମେତ ସାରା ବିଶ୍ୱର ବିଭିନ୍ନ ଦେଶର ଛାତ୍ରଛାତ୍ରୀ ସାମିଲ ଅଛନ୍ତି । ୩୬ ବର୍ଷୀୟା ଅଜୟୀ ଅନଲାଇନ୍ ଗଣିତ ଶିକ୍ଷା ସଂପର୍କିତ ଛୋଟ ଭିଡିଓ ଅପଲୋଡ୍ କରିଥାନ୍ତି । ତାହା ୫ ମିନିଟ୍‌ରୁ ଅଧିକ ଅବଧିର ହୋଇନଥାଏ । ସେଥିରେ ସେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କିଛି ପ୍ରଶ୍ନ ମଧ୍ୟ ଦେଇଥାନ୍ତି । ସେମାନେ ତା'ର ଉତ୍ତର ଦେବା ସହ ଆବଶ୍ୟକ ସ୍ଥଳରେ ତାଙ୍କୁ ପ୍ରଶ୍ନ ପଚାରିଥାନ୍ତି । ସମୟ ସମୟରେ ସେ ଛାତ୍ରଛାତ୍ରୀଙ୍କ ପ୍ରଶ୍ନର ଉତ୍ତର ଦେବା ଲାଗି ରାତି ୨ଟି ଯାଏ ଜାଗ୍ରତ ରହିଥାନ୍ତି । ଏ ସଂପର୍କରେ ଅଜୟୀ କହନ୍ତି, 'କୋଭିଡ୍‌ର ଉଭୟ ନକାରାତ୍ମକ ଏବଂ ସକାରାତ୍ମକ ପ୍ରଭାବ ରହିଛି । ସକାରାତ୍ମକ ପ୍ରଭାବ ହେଲା ଆମେ ଟେକ୍ନୋଲୋଜି ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ଦେଇ ପାରୁଛୁ । ସେଥିଲାଗି ମୁଁ ଖୁବ୍ ଖୁସି ଅଛି' । ପ୍ରଥମେ ଯେତେବେଳେ ସେ ଅନଲାଇନ୍ ଶିକ୍ଷାଦାନ ଆରମ୍ଭ କଲେ ସେତେବେଳେ ମୋବାଇଲ୍‌ରେ ଗାଣିତିକ ପ୍ରଶ୍ନର ସମାଧାନ କରୁଥିଲେ । ଏହା ଦେଖି ଜଣେ ଛାତ୍ରଙ୍କର ବାପା ମା' ତାଙ୍କ ଏକ ହ୍ୱାଇଟ୍ ବୋର୍ଡ ଦାନ କଲେ । ପରେ ଆଉ କେତେଜଣ ଛାତ୍ରଛାତ୍ରୀଙ୍କ ମାତାପିତା ତାଙ୍କୁ ପଢ଼ା ସମ୍ପର୍କୀୟ ବିଭିନ୍ନ ଉପକରଣ ଦାନ କରିଛନ୍ତି ।

# ମଞ୍ଚରେ ମନ୍ତ୍ରୀଙ୍କ କେଶ କାଟି ପାଇଲେ ୬୦ ହଜାର



ସେଲୁନ୍ ଖୋଲିବା ପାଇଁ ସାହାଯ୍ୟ ମାଗିଥିବା ଜଣେ ଯୁବକ ମଞ୍ଚ ଉପରେ ମନ୍ତ୍ରୀଙ୍କ କେଶ କାଟି ମୋଟା ଅଙ୍କର ପୁରସ୍କାର ପାଇଛନ୍ତି । ଖଣ୍ଡୱା ଜିଲ୍ଲାର ଗୁଲାଇମାଲଠାରେ ଏହି ଘଟଣା ଦେଖିବାକୁ ମିଳିଛି । ରୋହିଦାସ ନାମକ ଏହି ଯୁବକ ଜଣକ ନିଜର ଏକ ସେଲୁନ୍ ଖୋଲିବା ପାଇଁ ମଧ୍ୟପ୍ରଦେଶ ଜଙ୍ଗଲ ମନ୍ତ୍ରୀ ବିଜୟ ଶାହଙ୍କୁ ସାହାଯ୍ୟ ମାଗିଥିଲେ । ନିକଟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମନ୍ତ୍ରୀ ରୋହିଦାସଙ୍କୁ ମଞ୍ଚ ଉପରକୁ ଡାକିଲେ ଏବଂ ତାଙ୍କ କେଶ ଓ ଦାଢ଼ି କାଟିବା ପାଇଁ କହିଲେ । ରୋହିଦାସ ମୁହଁରେ ମାସ୍କ ପିନ୍ଧି ମଞ୍ଚ ଉପରେ ମନ୍ତ୍ରୀଙ୍କ କେଶ ଓ ଦାଢ଼ି କାଟିଲେ । ଏହା ପରେ ସେହି ମଞ୍ଚ ଉପରେ ମନ୍ତ୍ରୀ ଶାହ ରୋହିଦାସଙ୍କୁ ୬୦ ହଜାର ଟଙ୍କା ପ୍ରଦାନ କଲେ । ଏହି ଦୃଶ୍ୟ ସ୍ଥାନୀୟ ବାସିନ୍ଦା ଏବଂ ଉପସ୍ଥିତ ଲୋକଙ୍କ ପାଇଁ ନୂଆ ଥିଲା । ଏ ବିଷୟରେ ମନ୍ତ୍ରୀ ଶାହ କହିଛନ୍ତି 'କୋଭିଡ୍-୧୯ କଟକଣା ଯୋଗୁ ଏହି ଲୋକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଗତ କିଛି ମାସ ଧରି ଏମାନେ ଚାକିରି ମଧ୍ୟ ହରାଇଛନ୍ତି । ମଞ୍ଚ ଉପରେ ରୋହିଦାସଙ୍କ ଦ୍ୱାରା ମୁଁ କେଶ ଓ ଦାଢ଼ି କଟାଇବାର କାରଣ ମୁଁ ଲୋକଙ୍କ ଆତ୍ମବିଶ୍ୱାସ ବଢ଼ାଇବାକୁ ଚାହେଁ ଯେ ଯଦି କୋଭିଡ୍ ସମ୍ପର୍କିତ ସମସ୍ତ ନିୟମ ପାଳନ କରାଯାଏ, ତେବେ ଏହା ସୁରକ୍ଷିତ ।' ମନ୍ତ୍ରୀଙ୍କ ଫଣ୍ଡରୁ ଏହି ଅର୍ଥ ରୋହିଦାସଙ୍କୁ ପ୍ରଦାନ କରାଯାଇଛି ।

# 'ଖିରି' ବତିଶ ହଜାର୍ ବର୍ଷ ପୁରୁଣା

ଗୁମ୍ଫାବାସୀ ମଣିଷର ମୁଖ୍ୟ ଖାଦ୍ୟ ଥିଲା । ଫଳମୂଳ, ମାଂସ ଓ କନ୍ଦ । ମଣିଷ ଦଶ ହଜାର ବର୍ଷ ତଳେ କର୍ମ ଆରମ୍ଭ କରିଥିବା ଏକଦା ବିଶ୍ୱାସ କରାଯାଉଥିଲା । ତେବେ, ଏହି ଧାରଣା ଭ୍ରମାତ୍ମକ । ଏହାର ନୂଆ ନୂଆ ପ୍ରମାଣ ମିଳୁଛି । ଶସ୍ୟ ଉତ୍ପାଦନ ଓଇ ଖାଦ୍ୟ ଭାବେ ଏହାର ବ୍ୟବହାର ଆହୁରି ଅଧିକ ପୁରାତନ ହୋଇଥାଇପାରେ । ୧୯୮୦ରେ ଇଟାଲିର ଏକ ଗୁମ୍ଫାରୁ ମିଳିଥିବା ପଦାର୍ଥ, ଗୁଣ୍ଡ ଶସ୍ୟରୁ ପ୍ରସ୍ତୁତ ଖିରି ବୋଲି ବିଜ୍ଞାନୀମାନେ ପରୀକ୍ଷା ପରେ ନିର୍ଣ୍ଣିତ ହୋଇଥିଲେ । ଉକ୍ତ ଖିରି ଅନ୍ୟୂନ ବତିଶ ହଜାର ବର୍ଷ ତଳର । ଉକ୍ତ ଗୁମ୍ଫାରୁ ଶସ୍ୟ ଚୂରିବା ପାଇଁ ଉଦ୍ଦିଷ୍ଟ ଏକ ପ୍ରସ୍ତର ମଧ୍ୟ ମିଳିଥିଲା ।



# ଚାଲି ଚାଲି ୪୦ ହଜାର କିମି



ମାସାଚୁସେଟ୍‌ସର ୮୮ ବର୍ଷୀୟ ଜଣେର ବୃଦ୍ଧ ଚାଲି ଚାଲି ୪୦,୦୭୫ କିଲୋମିଟର ପୂରଣ କରିବାକୁ ଯାଉଛନ୍ତି, ଯାହା ପୃଥିବୀ ପରିଧିର ଲମ୍ବ ସହ ସମାନ । ବ୍ରାଡ୍ ହାଥଆୱେ ଆସନ୍ତା ଅକ୍ଟୋବର ୩ ତାରିଖରେ ଏହି ଲକ୍ଷ୍ୟ ପୂରଣର କରିବାକୁ ଯୋଜନା କରୁଛନ୍ତି । ବ୍ରାଡ୍‌ଙ୍କୁ ଯେତେବେଳେ ୫୦ ବର୍ଷ ବୟସ ହୋଇଥିଲା, ସେ ମଧୁମେହ, ହୃତ୍‌ପିଣ୍ଡ ଓ ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟାରେ ପୀଡ଼ିତ ଥିଲେ । ଡାକ୍ତର ତାଙ୍କୁ ଚାଲିବା ଆରମ୍ଭ କରିବାକୁ ପରାମର୍ଶ ଦେଲେ । ଏ ବିଷୟରେ ବ୍ରାଡ୍ କହନ୍ତି 'ଡାକ୍ତର ମୋତେ କହିଲେ, କାଲିଠାରୁ ତୁମେ ଚାଲିବା ଆରମ୍ଭ କରିଦେବା ଉଚିତ । ଦିନକୁ ୩ ମାଇଲ ଚାଲିବା ଆରମ୍ଭ କରରର । ମୁଁ ସେହିପରି କଲି । ଚାଲି ଚାଲି ପୂରା ସହର ପରକ୍ରମା କରିଦେଲି । ବ୍ରାଡ୍ ୧୯୮୮ ମସିହା ଡିସେମ୍ବରର ମାସରେ ଚାଲିବା ଆରମ୍ଭ କରିଥିଲେ । ଖରା, ବର୍ଷାରେ ମଧ୍ୟ ଚାଲିବା ବନ୍ଦ କଲେ ନାହିଁ । ବେଳେବେଳେ ସେ ଦିନକୁ ୧୦ ମାଇଲ ଚାଲିଲେ । ବୟସ ବଢ଼ିବା ସହିତ ତାଙ୍କ ଚାଲିବା ଟିକିଏ କଷ୍ଟକର ହେଲା । ଏକ ବାଡ଼ି ସାହାଯ୍ୟରେ ସେ ଏବେ ଚାଲୁଛନ୍ତି । ଚାଲିବା ସମୟରେର ବ୍ରାଡ୍ ଅଳିଆ ଓ ମୂଲ୍ୟବାନ ବସ୍ତୁ ସଂଗ୍ରହ କରିଥାନ୍ତି । ପରିତ୍ୟକ୍ତ ବସ୍ତୁରି ସେ ପ୍ରାୟ ୭ ହଜାର ଡଲାର ସଂଗ୍ରହ କରିଛନ୍ତି । କିଛି ଭଲ ବନ୍ଧୁ ମଧ୍ୟ ତାଙ୍କ ଜୀବନରେ ଆସିଛନ୍ତି । ଦୈନିକ ସେ କେତେ କିମି ଚାଲନ୍ତି, ତା'ର ହିସାବ ରଖନ୍ତି । ଆଜି ସୁଦ୍ଧା ସେ କେତେ କିମି ଯାତ୍ରା କରିଛନ୍ତି, ତାହା ଜାଣିବା ପାଇଁ ନିକଟରେ ସେ ହିସବ ଖାତା ଦେଖିଲେ । ଚାଲିବା ମାଧମରେ ବ୍ରାଡ୍ ଯେଉଁ ପାଣ୍ଠି ସଂଗ୍ରହ କରିଛନ୍ତି, ତାକୁ ମାଟାପୋଏସେଟ୍ ଲ୍ୟାଣ୍ଡ ଟ୍ରଷ୍ଟକୁ ପ୍ରଦାନ କରିବେ । ଔକୁଟ୍ ଅଞ୍ଚଳରେ ୪୮୦ ଏକର ଭୂମି ସଂରକ୍ଷଣ ନିମନ୍ତେ ଏହି ଅର୍ଥ ଖର୍ଚ୍ଚ ହେବ । ଏହି ଲକ୍ଷ୍ୟ ପୂରଣ ପରେ ମଧ୍ୟ ଚାଲିବା ଜାରି ରଖିବେ ବୋଲି ବ୍ରାଡ୍ କହିଛନ୍ତି ।

# ସ୍ୱାସ୍ଥ୍ୟ ଟିପ୍‌ସ

ନିୟମିତ ମଦ ପିଉଥିଲେ ଲୋକେ ସାତ ପ୍ରକାରର କର୍କଟର ଶିକାର ହୋଇପାରନ୍ତି; ଶରୀରର ସାତଟି ଅଙ୍ଗରେ କର୍କଟ ଭୋଗିପାରନ୍ତି । ଏହି ଅଙ୍ଗଗୁଡ଼ିକ ହେଲା- ବକ୍ରସନିକା (ଓରୋଫାରିଙ୍କ୍ସ), ସ୍ୱରକ (ଲାରିଙ୍କ୍ସ), ଗ୍ରାସନଳୀ (ଇସୋଫଗସ୍), ଯକୃତ୍ (ଲିଭର୍), ବୃହଦନ୍ତ (କୋଲନ୍), ମଳାଶୟ (ରେକ୍‌ଟମ୍) ଓ ସ୍ତନ । ସୁରାପାନ ଦ୍ୱାରା ଏହି ଅଙ୍ଗଗୁଡ଼ିକରେ କର୍କଟ ହେଉଥିବା ବିଭିନ୍ନ ଅଧ୍ୟୟନରୁ ପ୍ରମାଣିତ । ସୁରାପାନ ଯୋଗୁଁ ବାର୍ଷିକ ପ୍ରାୟ ପାଞ୍ଚ ଲକ୍ଷ ଲୋକଙ୍କ ପ୍ରାଣ ଯାଉଛି । ଅଧିକ ଆଲ୍‌କୋହଲିକ୍ ପାନୀୟ ପିଉଥିବା ଲୋକଙ୍କ କ୍ଷେତ୍ରରେ କର୍କଟ ଆଶଙ୍କା ୨୩ ପ୍ରତିଶତ ଅଧିକ । ଏହା ବନ୍ଦ କଲେ ବା ନିୟନ୍ତ୍ରଣରେ ରଖିଲେ ଆଶଙ୍କା ୧୩ ପ୍ରତିଶତ ହ୍ରାସ ପାଏ ।

# ଫିଟ୍‌ନେସ ବ୍ୟାଣ୍ଡ

ରେଡ୍‌ମି ଭାରତରେ ନିଜର ପ୍ରଥମ ଫିଟ୍‌ନେସ ବ୍ୟାଣ୍ଡ ଲଞ୍ଚ୍ କରିଛି । ଅନ୍ୟ ବ୍ୟାଣ୍ଡ ତୁଳନାରେ ଏହା ଦେଖିବାକୁ ବି ଅଲଗା । ଏଥିରେ ହୃତ୍‌ସ୍ପନ୍ଦନ ମାପିବାର ମନିଟର ଏବଂ ନିଦ ଜାଣିବା ଲାଗି ସ୍ଲିପ୍ ଟ୍ରାକିଂ ମୋଡ୍ ରହିଛି । ଭାରତରେ ଏହାର ମୂଲ୍ୟ ୧୫୯୯ ଟଙ୍କା ରଖାଯାଇଥିବା କମ୍ପାନୀ ସୂତ୍ରରୁ ପ୍ରକାଶ । ଏହି ବ୍ୟାଣ୍ଡ କଳା, ନୀଳ, ସବୁଜ ଏବଂ କମଳା ରଙ୍ଗରେ ଉପଲବ୍ଧ । ଓଏଲ୍‌ଇଡି ଡିସ୍‌ପ୍ଲେ ସହ ଏଥିରେ ଅପ୍‌ଟିକାଲ ସେନ୍‌ସର ରହିଛି ଯାହା ୨୪ ଘଣ୍ଟା ହୃତ୍‌ସ୍ପନ୍ଦନ ଉପରେ ନଜର ରଖିଥାଏ । ୫୦ ମିଟର ଗଭୀର ପାଣିରେ ବି ଏହାକୁ ୧୦ ମିନିଟ୍ ପର୍ଯ୍ୟନ୍ତ ବ୍ୟବହାର କରିହେବ । ଅର୍ଥାତ୍ ଯଦି ଭୁଲ୍‌ରେ ଏହି ଫିଟ୍‌ନେସ ବ୍ୟାଣ୍ଡ ପିନ୍ଧି ସନ୍ତରଣ କରିବାକୁ ଯାଇଛନ୍ତି କିମ୍ବା ଗାଧୋଇ ପଡ଼ିଛନ୍ତି, ଏହାର କିଛି କ୍ଷତି ହେବନାହିଁ । ରିଷ୍ଟ ଟୁ ୱେକ୍ ଜେଷ୍ଟର ଦ୍ୱାରା କେବଳ ନିଜ କଟଟି ବୁଲାଇ ଏହାର ସ୍କ୍ରିନ୍ ଅନ୍ କରିପାରିବେ । ଥରଟିଏ ପୂରା ଚାର୍ଜ ହୋଇଗଲେ ଏହା ୧୪ ଦିନ ଚାଲିପାରିବ । ସ୍ମାର୍ଟଫୋନ୍‌ରେ ଏହାକୁ ସଂଯୁକ୍ତ କରି ବିଭିନ୍ନ ସୂଚନା ପାଇପାରିବେ । ଏହା ଉଭୟ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ବ୍ୟବସ୍ଥାରେ କାମ କରିଥାଏ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୫ ସେପ୍ଟେମ୍ବର ୨୦୨୦, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଜଟିଳତା ହେଉଛି ବଲିଉଡର ଅବସ୍ଥା...

ବହୁଚର୍ଚ୍ଚିତ ପ୍ରସଙ୍ଗ ଭିତରେ କରୋନା ମହାମାରୀର ପ୍ରକୋପ ରହିଥିବାବେଳେ କିଛି ମାସ ଧରି ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ଅସ୍ୱାଭାବିକ ମୃତ୍ୟୁ ହଇଚଇ ସୃଷ୍ଟି କରିଛି । ରହୁଥିବା ଘରେ ଝୁଲନ୍ତା ଅବସ୍ଥାରେ ସୁଶାନ୍ତଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା । ମାତ୍ର ତାଙ୍କର ମୃତ୍ୟୁ ନେଇ ସୃଷ୍ଟି ହୋଇଥିବା ରହସ୍ୟପୂର୍ଣ୍ଣ ଅଧ୍ୟାୟର ପର୍ଦ୍ଦା ଧୀରେ ଧୀରେ ଖୋଲିବାରେ ଲାଗିଛି । ଗାର୍ଲଫ୍ରେଣ୍ଡ ରିୟା ଚକ୍ରବର୍ତ୍ତୀଙ୍କ ସହ ଏକାଧିକ ବ୍ୟକ୍ତିଙ୍କର ଭୂମିକା ଏବେ କୁହେଳିକାମୟ ହୋଇଉଠୁଛି । ଏଯାଏଁ ପ୍ରକାଶିତ ହୋଇନଥିବା ସୁଶାନ୍ତଙ୍କ ଭିସେରା ରିପୋର୍ଟ ମୃତ୍ୟୁର ପ୍ରକୃତ କାରଣ ଉନ୍ମୋଚନ କରାଯିବାରେ ସହାୟକ ହେବ ବୋଲି ବିଶ୍ୱାସ କରାଯାଉଥିବା ବେଳେ ପ୍ରକରଣ ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ତାହା ହେଉଛି ବଲିଉଡ୍‌ରେ ଡ୍ରଗ୍ସ କାରବାର । ରିୟା ଚକ୍ରବର୍ତ୍ତୀ ଯେବେଠାରୁ ସୁଶାନ୍ତଙ୍କ ଜୀବନରେ ପ୍ରବେଶ କଲେ, ସେବେଠାରୁ ନିଜେ ଅଭିନେତା ଆପଣା ବ୍ୟକ୍ତିତ୍ୱକୁ ଦୁର୍ବଳ କରିସାରିଥିଲେ । ନିଜେ ରିୟା କୁଆଡ଼େ ସୁଶାନ୍ତଙ୍କ ପାଇଁ ନିଶା ଔଷଧ ଯୋଗାଡ଼ କରୁଥିଲେ ଏବଂ ତାହାର ନଗତ ପ୍ରଭାବବଶତଃ ଅଭିନେତା ହୋଇପଡୁଥିଲେ ଅସହାୟ ଓ ପରନିର୍ଭରଶୀଳ । ନିଜ ପରିବାର ପ୍ରତି ସେ ପୂର୍ବଭଳି ସମ୍ପର୍କ ରଖିବାରେ ଅକ୍ଷମ ହୋଇପଡୁଥିଲେ, ସେତିକି ନୁହେଁ, ରିୟାଙ୍କର ଚତୁର କୌଶଳ ଆଗରେ ନିଜକୁ ସମର୍ପି ଦେଉଥିଲେ । କଥିତ ମୃତ୍ୟୁ ନେଇ ଖୋଳତାଡ଼ ନେଇ ବିହାର ଓ ମୁମ୍ବାଇ ପୁଲିସ ଭିତରେ କେମିତି ଟଣାଓଟରା ହେଲା ଏବଂ ସୁପ୍ରିମ କୋର୍ଟ ନିର୍ଦ୍ଦେଶ ପର୍ଯ୍ୟନ୍ତ କଥା ଗଲା, ତାହା ଦେଶ ଦେଖିଛି । ତାହାରି ଭିତରେ ସିବିଆଇ ଦ୍ୱାରା ତଦନ୍ତ ସକାଶେ ହୋଇଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ ହେବାବେଳକୁ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋର ପଦକ୍ଷେପ ବହୁ ବିପଜ୍ଜନକ ଦିଗକୁ ଆଲୋକ ଆଣିଦେଇଛି । ରିୟା, ଭାଇ ସୌଭିକ୍‌ଙ୍କୁ ଏନ୍‌ସିବିର ସଘନ ଜେରାରୁ ମିଳିଥିବା ତଥ୍ୟ ଆଧାରରେ ବଲିଉଡ୍‌ର ଜଣାଶୁଣା ହସ୍ତୀମାନଙ୍କର ଡ୍ରଗ୍ସ କାରବାରରେ ସମ୍ପୃକ୍ତି ଧରାପଡ଼ିବାରେ ଲାଗିଛି । ଆଳୁ ଖୋଳୁ ଖୋଳୁ ମହାଦେବ ବାହାରିବା ନ୍ୟାୟରେ ଜଣକ ପରେ ଜଣେ ଅଭିନେତ୍ରୀ ଓ ନିର୍ଦ୍ଦେଶକଙ୍କୁ ନେଇ ମାୟାଜାଲ ଖୋଲିବାରେ ଲାଗିଛି । 'କେଦାରନାଥ' ଫିଲ୍ମରେ ସୁଶାନ୍ତଙ୍କ ସହ ଅଭିନୟ କରିଥିବା ସାରା ଅଲ୍ଲୀ ଖାଁ, ଶ୍ରଦ୍ଧା କପୁର ହୁଅନ୍ତୁ କି ଦୀପିକା ପାଦୁକୋନ୍‌ଙ୍କ ଭଳି ନାମୀ କଳାକାର ହୁଅନ୍ତୁ, ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ ଦ୍ୱାରା ସମନ୍ ହେବା ବଲିଉଡ୍ ଜଗତ ପାଇଁ ମର୍ଯ୍ୟାଦାହାନିକର ଲକ୍ଷଣରେ ଯାଏ । ଯେଉଁ ଅଭିନେତା ଓ ଅଭିନେତ୍ରୀଙ୍କ ଦର୍ଶକମାନେ ବିଶେଷକରି ଯୁବପିଢ଼ି ସେମାନଙ୍କର ଆଦର୍ଶ ବୋଲି ଧରିନେଇଛନ୍ତି, ସେମାନେ ଏହି ପ୍ରକରଣ ପଦାରେ ପଡ଼ିଲେ କିଭଳି ଭାବୁଥିବେ । ନାର୍କୋଟିକ୍ସ କାରବାର ଭଳି ଜଘନ୍ୟ ତଥା ଘୃଣ୍ୟ ବ୍ୟବସ୍ଥାରେ ଜଡ଼ିତ ବ୍ୟକ୍ତିବିଶେଷଙ୍କର ସଭ୍ୟ ସମାଜରେ ସ୍ଥାନ ନାହିଁ । ରିୟା ଚକ୍ରବର୍ତ୍ତୀ ପ୍ରଥମରେ ସୁଶାନ୍ତଙ୍କର ମୃତ୍ୟୁ ନେଇ ରଖିଥିବା ଭୂମିକା ଏବେ ପଦାକୁ ଆସିଯାଇଛି । ବଲିଉଡ୍‌ର ବହୁ କଳାକାରଙ୍କ ନାମ ଜେରା ସମୟରେ ସେ କହିଦେଇଥିବାରୁ ସିବିଆଇ ଓ ଏନ୍‌ସିବିର ତଦନ୍ତ ପ୍ରକ୍ରିୟା ଅଧିକ ବେଗ ଓ ତେଜ ପାଇବ ବୋଲି ଆଶା କରାଯାଇପାରେ । ଡ୍ରଗ୍ସ କାରବାର ନିୟନ୍ତ୍ରଣ ନେଇ ଯେଉଁ ଆଇନକାନୁନ ରହିଛି, ସେଥିରେ କଠୋର ପ୍ରବଧାନ ରହିଛି । ଶକ୍ତ କାର୍ଯ୍ୟାନୁଷ୍ଠାନ ବ୍ୟବସ୍ଥା ରହିଥିବା ସତ୍ତ୍ୱେ ଗଂଜେଇ, ବ୍ରାଉନ୍ ସୁଗର ଭଳି ନିଶାଦ୍ରବ୍ୟ ଚାଲାଣ ବଢ଼ିଚାଲିଛି ସିନା, ଊଣା ହୋଇନାହିଁ । ଏହାର ଅର୍ଥ ହୋଇପାରେ, ପ୍ରଚଳିତ କାନୁନ୍ କଟକଣାକୁ ଚୋରା କାରବାରୀଙ୍କ ଖାତିର ନାହିଁ । ଏବେ ବଲିଉଡ୍‌ରେ ଯେଉଁମାନଙ୍କର ପ୍ରତ୍ୟକ୍ଷ ବା ପରୋକ୍ଷରେ ସମ୍ପର୍କ କାରବାର ସହ ଥିବ, ସେମାନେ ସତର୍କ ହୋଇଯାଇପାରନ୍ତି । କିନ୍ତୁ ହେଁସ ଘୋଡ଼େଇ ହେଲେ ଯମ କି ଛାଡ଼େ ନ୍ୟାୟରେ ଶୀଘ୍ର କିମ୍ବା ବିଳମ୍ବରେ ସେମାନେ ଅବଶ୍ୟ ଧରାପଡ଼ିବେ । ପ୍ରକୃତରେ ଗ୍ଲାମର ଦୁନିଆରେ ଥିବା କଳାକାରମାନେ ଡ୍ରଗ୍ସ ସେବନ ଓ ଚାଲାଣରେ ଜଡ଼ିତ ଥିବା ଅଭିଯୋଗ ଏବେ ନୂଆ କରି ହେଉନାହିଁ । ରିୟା ଓ ତାଙ୍କ ଭାଇଙ୍କ ସମ୍ପୃକ୍ତି କଥା ପଦାକୁ ଆସିବାପରେ ଲୁଚିଥିବା ଜନ୍ତୁ ବସ୍ତାନି ଭିତରୁ ବାହାରିବା ଡେରି ନାହିଁ । ସାମାଜିକ ଚାଲିଚଳଣିରେ ବାହାରକୁ ମର୍ଯ୍ୟାଦାବନ୍ତ ଦିଶୁଥିବା ବ୍ୟକ୍ତିଙ୍କ ଅସଲ ରୂପ ପ୍ରକଟିତ ହେଲେ ସମାଜର ଆଶେଷ ଉପକାର ହେବ ।

## କବିତା କୋଣାର୍କ

### ଅଲେଖା କାଗଜ...

ସ୍ମୃତି ରଞ୍ଜନ ତ୍ରିପାଠୀ

ବୋଲିବୁନି ତୋ' ଦେହକୁ
କାହା ଉଷ୍ଣମ କାଳିରେ
ହୋଇପାରେ ଗୋଟାଏ
ପୃଷ୍ଠାଂର ନୀରବତା
ଆଲିଙ୍ଗନ କରିପାରେ ସାରା ଜୀବନକୁ
ତୋ'ର ବରଂ ରହିଯିବୁ
ଅଲେଖା କାଗଜଟିଏ ହୋଇ
ପରସ୍ପର ବୁଝାମଣାରେ କଟିଯିବ
ଯାବତ୍ ଜୀବନ,
ତୁ ଆଉ ତୋ' ଅନ୍ତଃ ସ୍ୱର ॥
ସତର୍କ ରହିବୁ
ନଚେତ କେଉଁ ଲେଖକ ଲେଖିପାରେ
ତା' ଜୀବନ ବୃତ୍ତାନ୍ତ
ଠଉରେଇ ନପାରିଲେ
ଦେହଟା ପାଲଟିଯାଇପାରେ
ଏକ ରୋମାଂଚ କାହାଣୀ
ଅବା କେଉଁ ଉପନ୍ୟାସିର
ଖୋଲା ଇସ୍ତାହାର ॥

କବିଟିଏ ଆଙ୍କିପାରେ
ପ୍ରୀତିର ନୀରବ ବିଡମ୍ବନା,
ହଁ କ୍ଷତାକ୍ତ ବି ହୋଇପାରୁ
ଦଶନ୍ଧି ଧରି ଯୁଗବତ
କ୍ରାନ୍ତିର ରକ୍ତ ଛିଟାରେ
ବପୁବନ୍ତ ବେତାଳ ଆକ୍ରମଣ କରିପାରେ
ରାଜା କାନ୍ଧରେ ବସି ।
କେତେ ଦହଗଞ୍ଜ ହେବୁ
ଛାପାକଳରେ ପେଷି ହେବୁ
ପତ୍ରିକାହାଟରେ ନିଲାମ ହେବୁ
ପୁଣି କବାଡ଼ିଆଙ୍କ ନିକିତିରେ
ମୁଣ୍ଡଟେକି ଅପେକ୍ଷାରେ ଥିବୁ
ଆଉ କେଉଁ କୋମଳ ଛଳନାର
ମୃଦୁ ଆଘାତକୁ
ବରଂ ରହିଯିବୁ ଅଲେଖା
କାଗଜଟିଏ ହୋଇ
ନଚେତ୍ ମିଠା ଅପବାଦର
ସ୍ୱାକ୍ଷରରେ ବିଳାପୁଥିବ
ଗୋଟିଏ ସ୍ପନ୍ଦନ ବିହୀନ ବୁକୁ ॥


+ ଜଟଣୀ, ଖୋର୍ଦ୍ଧା
ମୋ: ୯୪୩୮୩୧୫୩୮୧


## ସାହିତ୍ୟପ୍ରାଣ ଲକ୍ଷ୍ମୀଧର

ଡକ୍ଟର ଶ୍ରୀହରି ପଣ୍ଡା



ଯାତସ୍ୟ ହି ଧ୍ରୁବଃ ମୃତ୍ୟୁ । ଯିଏ ଜନ୍ମ ନେଇଛି ଦିନେ ତାକୁ ମୃତ୍ୟୁ ନେବାକୁ ପଡିବ । କିନ୍ତୁ ସେହି ଜନ୍ମସାର୍ଥକ ଯେଉଁମାନେ ନିଜର ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ପରର ଜୀବନକୁ ମଧୁମୟ କରି ଗଢି ତୋଳିବାରେ ଆନନ୍ଦ ଲାଭ କରିଥାନ୍ତି । ମାନବ ସେବା ହିଁ ମାଧବ ସେବା । ଏହାକୁ ଅକ୍ଷରେ ଅକ୍ଷରେ ସେ ବୁଝିଥିଲେ । ଦରିଦ୍ରନାରାୟଣଙ୍କ ଲୁହର କାତର ପ୍ରାର୍ଥନାରେ ଦେବଦୂତ ଭଳି ପହଞ୍ଚି ଅଭୟ ଦେଉଥିଲେ,ସାହାଯ୍ୟ କରୁଥିଲେ, ଉଦ୍ଧାର କରୁଥିଲେ । ସେ ଡାକ ଶୁଣୁଥିଲେ, ଦୁଃଖ ମେଣ୍ଟାଉ ଥିଲେ । ଏହି ମହାନ ତ୍ୟାଗୀ ମନିଷୀ ହେଉଛନ୍ତି ଭଞ୍ଜଭୂମିର ସୁଯୋଗ୍ୟ ସନ୍ତାନ ୰ ପଣ୍ଡିତ ଲକ୍ଷ୍ମୀଧର ରାଉତ ମହୋଦୟ । ସେ ଜଣେ ବ୍ୟକ୍ତି ନଥିଲେ ଥିଲେ ଏକ ଅନୁଷ୍ଠାନ । ତାଙ୍କର କେହି ପର ନଥିଲେ ସମସ୍ତେ ଥିଲେ ନିଜର । ସେ ସମସ୍ତଙ୍କ ପାଇଁ ଥିଲେ ଦୟାର ଅବତାର । ଅସୀମିତ ପ୍ରଜ୍ଞା,ମଣିଷକୁ ଭଲ ପାଇବାର ଅକୃତ୍ରିମ ହୃଦୟ,ଗାଁ ରୁ ସହର ପର୍ଯ୍ୟନ୍ତ ସମସ୍ତଙ୍କୁ ଆପଣାର କରିପାରୁଥିବା ଏହି ବ୍ୟକ୍ତିତ୍ୱ ଆଗରେ ମଥା ନଇଁ ଆସେ ଏବଂ ସ୍ୱତଃ ମୁହଁରୁ ବାହାରିଯାଏ ପ୍ରଣାମ ପଣ୍ଡିତେ ।

ସେ ଥିଲେ ଓଡିଆ ଚେତନାର ଉତ୍ସ ଓ ଜାଗରଣର ସ୍ଫୁଲିଙ୍ଗ । ଭାଷା ପ୍ରୀତି ସୃଷ୍ଟି କରିବାରେ ତାଙ୍କ ଭୂମିକା ସର୍ବଦା ସ୍ମରଣୀୟ । ଏଭଳି ଜଣେ ଅନୁକରଣୀୟ ବ୍ୟକ୍ତିତ୍ୱ ସରଳ, ନିରହଙ୍କାରୀ, ନିରଳସ, ନିଷ୍ଠାବାନ, ନୀତି ସମ୍ପନ୍ନ, ନିଷ୍ପାପ, ପ୍ରଚଣ୍ଡ ବାଗ୍ମୀ, ପ୍ରବଚକ, ଗବେଷକ ଓ ଧୀଶକ୍ତି ସଂପନ୍ନ କର୍ମଚଞ୍ଚଳ ବ୍ୟକ୍ତି ଥିଲେ ୰ପଣ୍ଡିତ ଲକ୍ଷ୍ମୀଧର ରାଉତ । ମୟୂରଭଞ୍ଜ ଜିଲ୍ଲାର ବଡସାହି ବ୍ଲକ ଅନ୍ତର୍ଗତ କେନ୍ଦୁଡିହା ଗ୍ରାମପଞ୍ଚାୟତର ନିପଟ ମଫସଲ ଗାଁ ହଳଦୀପଦାରେ ଏହି ଯୁଗଜନ୍ମାଙ୍କର ଜନ୍ମହୁଏ ୧୯୪୦ ମସିହା ସେପ୍ଟମ୍ବର ୭ ତାରିଖରେ ପିତା ଦୁଃଖିନୀ ରାଉତ ଏବଂ ମାତା ଫୁଲମଣୀ ଦେବୀଙ୍କ ଗର୍ଭରୁ । ତୁଳସୀ ଦୁଇପତ୍ରରୁ ବାସିଲା ଭଳି ମାତ୍ର ୧୬ ବର୍ଷ ସମୟରେ ସେ ଶରତଚନ୍ଦ୍ର ପାଠାଗାର, ଶିଶୁସ୍ରୋତା ସମିତି ସହିତ ସାଂଗଠନିକ କ୍ଷମତାକୁ ପ୍ରତିପାଦିତ କରି ଶିକ୍ଷାର ଆଲୋକ ବର୍ତ୍ତିକା ନିମ୍ନ ପ୍ରାଥମିକ ବିଦ୍ୟାଳୟର ସ୍ଥାପନ କରିଥିଲେ । ଏହାପରେ ଆମ୍ବଡାଳି ଉପ୍ରା ବିଦ୍ୟାଳୟ, ଶରତପୁର ଏମ,ଇ ସ୍କୁଲ,ବୈଦପୁର, ଡୁକୁରା ଓ କୁଳିଅଣା ମଧ୍ୟଇଂରାଜୀ ସ୍କୁଲର ଉନ୍ନତି ସାଧନ ସାଙ୍ଗକୁ ହାତଲେଖା ପତ୍ରିକା 'ତ୍ରିଶାଖା' ପ୍ରକାଶ କରିଥିଲେ । ସମାଜକୁ କୁସଂସ୍କାର ମୁହଁରୁ ରକ୍ଷା କରିବା ପାଇଁ 'ବ୍ରହ୍ମବେଦ ନିକେତନ' ସ୍ଥାପନ ସହ ରାଜ୍ୟସ୍ତରୀୟ ବେଦ ସମ୍ମେଳନର ଆୟୋଜନ କରିଥିଲେ । ୧୯୮୦ରେ ପୂର୍ଣ୍ଣଚନ୍ଦ୍ର କଳା ବିକାଶ ସଂସ୍ଥା, ବାଣୀପୀଠ, ଦୀନଦୁଃଖିନୀ ଅତିଥି ଭବନ, ଦୀନଦୁଃଖିନୀ ପାଠାଗାର, ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ଓଡିଆ ଲେଖକ ପରିଷଦ, ଆମସୁନାଚାନ୍ଦ ଜାତୀୟ ଶିଶୁ ସାହିତ୍ୟ ସଂସ୍ଥାନ ଆଦି ଜରିଆରେ ସେ ସମାଜର ପରିବର୍ତ୍ତନ ଆଣିବାରେ ସଫଳତା ହାସଲ କରିପାରିଛନ୍ତି ।

ବହୁମୁଖୀ ପ୍ରତିଭାର ଅଧିକାରୀ ଶ୍ରୀ ରାଉତ ବହୁ ପ୍ରାଦେଶିକ, ଜାତୀୟ ଓ ଆର୍ନ୍ତଜାତୀୟ ସମ୍ମାନର ଅଧିକାରୀ । ସେ ଏକାଧାରାରେ କବି, ପ୍ରାବନ୍ଧିକ, ଔପନ୍ୟାସିକ, ନାଟ୍ୟକାର, ଗାଳ୍ପିକ, ଶିଶୁସାହିତ୍ୟିକ, ସୁ-ବକ୍ତା, ପ୍ରବଚକ, ସଂଗଠକ, ସାମ୍ବାଦିକ ଏବଂ ସମ୍ପାଦକ ଭାବରେ ବହୁଖ୍ୟାତି ଅର୍ଜନ କରିଛନ୍ତି । ନିଜର ବହୁମୁଖି ପ୍ରତିଭାର ପରିଚୟ ଦେଇ ସେ ରାଜ୍ୟ, ଦେଶ ଏବଂ ବିଦେଶରୁ ବହୁବାର ସମ୍ମାନିତ । ଗୁରୁ ଓ ଗୁରୁଦିବସ ଏବଂ ଚାଚା ନେହେରୁ ପୁସ୍ତକ ପାଇଁ ଭାରତର ରାଷ୍ଟ୍ରପତି ଏବଂ ପ୍ରଧାନ ମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ ଶ୍ରୀରାଉତ ବିଭିନ୍ନ ଅନୁଷ୍ଠାନମାନଙ୍କରୁ ପ୍ରାୟ ୧୦୩ ଖଣ୍ଡ ମାନପତ୍ର ଏବଂ ପଦକ ପ୍ରାପ୍ତ ହୋଇଛନ୍ତି । ୫୨ ଖଣ୍ଡ ପୁସ୍ତକର ରଚୟିତା ପଣ୍ଡିତ ରାଉତଙ୍କର ଶିଶୁମାନଙ୍କ ପ୍ରତି ଥିବା ଅନାବିଳ ସ୍ନେହର ନିଦର୍ଶନ ସ୍ୱରୂପ ବହୁ ଶିଶୁସାହିତ୍ୟ ରଚନା କରିଛନ୍ତି । ଓଡିଆ ଭାଷାର ଉନ୍ନତି କଳ୍ପେ,ସାରସ୍ୱତ ପ୍ରେରଣା ପାଇଁ ସେ 'ସାରସ୍ୱତ ପତାକା'ର ଉଦ୍ଭାବନ କରିଥିବା ବେଳେ ଓଡିଆ ଭାଷାର ଶ୍ରୀବୃଦ୍ଧି ପାଇଁ ନେତ୍ରୋତ୍ସବ ଦିନ 'ସାହିତ୍ୟ ସଂସ୍କୃତି ଦିବସ ପାଳନ', ପାଲାକାର ମାନଙ୍କର ଉନ୍ନତି ପାଇଁ ଓଡିଶାର ପାଲାକାର ସମ୍ମେଳନ, ପ୍ରତିଭା ପୂଜାର ପ୍ରଚଳନ ଆଦି ଆନ୍ଦୋଳନ ଆରମ୍ଭ କରିଥିଲେ । ସେ ବହୁ ସାହିତ୍ୟ ସଂଗଠନ ମାନଙ୍କରେ ଅଧକ୍ଷ ଏବଂ ଉପାଧକ୍ଷ ଭାବେ କାର୍ଯ୍ୟ କରି ନିଜ ଦକ୍ଷତାର ପରିଚୟ ଦେଇଛନ୍ତି ।

ଏହି ମହାନ ସାରସ୍ୱତ ସାଧକ ଇହଲୀଳା ସମ୍ବରଣ କରି ଚାଲିଯାଇଛନ୍ତି ଅଫେରାଧାମକୁ ଗତ ୧୧/୯/୨୦ ତାରିଖରେ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ । ଗତ ଓ ଆଗତର ନିରବଛିନ୍ନ ଧାରା ଲାଗି ରହିଥାଏ ବୋଲି ଏହି ମୂଳକର ନାମ ଜଗତ । ଏଠି ଯାହା ଚାଲିଯାଏ, ଗତ ହୋଇଯାଏ;ତାହା ଅତୀତ ନାମରେ ନାମିତ ହୁଏ ଏବଂ କାଳକ୍ରମେ ବିସ୍ମୃତ ହୋଇଯାଏ । ମାତ୍ର ଗତ ହୋଇଗଲା ପରେ ଅତୀତ ତାଲିକା ଭୁକ୍ତ ହୋଇସାରିଲା ପରେ ଯାହା ବିସ୍ମୃତ ନହୋଇ ଶରତରତୁ ପରି ସବୁଜ, ସତେଜ ଓ ସୁନ୍ଦର ଭାବରେ ମନ ଅଙ୍ଗନରେ ସାଇତା ହୋଇ ରହିଥାଏ ତାହା ହେଉଛି ଯଶ । ଯଶ ହିଁ ମୃତ ଚରିତ୍ରକୁ ଅମର କରିପାରେ ।ପଣ୍ଡିତ ରାଉତ ଥିଲେ, ଅଛନ୍ତି ଏବଂ ରହିବେ ମଧ । ତାଙ୍କର ଆଦର୍ଶ ସଦା ଅନୁପ୍ରାଣୀତ କରୁଥିବ ବହୁ ଅନିସନ୍ଧିସୁଙ୍କୁ ଭିନ୍ନଭିନ୍ନ ରୂପରେ । ତାଙ୍କର ଛାଡି ଯାଇଥିବା ସୃଷ୍ଟି ସମୂହ ତାଙ୍କୁ କାଳର କପାଳରେ ଚିରଭାସ୍ୱର କରିରଖିବ ; ଏହା ନିସନ୍ଦେହ ।

ଉପାନ୍ତ ମୟୂରଭଞ୍ଜ ଜିଲ୍ଲାର ଓଡିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ତାଙ୍କ ପ୍ରୟାସ ଅଭୁଲା । ସତକର୍ମ, ସେବା ଓ ଆଦର୍ଶର ତୁଙ୍ଗିମା ଛୁଇଁଥିବା ପଣ୍ଡିତ ରାଉତ ସବୁ ବିପଦ ଆପଦରେ ବନ୍ଧୁଭାବେ ସ୍ମରଣୀୟ ରହି ଏ ଜାତିର ମାର୍ଗଦର୍ଶକ ହୋଇଥାନ୍ତୁ । ତାଙ୍କ ସରଳତା ଓ ସହିଷ୍ଣୁତା ମନ୍ତ୍ରରେ ଏ ଜାତି ଦୀକ୍ଷିତ ହେଉ । ତାଙ୍କ ଚିନ୍ତନ, ଆଦର୍ଶ ଓ ପରିକଳ୍ପନା ରୂପାୟନରେ ସଂକଳ୍ପ ନେବାର ବେଳ ଏ ପୁଣ୍ୟ ତିଥିରେ । ତାଙ୍କ ଅବର୍ତ୍ତମାନରେ ଆସନ୍ତୁ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଶପଥ ନେବା ।

॥ ଓମ ଶାନ୍ତି ॥


ଗୌଡ଼ଗାଁ, କପ୍ତିପଦା,
ମୟୂରଭଞ୍ଜ
ମୋ, ୮୭୫୮୫୦୫୯୭୮


## ହୃଦୟରେ ଫୁଟାନ୍ତୁ ସେନେହର ଫୁଲ

ଅକ୍ଷୟ ପଣ୍ଡା



ପ୍ରତ୍ୟେକ ମା ଉପବାସ ରହି ଭଗବାନଙ୍କ ନିକଟରେ ପ୍ରାର୍ଥନା କରେ । ତାର ସନ୍ତାନସନ୍ତତିର ସୁଖ, ଶାନ୍ତି ଓ ସମୃଦ୍ଧି ପାଇଁ । ଯଦି ସେହି ମା ମାନେ ତାଙ୍କ ପିଲାମାନଙ୍କୁ ଗପ କହି ବା ପୁରାଣର ଉପଦେଶ ସେମାନଙ୍କୁ ପାଠ ପ୍ରତି ଆଗ୍ରହ ସୃଷ୍ଟି କରିପାରିବେ । ଥରୁଟିଏ ଆଗ୍ରହ ଆସିଗଲେ ଛାଏଁ ଛାଏଁ ପିଲାମାନେ ବହିର ଗନ୍ଥାଘରରୁ ଜ୍ଞାନ ରୂପକୁ ଧନକୁ ସଂଗ୍ରହ କରିପାରିବେ । ମାତ୍ର ଦେଖାଯାଏ କେତେକ ମା ମାନେ ପିଲାମାନଙ୍କ ଦୋଷ ଦୁର୍ବଳତା ଅନ୍ୟ ଆଗରେ କହି ସେମାନଙ୍କୁ ମାନସିକ ଯନ୍ତ୍ରଣା ଦିଅନ୍ତି ।

କରୋନା ଯୋଗୁଁ ସ୍କୁଲ କଲେଜ ବନ୍ଦ । ସକାଳୁ ସକାଳୁ ଟୁଲୁ ସାଇକେଲ ନେଇ ମାରାଥନ୍ ରେସ୍ କରୁଛି । ଯେତେ ଡ଼ାକିଲେ ବି ଶୁଣୁନି । ସେ ମନେ ମନେ ଭାବୁଛି ଖେଳିବାରେ ଯେଉଁ ଆନନ୍ଦ କଣ ପାଠ ପଢାରେ ଥାଏ । ଏ ମା' ଟା ସକାଳୁ ସକାଳୁ ପାଟି କମ୍ପଉଛି । ଶୁଣି ନଶୁଣିଲା ପରି ବାହାନା କରୁଥିଲା ଟୁଲୁ । ସତ କଥା ଆଗ୍ରହ ନ ରହିଲେ କଣ ପଢି ହେବ । ତେବେ ପ୍ରଶ୍ନ ଉଠି ପାରେ ଆଗ୍ରହ କମିକାର କାରଣ କଣ ? ବୋଧହୁଏ ଏହାର କାରଣ ହେଲା ଅଧିକ ବିଳାଶ ବେସନ, ଚାକଚକ୍ୟ ଓ ଖୁସିବାସିରେ ଆମେ ଆମ ପିଲାମାନଙ୍କୁ ରଖିବାକୁ ଚାହୁଁ । ଏହି ଦେଖୁନା ହରେକୃଷ୍ଣ ବାବୁ ଘରେ ଯୋଡ଼ା ଯୋଡ଼ା ସାଇକେଲ ଥିଲେ ମଧ୍ୟ ପୁଅ ପାଇଁ ନୂଆ ରେଞ୍ଜ ସାଇକେଲ ଟିଏ କିଣି ଦେଇଛନ୍ତି । ତେଣୁ ଯେତେ ପାଟି କଲେ ବି ସେ ଶୁଣିବ କେମିତି ? ସେଇଥି ପାଇଁ ଚାଣକ୍ୟ କହିଥିଲେ

"ବିଦ୍ୟାର୍ଥୀ ତେଜତେ ସୁଖମ୍
ସୁଖାର୍ଥୀ ତେଜତେ ବିଦ୍ୟା ।"

ଯେଉଁ ଛାତ୍ର ବିଳାଶ ବେସନ ଛାଡ଼ିବନି ସେ ବିଦ୍ୟା ଅର୍ଜନ କରିପାରିବ ନାହିଁ । ଯିଏ ବିଳାଶ ବେସନକୁ ଛାଡ଼ି ମନ ଧ୍ୟାନ ଦେଇ ପଠନ କଲେ ନିଶ୍ଚୟ ବିଦ୍ୟା ଶିକ୍ଷା ଲାଭ ହେବ । ଆଜିକାଲି ଅଧିକରୁ ଅଧିକ ପିଲାମାନେ ମୋବାଇଲ, ଟିଭି, ଆଇପଟ୍, ଟାବ୍‌ଲେଟ୍, ସ୍କୁଟି, ବାଇସାଇକେଲ ବ୍ୟବହାରରେ ଅଧିକ ସମୟ କଟାଉଛନ୍ତି । ତାହାର ମଧ୍ୟ ଉପାଦେୟତା ମଧ୍ୟ ଅଛି ମାତ୍ର ଅପ ବ୍ୟବହାର ବା ଗସଶ୍ୱଶ୍ୱଙ୍କଶ୍ୱର ତାର କୁଫଳ ଆମ ପିଲାମାନଙ୍କୁ ଭୋଗିବାକୁ ପଡ଼ିବ । ମା ଯଶୋଦା ପଢାଇଲା ବେଳେ କେତେକ ଉପଦେଶ ଦେଇଥିଲେ । ଯାହା ଚାଟଶାଳୀ ପାଠରେ ବର୍ଣ୍ଣୀତ ଅଛି ।

"କହନ୍ତି ମାଆ ଗୋ
ଶ୍ରୀକୃଷ୍ଣ ଆଗେ
କଥା ଶୁଣ ବାବୁ ଅତି ସରାଗେ
ଖେଳୁଆଳ ବୁଦ୍ଧି
ଛାଡ଼ରେ ବାବୁ
ଖଡ଼ି ଛୁଇଁଲେ ତୁ ବିଦ୍ୟା
ପଢିବୁ ।"

ଆଜ୍ଞା ପାଠ ପଢିବାକୁ ହେଲେ ତପସ୍ୟା କାରିବାକୁ ପଡ଼ିବ । ତେଣୁ କୁହାଯାଏ "ଛାତ୍ରାଣାଂ ଅଧ୍ୟୟନଂ ତପଃ ।" ବିଦ୍ୟାର୍ଥୀମାନେ ଅଧ୍ୟୟନ କରିବାକୁ ହେଲେ ପଠନ, ଶ୍ରବଣ, ମନନ, ଚିନ୍ତନ ଓ ଲେଖନ ଦ୍ୱାରା ବିଦ୍ୟାଭାଷ କରି ପାରିବେ । ସେମାନଙ୍କୁ କଠୋର ସଞ୍ଜମତା ଅବଲମ୍ବନ କରିବାକୁ ପଡ଼ିବ । ଛାତ୍ରମାନଙ୍କର ଜୀବନ ଗୋଲାପ ଫୁଲର ସଯ୍ୟା ନୁହେଁ । ଏହା କଣ୍ଟକମୟ ଅଟେ । ବିନା କଠୋର ସାଧନାରେ କିଛି ପ୍ରାପ୍ତ ହୋଇପାରିବ ନାହିଁ । ତେଣୁ ଚାଣକ୍ୟ ବିଦ୍ୟାର୍ଥୀର ପାଞ୍ଚ ଲକ୍ଷଣରେ କହିଥିଲେ

"କାକ ସ୍ନାନ ବକ ଧ୍ୟାନମ୍
ଶ୍ୱାନ ନିଦ୍ରା ତଥୈବଚ
ଅଳ୍ପହାରୀ, ଗୃହତ୍ୟାଗୀ
ବିଦ୍ୟାର୍ଥୀ ପଞ୍ଚଲକ୍ଷଣମ୍ । "

ଆପଣମାନେ ସମସ୍ତେ ଏହି ଚାଣକ୍ୟର ଶ୍ଳୋକ ବିଷୟରେ ଜାଣିଥିବେ । ଆମେ ବିଂଶ ଶତାବ୍ଦୀର ଛାତ୍ର । ଆଧୁନିକତା ଆମକୁ ସ୍ପର୍ଶ କରିଛି । ବାସ୍ତବରେ ଏହା ଠିକ୍ କିନ୍ତୁ ଆମେ ମାନେ ଭୁଲିଯାଉଛୁ ଆଗାମୀ ବଂଶଧର ମାନେ ଦିନକୁ ଦିନ ଏକ କମ୍ପ୍ୟୁଟର ମାନବ ପରି ପରିଲକ୍ଷିତ ହେଉଛନ୍ତି । ସେମାନଙ୍କ ପାଖରୁ ହଜିଯାଉଛି ମଣିଷ ପଣିଆ । ଅନ୍ୟ ଭାଷାରେ କହିବାକୁ ଗଲେ ନୈତିକତା । ପାଠ ପଢିବାର ମୂଳ ଉଦ୍ଦେଶ୍ୟ ହେଲା ଭଲ ମଣିଷଟିଏ ହେବା । ତେଣୁ କୁହାଯାଏ

"First line of Education is build up the character and career."

ତେଣୁ ଆମ ପିଲା ମାନଙ୍କୁ ନୈତିକତା ଶିକ୍ଷା ଦେଇ ସୁନ୍ଦର ଚରିତ୍ର ନିର୍ମାଣ କରିବା ଆବଶ୍ୟକ । ଯାହାର ମନରେ ଥିବ ସ୍ନେହ, ଶ୍ରଦ୍ଧା ଆଉ ଭକ୍ତି । ଏପରି ଗୁଣ ନ ରହିଲେ ଛାତ୍ରଟି କିଛି ଶିକ୍ଷା ଲାଭ କରିପାରିବ ନାହିଁ । ବୀନୟ ସ୍ୱଭାବ ଛାତ୍ରମାନଙ୍କୁ ଶିକ୍ଷା ଲାଭ କରିବାରେ ସହାୟକ ହୁଏ । ବିଦ୍ୟାଠାରୁ ବଡ଼ ଧନ ଦୁନିଆରେ କିଛି ନାହିଁ । ଏହା ଆମେ ଆମ ପିଲାମାନଙ୍କୁ ବୁଝାଇ ଦେବାକୁ ହେବ ।

ପ୍ରତ୍ୟେକ ମା ଉପବାସ ରହି ଭଗବାନଙ୍କ ନିକଟରେ ପ୍ରାର୍ଥନା କରେ । ତାର ସନ୍ତାନସନ୍ତତିର ସୁଖ, ଶାନ୍ତି ଓ ସମୃଦ୍ଧି ପାଇଁ । ଯଦି ସେହି ମା ମାନେ ତାଙ୍କ ପିଲାମାନଙ୍କୁ ଗପ କହି ବା ପୁରାଣର ଉପଦେଶ ସେମାନଙ୍କୁ ପାଠ ପ୍ରତି ଆଗ୍ରହ ସୃଷ୍ଟି କରିପାରିବେ । ଥରୁଟିଏ ଆଗ୍ରହ ଆସିଗଲେ ଛାଏଁ ଛାଏଁ ପିଲାମାନେ ବହିର ଗନ୍ଥାଘରରୁ ଜ୍ଞାନ ରୂପକୁ ଧନକୁ ସଂଗ୍ରହ କରିପାରିବେ ।

ମାତ୍ର ଦେଖାଯାଏ କେତେକ ମା ମାନେ ପିଲାମାନଙ୍କ ଦୋଷ ଦୁର୍ବଳତା ଅନ୍ୟ ଆଗରେ କହି ସେମାନଙ୍କୁ ମାନସିକ ଯନ୍ତ୍ରଣା ଦିଅନ୍ତି । ତାହା ଦ୍ୱାରା ତାଙ୍କର ମନବଳ କମିଯାଏ । ସେମାନଙ୍କ କୋମଳ ମନରେ ଆଶା ସଞ୍ଚାର କରିବା କଥା । ପିଲାମାନଙ୍କୁ ପ୍ରସଂଶା କରି ବଡ଼ ଲୋକମାନଙ୍କର ଜୀବନୀ କହି ତାଙ୍କୁ ସେହିଭଳି ହେବାକୁ ପ୍ରେରଣା ଦେବା ଉଚିତ । ଯଦି ମା ବାପା ମାନେ ସେମାନଙ୍କ ପୁଅଝିଅମାନଙ୍କର ମନକଥା ନବୁଝି ପାରନ୍ତି । ତାହା ଆଗାମୀ ଦିନ ପାଇଁ ବଡ଼ ସମସ୍ୟା ହୋଇପାରେ ।

ଏପରି କରୋନା ସମୟରେ ପିଲାମାନଙ୍କୁ ବିଶେଷ ରୂପେ ଧ୍ୟାନ ଦେବା ଦରକାର । ତାଙ୍କ କାର୍ଯ୍ୟକଳାପ ତନଖି ଦେଖିବା ସଙ୍ଗେ ସଙ୍ଗେ ଆଦର ପୂର୍ବକ ସମାଧାନ ବାହାର କରିବା ନିହାତି ଆବଶ୍ୟକ । ସେହି ପିଲାଙ୍କ ଭିତରେ ସାର୍ ଆଇଜାକ୍ ନିଉଟନ୍ ଥାଇ ପାରନ୍ତି କି ଏପିଜେ ଅବୁଦୁଲ୍ କଲାମ୍ ଥାଇ ପାରନ୍ତି କିଏ କହି ପାରିବ ? ପୁଅ ଝିଅ ଭିତରେ କୌଣସି ଫରକ ନଦେଖି ସେମାନଙ୍କୁ ସତ୍‌ଶିକ୍ଷା, ସତ୍ ଜ୍ଞାନ ପ୍ରଦାନ କରନ୍ତୁ । ସେବା ପରୋପକାର ଭାବ ଇଶ୍ୱର ଭକ୍ତି, ସମାୟାନୁବର୍ତ୍ତିତା ଆଦି ସୁଗୁଣ ବଳୀକୁ ଶିକ୍ଷା ଦେଲେ ଆପଣ ସେମାନଙ୍କ ହୃଦୟରେ ଫୁଟେଇ ପାରିବେ ସେନେହର ଫୁଲ । ମନରେ ଭରିଦେବେ ଅସରନ୍ତି ଆନନ୍ଦ । କେହି ପିଲା ଖରାପ ନୁହଁନ୍ତି । କେହି କମ୍‌ଜୋର ନୁହଁନ୍ତି ସମସ୍ତେ ସେହି ଇଶ୍ୱରଙ୍କ ସନ୍ତାନ । ସେମାନେ ଚାହାଁନ୍ତି ଅଧିକରୁ ଅଧିକ ସ୍ନେହ, ଶ୍ରଦ୍ଧା ଓ ତାଙ୍କ -

କାମର ପ୍ରସଂଶା । ବାଡ଼ି ଦେଖାଇ, ଦଣ୍ଡ ଦେଇ ଗଦାଗଦା ବହି ଦେଇ ବସେଇ ପାରିବେ ହେଲେ ପଢେଇ ପାରିବେ ନାହିଁ । ମା ବାପା ମାନେ ଯଦି ସେମାନଙ୍କ ପିଲାମାନଙ୍କୁ ଆଦର ପୂର୍ବକ ବୁଝେଇ ସୁଝେଇ ପାଠ ପ୍ରତି ଆଗ୍ରହ ସୃଷ୍ଟି କଲେ ସେମାନେ ଛାଆଁ ଛାଆଁ ପଢିବେ । ଆପଣମାନଙ୍କର ଅଜ୍ଞାକାରୀ ହୋଇ ଯିବେ । ଖେଳିବେ, ପଢିବେ, ଗୀତଗାଇବେ, ନାଚିବେ ସବୁ ଗୁଣରେ ପରିପୂର୍ଣ୍ଣ ହେଇଯିବେ । ଖାଲି ଗୋଟିଏ କଥା କରିବାକୁ ହେବ ମନରେ ଭରି ଦିଅନ୍ତୁ ପାଠ ପ୍ରତି ଆଗ୍ରହ । ଆଉ ସେମାନଙ୍କ ହୃଦୟରେ ଫୁଟାଇ ଦିଅନ୍ତୁ ସେନେହର ଫୁଲ ।


+ ଆଳି, ଲୋକାପଡ଼ା
ମୋ- ୯୩୩୭୪୯୨୩୦୭


## କବିତା କୋଣାର୍କ

### ଏଥର ଫେରିଯା' କରୋନା..

ମୋନାଲିସା ପ୍ରଧାନ

କରୋନା !
ତୁ କିଆଁ ଆସିଛୁ
ଏ ପବିତ୍ର ଭାରତ ଭୂଇଁ ?
କାହିଁ କେହି ତ ଗାଉନି
ତୋ ଲାଗି ସ୍ୱାଗତ ସଂଗୀତ ?
କେହି ବି ବସୁନି
ତୋ ସହ ମିତ ।

ଏଥର ତୁ ଫେରିଯା'
ତୋ ମାଟିକୁ-ଯୋଉଠୁ ଆସିଛୁ
ସେଇଠି ରହିବୁ
ଚିରଦିନକୁ;
ଜାଳି-ପୋଡ଼ିବୁ
ଛାରଖାର କରିବୁ
ତୋ ସୃଷ୍ଟିକର୍ତ୍ତାକୁ ।

ତୋ ଲାଗି ବନ୍ଦ ଆଜି
ଆମ ପୂଜା-ପରବ
ବିବାହ-ବ୍ରତ,
ଶୁଦ୍ଧିକ୍ରିୟା ।

ଶବ ଧାରେ ଶୁଭୁନି ଆଉ
ବିପ୍ରର ମରଣ ମନ୍ତ୍ର ଉଚ୍ଚାରଣ,
ହରି ନାମ ସଂକୀର୍ତ୍ତନ;
ତୋ ପାଇଁ ଆଜି
ମୃତକର ଶବକୁ
କାନ୍ଧଦେବା ଲାଗି

ପଅ-ବୋହୂ, ଝିଅ-ଜୋଇଁ
ବନ୍ଧୁ-ବାନ୍ଧବ, ଆତ୍ମୀୟ-ସ୍ୱଜନ
ପାଖ-ପଡ଼ୋଶୀ, ଗ୍ରାମବାସୀ
ସମସ୍ତଙ୍କୁ ଆସିବା ମନା ।

ଆଉ ଡେରି ନ କରି
ତୁ ଫେରିଯା' !
ଏଥର ଫେରିଯା' କରୋନା,
ନ ହେଲେ -
ଭୋଳାନାଥଙ୍କ
ତାଣ୍ଡବ ନୃତ୍ୟରେ ତୁ ଆଉ
ନ ପାଇବୁ ପ୍ରାଣ ॥


+ ଗୁରୁମା', ପ୍ରଜ୍ଞାଭାରତୀ
ଶିକ୍ଷାକେନ୍ଦ୍ର
ଗୋପାଳଗାଁ, ବାଲେଶ୍ୱର
ମୋ.: ୯୩୪୮୭୧୬୩୩୨


### ବାପା...

ପ୍ରଦୀପ ବନ୍ଧ

ସେଦିନ ନକ୍ସାଟିଏ
ଆଙ୍କୁଆଙ୍କୁ ଭେଟିଲି
ବାପାଙ୍କୁ
ଚନ୍ଦ୍ର ହୋଇ ଖୁସି ବାଣ୍ଟୁଥିଲେ
ତାରା ହୋଇ ଦୁଃଖ ତୋଳୁଥିଲେ
ନକ୍ଷତ୍ର ପରି ଘୂରୁଥିଲେ
ମୋ ଚତୁଃପାର୍ଶ୍ୱ
ରକ୍ତରେ ନା ରାହରେ
ସେଦିନ ଛାତିତଳ
ଦୁକୁଦୁକୁରେ ହାତ ଥାପି
ପରଖି ଥିଲି
କଲିଜା ତଳର ଓଦାପଣ
ବାପା ଅସଂଖ୍ୟ ସନ୍ଦେହରେ
ଆରପାରିରୁ ସୁଖ
ବାଣ୍ଟୁଥିବା ଗୋଟେ ଡେର
ଯାହାର ଲମ୍ବ ପ୍ରସ୍ଥ ଆଉ
ଦୈର୍ଘ୍ୟ ମାପିହୁଏନି
ହେଲେ ତାଙ୍କ ଛାତିରେ
ଆନନ୍ଦ ହିଁ ଆନନ୍ଦ
ବାପା ଶୂନ୍ୟତାର ସହସ୍ର ସଂଖ୍ୟା
ସାହସ ଯାଚି ସପ୍ତ ସମୁଦ୍ରକୁ
ନିମିଷକେ ପହଁରେଇବାର
ଖୁରାକ
ବାପାଙ୍କ ପୁଣ୍ୟତାରେ ଥାଏ
ଅସରନ୍ତି ଆଶା ଅସରା
ଅଙ୍କୁଶରେ ଜୟଗାନ
ବାପା ଶବ୍ଦରେ ନା ଥାଏ ହାର
ନା ଥାଏ ଯୁଦ୍ଧରେ ପଛଘୁଞ୍ଚା
ବାପାଙ୍କ ଜିଜ୍ଞାସାରେ ଥାଏ ଧୈର୍ଯ୍ୟ
ଦୀପଶିଖା ଭଳି ଜଳୁଥାଏ
ଅବଶିଷ୍ଟ
ବାପା ସର୍ବୋଚ୍ଚ ଯାହା
ବିନା ଦ୍ୱିଧାରେ ଚାହିଁଲେ
କରି ହୁଏ ଜୟ
ବାପାହିଁ ଆକାଶଦ୍ୱର
ବାପା କେବଳ ବାପା
ହୋଇ ରହିବେ ରହିଛନ୍ତି
ରହି ଆସୁଥିବେ ସଦାକାଳ ॥


+ ସାନମଛୁଆଘାଇ,
ରାଜଘରପୋଖରୀ
ବାସୁଦେବପୁର, ଭଦ୍ରକ
ଭ୍ରାମ୍ୟଭାଷା:-୮୦୭୨୭୮୩୨୨୦

# ଲଣ୍ଡନ-କଲିକତା ବସ୍




ଦିନେ ଲଣ୍ଡନରୁ କଲିକତାକୁ ବସ୍ ଚାଲୁଥିଲା ଏବଂ ଯାତ୍ରୀ ମଧ୍ୟ ଆସୁଥିଲେ । ବିଶ୍ୱାସଯୋଗ୍ୟ ନ ହେଲେ ମଧ୍ୟ ଏକଥା ନିରାଟ ସତ । ସୋସିଆଲ୍ ମିଡିଆରେ କିଛି ଦିନ ତଳେ ଏହାର ପ୍ରମାଣ ସ୍ୱରୂପ ସେ ସମୟର ବସ୍ ଯାତ୍ରାର କିଛି କଳା ଧଳା ଫଟୋ ପୋଷ୍ଟ କରାଯାଇଥିଲା । ୧୯୫୭ ମସିହାରେ ଲଣ୍ଡନରୁ କଲିକତାକୁ 'ଆଲବର୍ଟ' ନାମକ ଏକ ବସ୍ ଚଳାଚଳ ଆରମ୍ଭ କରିଥିଲା । ଇଂଲଣ୍ଡରୁ ବାହାରି ବେଲ୍‌ଜିୟମ୍, ଜର୍ମାନୀ, ଅଷ୍ଟ୍ରିଆ, ଯୁଗୋସ୍ଲୋଭିଆ, ତୁର୍କୀ, ଇରାନ, ଆଫଗାନିସ୍ତାନ ଏବଂ ପାକିସ୍ତାନ ଦେଇ










ତାହା ଭାରତକୁ ଆସୁଥିଲା । ନୂଆଦିଲ୍ଲୀରେ ପହଞ୍ଚିବା ପରେ ସେଇଠୁ ପୁଣି ଆଗ୍ରା, ଆହ୍ଲାବାଦ, ବାରାଣାସୀ ଦେଇ କଲିକତାରେ ପହଞ୍ଚୁଥିଲା । ବସ୍‌ଟି ମୋଟ ୨୦ ହଜାର ୩ଶହ ମାଇଲ୍ ବାଟ ଅତିକ୍ରମ କରୁଥିଲା । ଏହାକୁ ବିଶ୍ୱର ଦୀର୍ଘତମ ବସ୍ ଯାତ୍ରା ବୋଲି କୁହାଯାଉଛି । ସୋସିଆଲ୍ ମିଡିଆରେ ଲଣ୍ଡନର ଭିକ୍ଟୋରିଆ କୋଚ୍ ଷ୍ଟେସନ୍ ପାଖରେ ଛିଡ଼ା ହୋଇଥିବା ଆଲବର୍ଟ ବସ୍‌ର ଫଟୋ ସମସ୍ତଙ୍କୁ ଚକିତ କରିଛି, ଯେଉଁଥିରେ ବଡ଼ ବଡ଼ ଇଂରାଜୀ ଅକ୍ଷରରେ ଲେଖା ହୋଇଛି, 'ଲଣ୍ଡନ-କଲିକତା-ଲଣ୍ଡନ ।' ପାଖରେ କଇଛି ପାସେଞ୍ଜର ମଧ୍ୟ ଛିଡ଼ା ହୋଇଛନ୍ତି । ସେତେବେଳେ ଲଣ୍ଡନରୁ ଭାରତ ଆସିବାକୁ ଆଲବର୍ଟ ବସ୍‌ର ଭଡ଼ା ଥିଲା ଜଣ ପିଛା ୮୫ ପାଉଣ୍ଡ ଷ୍ଟର୍ଲିଙ୍ଗ୍ (ପ୍ରାୟ ୮ ହଜାର ଟଙ୍କା) । ଆଲବର୍ଟ ବସ୍ ପ୍ରଥମ ଥର ପାଇଁ ଲଣ୍ଡନରୁ ୧୫ ଏପ୍ରିଲ ୧୯୭୫ରେ ବାହାରିଥିଲା ଏବଂ ଦୀର୍ଘ ୪୯ ଦିନର ଯାତ୍ରା ପରେ ଜୁନ୍ ୫ ତାରିଖରେ କଲିକତାରେ ପହଞ୍ଚିଥିଲା । ସତୁରି ଦଶକ ପର୍ଯ୍ୟନ୍ତ ଏହି ବସ୍ ସେବା ଚାଲିଥିବାର କୁହାଯାଉଛି । ୧୯୭୨ ମସିହାରେ ଦୁଇ ଥର ଏବଂ ୧୯୭୩ରେ ଥରେ ଲଣ୍ଡନରୁ କଲିକତାକୁ ଏହି ବସ୍ ଆସିଥିବାର ତଥ୍ୟ ଜଣାପଡ଼ିଛି । ସେହି ତଥ୍ୟ ଅନୁସାରେ ଜୁଲାଇ ୨୫ ତାରିଖରେ ଲଣ୍ଡନରୁ ବାହାରିଥିବା ବସ୍ ଅଗଷ୍ଟ ୬ରେ ଇସ୍ତାନ୍‌ବୁଲ, ଅଗଷ୍ଟ ୧୮ରେ ତେହରାନ୍, ଅଗଷ୍ଟ ୨୭ରେ କାବୁଲ, ସେପ୍ଟେମ୍ବର ୫ରେ ନୂଆଦିଲ୍ଲୀ ଏବଂ ସେପ୍ଟେମ୍ବର ୧୧ରେ କଲିକତାରେ ପହଞ୍ଚିଥିଲା । ସେହିବର୍ଷ ନଭେମ୍ବର ୧୪ରେ ଲଣ୍ଡନ ଛାଡ଼ିଥିବା ବସ୍‌ଟି ଡିସେମ୍ବର ୩୧ରେ କଲିକତାରେ ପହଞ୍ଚିଥିଲା । ୧୯୭୩ରେ ସେହି ବସ୍ ଏପ୍ରିଲ୍ ୧୭ରେ ଲଣ୍ଡନରୁ ବାହାରି ଜୁନ୍ ୪ ରେ କଲିକତା ପହଞ୍ଚିଥିଲା । ଏଭଳି ଭାବରେ ୧୫ ଥର ଲଣ୍ଡନରୁ କଲିକତାକୁ ଆଲବର୍ଟ ବସ୍ ଯାତାୟତ କରିଥିଲା । ଭାରତ ଦେଇ ଆଲବର୍ଟ ବସ୍ ଚାରି ଥର ଅଷ୍ଟ୍ରେଲରେ ସିଡ୍‌ନୀ ଯାଇଥିବାର ଜଣାପଡ଼େ । ଏହି ବସ୍‌ରେ ଆସୁଥିବା ପାସେଞ୍ଜରମାନଙ୍କ ପାଇଁ ବାଟରେ କିଣାକିଣି କରିବାର ସୁବିଧା ଦିଆଯାଉଥିଲା । ମୁଖ୍ୟତଃ ନୂଆଦିଲ୍ଲୀ, ତେହରାନ୍, ସାଲବର୍ଗ, କାବୁଲ, ଇସ୍ତାନବୁଲ୍ ଏବଂ ଭିଏନାରେ ଲୋକେ ଅଟକି କିଣାକିଣି କରୁଥିଲେ । ଗୋଟେ ପୁରୁଣା ଫଟୋରେ ଯାତ୍ରା ସମୟରେ ବସ୍ ଭିତରେ କେଉଁ କେଉଁ ସୁବିଧା ସୁଯୋଗ ଉପଲବ୍ଧ ଥିଲା ତାହାର ଏକ ତାଲିକା ମଧ୍ୟ ଦିଆଯାଇଛି । ସେ ମଧ୍ୟରେ ରହିଛି ରିଡିଂ ଏବଂ ଡାଇନିଂ ରୁମ୍ (ଲୋୟର ଡେକ୍), ଫରୱାର୍ଡ ଅବ୍‌ଜରଭେସନ୍ ଲାଉଂଜ୍ (ଅପର୍ ଡେକ୍), ପ୍ରତ୍ୟେକଙ୍କ ପାଇଁ ଶୋଇବାର ସ୍ୱତନ୍ତ୍ର ବ୍ୟବସ୍ଥା, ରେଡିଓ ଏବଂ ଟେପ୍ ରେକର୍ଡର ସଙ୍ଗୀତ, ଫ୍ୟାନ୍ ହିଟର୍ (ଗରମ ପାଇଁ) ଇତ୍ୟାଦି । ଯାତ୍ରୀମାନଙ୍କୁ ବସ୍ ଭିତରେ ଯେମିତି ଘର ଭଳି ସୁବିଧା ମିଳିବ ସେନେଇ ସବୁ ପ୍ରକାର ବ୍ୟବସ୍ଥା ରହିଥିଲା । ବାଟରେ ବାରାଣସୀରେ ଗଙ୍ଗା ଦର୍ଶନ ତଥା ଆଗ୍ରାରେ ତାଜମହଲ ଦେଖିବା ପାଇଁ ଯାତ୍ରୀମାନଙ୍କୁ ସୁଯୋଗ ଦିଆଯାଉଥିଲା । ୧୯୭୨ ଏବଂ ୧୯୭୩ ମସିହାର ଟ୍ରିପ୍‌ରେ ଯାତ୍ରୀଙ୍କୁ ବାରାଣସୀରେ ଗଙ୍ଗା, ଶାହାଜାହାନଙ୍କ ପିକକ୍ ଥ୍ରୋନ୍, ତାଜ୍‌ମହଲ୍, କାସ୍‌ପିଆନ୍ ସାଗର, ଗୋଲ୍‌ଡେନ୍ ହର୍ଣ୍ଣ (ତୁର୍କୀ), ଡ୍ରାକୋମାନ୍ ପାସ୍ (ବୁଲ୍‌ଗେରିଆ), ରାଇନ୍ ଉପତ୍ୟକା (ଜର୍ମାନୀ) ଏବଂ ପାକିସ୍ତାନର ଖାଇବର ପାସ୍ ପର୍ବତମାଳା ବୁଲାଇବାର ଅଫର୍ ଦିଆଯାଇଥିବାର ଜଣାପଡ଼ିଛି । ଏଗାରଟି ଦେଶ ଦେଇ ଯାତାୟତ କରିଥିବା ଏହି ଐତିହାସିକ ବସ୍ ଅଲବର୍ଟ ସେହି ସବୁ ଦେଶମାନଙ୍କ ମଧ୍ୟରେ ସଂହତି ଏବଂ ସଂଯୋଗର ସୂତ୍ର ଥିଲା ବୋଲି ମଧ୍ୟ ଚର୍ଚ୍ଚା ହେଉଛି । ସୋସିଆଲ୍ ମିଡିଆରେ ଲଣ୍ଡନରୁ କଲିକତା ବସ୍ ଯାତ୍ରା ସମୟର ଫଟୋ ଦେଖି ଲୋକେ ଉତ୍ସୁକ ହୋଇ ମଜାଳିଆ ପ୍ରତିକ୍ରିୟାମାନ ଦେଉଛନ୍ତି । ଜଣେ ଲେଖିଛନ୍ତି, ଦୁନିଆରେ ଭିସାର ଆବଶ୍ୟକତା ନ ଥାନ୍ତା କି, ଭଡ଼ା ଦେଇ ଆରାମରେ ବସ୍ କିମ୍ବା ଟ୍ରେନରେ ଚଢ଼ି ଯାଇହୁଅନ୍ତା । ଆଲ୍‌ବର୍ଟ ବସ୍ ଆଉ ଥରେ ଚାଲନ୍ତା କି ।

## ସାଇକେଲ୍‌କୁ ବାଇକ୍‌ରେ ପରିଣତ କଲେ ଛାତ୍ର



ମଧ୍ୟପ୍ରଦେଶର ନରସିଂହପୁର ଜିଲ୍ଲାର ଆମଗାଁଓବଡ଼ାର ଜଣେ ଛାତ୍ର ଅକ୍ଷର ରାଜପୁତ ଏବେ ଚର୍ଚ୍ଚାରେ ଅଛନ୍ତି । ସାଇକେଲ୍‌ରେ ଇଞ୍ଜିନ୍ ଲଗାଇ ସେ ତାକୁ ବାଇକ୍‌ରେ ପରିଣତ କରିଛନ୍ତି । ତାଙ୍କର ଏହି ଅଭିନବ ପ୍ରୟାସକୁ ଖୁବ୍ ପ୍ରଶଂସା କରାଯାଇଛି । ଅକ୍ଷୟ ସ୍ଥାନୀୟ ଅଞ୍ଚଳରେ ଥିବା ସ୍କୁଲରେ ନବମ ଶ୍ରେଣୀରେ ପଢୁଛନ୍ତି । ତାଙ୍କର ବାଇକ୍ ଚଳାଇବାକୁ ବହୁତ ଇଚ୍ଛା ଥିଲା । କିନ୍ତୁ ବୟସ କମ୍ ହୋଇଥିବାରୁ ବାପା ତାଙ୍କୁ ସାଇକେଲ ଆଣିଦେଇଥିଲେ । ଲକ୍‌ଡାଉନ୍ ସମୟରେ ସେ କିଛି ନୂଆ କରିବାକୁ ଚିନ୍ତା କରିଥିଲେ । ଏଭଳି ସମୟରେ ସାଇକେଲ୍‌କୁ ବାଇକ୍‌ରେ ପରିଣତ କରିବା ଲାଗି ତାଙ୍କ ମନରେ ଆଇଡିଆ ଆସିଲା । ବର୍ଜ୍ୟବସ୍ତୁରୁ ଉପଯୋଗୀ ଜିନିଷପତ୍ର ପ୍ରସ୍ତୁତିରେ ଅକ୍ଷୟଙ୍କ ରୁଚି ରହିଛି । ତେଣୁ ସେ କବାଡ଼ିଆଙ୍କଠାରୁ ପୁରୁଣା ଚାମ୍ପ ଗାଡ଼ିର ଇଞ୍ଜିନ୍‌କୁ ଆଣି ସାଇକେଲ୍‌ରେ ଲଗାଇ ଦେଲେ । ଅକ୍ଷୟ କହିଛନ୍ତି, ଏହାଦ୍ୱାରା ମୋର ବାଇକ୍ ଚଳାଇବାର ସ୍ୱପ୍ନ ପୂରଣ ହୋଇଛି । ସେହିପରି କମ୍ ପେଟ୍ରୋଲରେଏହା ଚାଲୁଥିବା ସେ ପ୍ରକାଶ କରିଛନ୍ତି । ଏହା ପୂର୍ବରୁ ସେ ଗୋଟିଏ ଟାୟାରବିଶିଷ୍ଟ ବାଇକ୍ ବନାଇ ଚର୍ଚ୍ଚିତ ହୋଇଥିଲେ । ତାଙ୍କର ଉଦ୍ୟମକୁ ଜିଲ୍ଲାପାଳ ପ୍ରଶଂସା କରିଥିଲେ ।

## ସ୍ୱାସ୍ଥ୍ୟ ମନ୍ତ୍ର

ବିଶ୍ୱରେ ପ୍ରତି ଦଶ ଜଣରେ ଜଣେ ମଣିଷ ଅବସାଦର ଶିକାର । ଏହାକୁ ନିୟନ୍ତ୍ରଣରେ ନରଖିଲେ ନାନା ରୋଗ ଆକ୍ରମଣ କରେ । ଅବସାଦ ବା' ଡିପ୍ରେସନ୍'କୁ ନିୟନ୍ତ୍ରଣରେ ରଖିବା ଲାଗି ବଜାରରେ ନାନା ପ୍ରକାର ଔଷଧ ମିଳୁଛି । ଔଷଧ ଦ୍ୱାରା ଅବସାଦମୁକ୍ତ ହେବା ସମ୍ଭବ । ତେବେ ବ୍ୟାୟାମ ଦ୍ୱାରା ପ୍ରାକୃତିକ ଭାବେ ଅବସାଦକୁ ରୋକାଯାଇପାରେ; ଏହାର ମାତ୍ରା କମ୍ କରାଯାଇପାରେ । କଠିନ ବ୍ୟାୟାମ ଦ୍ୱାରା ଅବସାଦ ଦୂର ହେଉଥିବା ପୂର୍ବରୁ ପ୍ରମାଣିତ । ତେବେ, ସକାଳୁ ଚାଲିବା ବା ମର୍ନିଂ ୱାକ୍ ଭଳି ସାଧାରଣ ବ୍ୟାୟାମ ଦ୍ୱାରା ମଧ୍ୟ ମଣିଷ ଅବସାଦମୁକ୍ତ ରହିପାରିବ । ଏଥି ପାଇଁ ସକାଳୁ, ଉଠି ଚାଲନ୍ତୁ । ଯଥା ସଂଭବ ବେଗରେ ଏବଂ ଯେତିକି ଅଧିକ ସଂଭବ ଦୂର ବାଟ ଚାଲନ୍ତୁ । ସୂର୍ଯ୍ୟାଲୋକ ପଡ଼ିବା ପୂର୍ବରୁ ଚାଲନ୍ତୁ । ଏହାଦ୍ୱାରା ହର୍‌ମୋନ୍ କ୍ଷରଣ ସ୍ୱାଭାବିକ ହୁଏ । ନିୟମିତ ପ୍ରତ୍ୟୁଷରୁ ଚାଲିଲେ ରକ୍ତ ଶର୍କରା, ରକ୍ତଚାପ ଆଦି ମଧ୍ୟ ନିୟନ୍ତ୍ରଣରେ ରହେ । ତେଣୁ ଆବାଳବୃଦ୍ଧବନିତା ସମସ୍ତେ ପ୍ରାତଃ-ଭ୍ରମଣକୁ ଗୁରୁତ୍ୱ ଦିଅନ୍ତୁ ।

## ପେଣ୍ଟାଗନ୍



ଯୁକ୍ତରାଷ୍ଟ୍ର ଆମେରିକା ପ୍ରତିରକ୍ଷା ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟକୁ 'ପେଣ୍ଟାଗନ୍' କୁହାଯାଏ । ରାଷ୍ଟ୍ରପତି ଫ୍ରାଙ୍କଲିନ୍ ଡି ରୁଜ୍‌ଭେଲ୍‌ଟଙ୍କ ସମୟରେ ଏହା ନିର୍ମିତ ହୋଇଥିଲା । ପ୍ରଥମେ ସେଠାରେ ପ୍ରତିରକ୍ଷା ବିଭାଗ ନଥିଲା । ପ୍ରତିରକ୍ଷା ବିଭାଗ ଅନ୍ୟତ୍ର ଚାଲୁଥିଲା । ପରେ ସ୍ଥାନାଭାବ ଯୋଗୁଁ 'ପେଣ୍ଟାଗନ୍' ଆସିଥିଲା । 'ପେଣ୍ଟାଗନ୍'ର କାର୍ଯ୍ୟାଳୟ ସ୍ଥାନ ୫୧ ଲକ୍ଷ ବର୍ଗଫୁଟ । 'ଏମ୍ପାୟାର୍ ଷ୍ଟେଟ୍ ବିଲ୍‌ଡିଂର ଅଫିସ୍ ସ୍ପେସ୍ ଏହା ଅଧାରୁ କମ୍ । ହେଲ୍‌ସ ବଟମ୍ ନାମକ ସ୍ଥାନରେ 'ପେଣ୍ଟାଗନ୍' ଅବସ୍ଥିତ । ଏକଦା ହେଲ୍‌ସ ବଟମ- ବେଶ୍ୟା ପଡ଼ା ଭାବେ କୁଖ୍ୟାତ ଥିଲା ଏବଂ ମୁଖ୍ୟତଃ ଗରିବ ନିଗ୍ରୋଙ୍କ ବାସସ୍ଥାନ



ଥିଲା । 'ଶୀତଳ ଯୁଦ୍ଧ' କାଳରେ ଏହାକୁ କୁହାଯାଉଥିଲା 'ଗ୍ରାଉଣ୍ଡ୍ ଜିରୋ' । ସୋଭିଏତ୍ ରୁଷିଆ ସହ ଆଣବିକ ଯୁଦ୍ଧ ହେଲେ, ଏହା ଉପରେ ପ୍ରଥମ ଆକ୍ରମଣ ହେବ, ଏହି ଆଶଙ୍କାରେ ଏଭଳି ନାମିତ କରାଯାଇଥିଲା । 'ପେଣ୍ଟାଗନ୍'ର ସମସ୍ତ କରିଡର୍‌ର ମୋଟ ଲମ୍ୱ ୧୭.୫ ମାଇଲ୍ । ଥରେ ଜେନ୍‌ରଲ୍ ଆଇଜେନ୍‌ହାୱାର୍ ସେଠାରେ ନିଜ ଅଫିସ୍ ଖୋଜୁଖୋଜୁ ହଜିଯାଇଥିଲେ । ୧୯୪୩ରେ 'ପେଣ୍ଟାଗନ୍' ଲୋକାର୍ପିତ ହେବା ପରଠାରୁ ମାତ୍ର ଥରେ ନବୀକରଣ ହୋଇଥିବା ଜଣାଯାଏ । ଉକ୍ତ ନବୀକରଣ କାର୍ଯ୍ୟ ସତର ବର୍ଷ ଚାଲିଥିଲା ଏବଂ ବ୍ୟୟ ହୋଇଥିଲା ୪୫୦ କୋଟି ଡଲାର୍ । ଏହା ପାଞ୍ଚ ମହଲା ବିଶିଷ୍ଟ । ଏଥିରେ ଆଦୌ ଲିଫ୍‌ଟ ବା ଏଲିଭେଟର୍ ନାହିଁ । ଏତେ ବିଶାଳ ହୋଇଥିଲେ ହେଁ ଏହାର ନିର୍ମାଣ ମାତ୍ର ଦୁଇ ବର୍ଷରେ ଶେଷ ହୋଇଥିଲା । ଏକଦା 'ପେଣ୍ଟାଗନ୍'ରେ ଶ୍ୱେତାଙ୍ଗ ଓ ଅଣ-ଶ୍ୱେତାଙ୍ଗ (ନିଗ୍ରୋ)ଙ୍କ ପାଇଁ ଭିନ୍ନ ଭିନ୍ନ ଶୌଚାଳୟ ଥିଲା ।

## କିଶୋରଙ୍କ ପାଇଁ ବାୟୁ ପ୍ରଦୂଷଣ

ଏକ ନୂଆ ଗବେଷଣାରୁ ଜଣାପଡ଼ିଛି ଯେ, ବାୟୁ ପ୍ରଦୂଷଣର ଉଚ୍ଚସ୍ତର କିଶୋରଙ୍କ ମଧ୍ୟରେ ଅପରାଧିକ ବ୍ୟବହାର ଆଶଙ୍କା ବୃଦ୍ଧି କରିପାରେ । ଗବେଷକମାନଙ୍କ କହିବାନୁସାରେ ବାୟୁ ପ୍ରଦୂଷଣ ଉଚ୍ଚତମ ସ୍ତରରେ ରହିବା ଯୋଗୁଁ ଛୋଟ ଛୋଟ ବିଷାକ୍ତ କଣିକା ବିକଶିତ ହୋଇ ମସ୍ତିଷ୍କରେ ପ୍ରବେଶ କରିଥାଏ । ଏହା ମସ୍ତିଷ୍କ ଭିତରେ କିଛି ନା କିଛି ପ୍ରଭାବ ପକାଇଥାଏ । ଭାବନା ଏବଂ ନିଷ୍ପତ୍ତି ନେବା ପାଇଁ ମସ୍ତିଷ୍କର ଯେଉଁ ଅଂଶ ଦାୟୀ ତାହା ଉପରେ ଖରାପ ପ୍ରଭାବ ପଡ଼ିଥାଏ । ଏହି ଗବେଷଣା ହେଉଛି ସ୍ୱଚ୍ଛ ପବନର ମହତ୍ୱ ସମ୍ପର୍କରେ ଏକ ଚେତାବନୀ । ସହରାଞ୍ଚଳରେ ବୃକ୍ଷରୋପଣର କେତେ ଆବଶ୍ୟକତା ରହିଛି ତାହା ଏହି ଗବେଷଣାରୁ ଜଣାପଡ଼ିଛି । ଗବେଷଣାର ନେତୃତ୍ୱ ନେଇଥିବା ଗବେଷକ ଡାଏନା ୟୋନାନ୍‌ଙ୍କ କହିବାନୁସାରେ ପ୍ରଦୂଷଣ ପାଇଁ ଦାୟୀ ଛୋଟ କଣିକାକୁ ପାର୍ଟିକୁଲେଟ୍ ମ୍ୟାଟର୍ ବୋଲି କୁହାଯାଏ । ଏହି କଣିକା ଏକ କେଶମୂଳଠାରୁ ମଧ୍ୟ ୩୦ ଭାଗ ଛୋଟ ହୋଇଥିବାରୁ ସ୍ୱାସ୍ଥ୍ୟ ପାଇଁ ବହୁତ କ୍ଷତିକାରକ ବୋଲି ଡାଏନା କହିଛନ୍ତି । ଆମେରିକାସ୍ଥିତ ୟୁନିଭର୍ସିଟି ଅଫ୍ ସର୍ଦନ କାଲିଫର୍ଣ୍ଣିଆର ରିସର୍ଚ୍ଚ ଆସୋସିଏଟ୍ ଡାଏନା କହିଛନ୍ତି, ଏହି ଛୋଟ ରାସାୟନିକ କଣିକା ମଣିଷ ଶରୀରରେ ପ୍ରବେଶ କରି ଫୁସ୍‌ଫୁସ୍ ଏବଂ ହୃଦୟକୁ ପ୍ରଭାବିତ କରିଥାଏ । ଯାହାଦ୍ୱାରା ମସ୍ତିଷ୍କର ସରଞ୍ଚନା ଓ ସ୍ନାୟୁ ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଥାଏ । ଏହି କିଶୋରଙ୍କ ବ୍ୟବହାରକୁ ମଧ୍ୟ ପ୍ରଭାବିତ କରିଥାଏ ବୋଲି ଗବେଷଣଶରତ ଡାଏନା କହିଛନ୍ତି ।

## ବୋଇତାଳୁ ପୋଡ଼ପିଠା

**ସାମଗ୍ରୀ:**

-ବୋଇତାଳୁ (କଖାରୁଞ୍ଚ): ୧ କେ.ଜି.
-ଅରୁଆ ଚାଉଳ: ୫୦୦ ଗ୍ରାମ୍
-ଚିନି: ୫୦୦ ଗ୍ରାମ୍
-କାଜୁବାଦାମ୍: ୨୫ଟି
-ଦ୍ରାକ୍ଷା: ୨୦ଟି
-ଅଳେଇଚ: ୧୦ଟି
-ଗୋଲମରିଚ: ୨୦ଟି
-ଗୁଆଘିଅ: ୧୫୦ଗ୍ରାମ୍
-କୋରା ନଡ଼ିଆ: ଫାଳେ
-ଛୋଟ କଦଳୀ ପତ୍ର
-ସ୍ୱାଦ ଅନୁସାରେ ଲୁଣ

**ପ୍ରଣାଳୀ:**



ପ୍ରଥମେ ଚାଉଳକୁ ଦୁଇ ଘଣ୍ଟା ବତୁରାଇ ଦିଅନ୍ତୁ । ଦୁଇ ଘଣ୍ଟା ପରେ ତାକୁ ଛାଣି ବହଳିଆ କରି ଗ୍ରାଇଣ୍ଡିଂ କରିଦିଅନ୍ତୁ । ବୋଇତାଳୁର ଚୋପା ଛଡ଼ାଇ ଧୋଇ ଛୋଟ ଛୋଟ ଖଣ୍ଡ କରି କାଟି ସିଝାଇ ଦିଅନ୍ତୁ । ବୋଇତାଳୁ ଥଣ୍ଡା ହେଲା ପରେ ଚାଉଳ ଗୁଣ୍ଡରେ ମିଶାଇ ଚକଟନ୍ତୁ । ଚିନିକୁ ଗ୍ରାଇଣ୍ଡିଂ କରି ସେହି ମିଶ୍ରଣରେ ଗୋଳାଇ ଦିଅନ୍ତୁ । କାଜୁ, ଦ୍ରାକ୍ଷାକୁ ଅଳ୍ପ ଆଞ୍ଚରେ ଭାଜି ଦିଅନ୍ତୁ । ତା' ପରେ କାଜୁ, ଦ୍ରାକ୍ଷା, ନଡ଼ିଆ କୋରା, ଅଳେଇଚ, ଗୋଲମରିଚକୁ ଗୁଣ୍ଡ କରି, ଲୁଣ ପକାଇ ଗୋଳାଇ ଦିଅନ୍ତୁ । ସବୁକୁ ୫ ରୁ ୭ ମିନିଟ୍ ପର୍ଯ୍ୟନ୍ତ ଭଲ ଭାବେ ଫେଣ୍ଟି ଦିଅନ୍ତୁ । ପ୍ରେସର କୁକର୍‌କୁ ଗ୍ୟାସ୍‌ରେ ବସାଇ ଢାଙ୍କୁଣୀ ବାହାର କରି ପାଞ୍ଚ ମିନିଟ୍ ଧିମା ଆଞ୍ଚରେ ବସେଇ ଦିଅନ୍ତୁ । କଦଳୀ ପତ୍ରକୁ ଭଲ ଭାବେ ଧୋଇ ସେଥିରେ ଅଧାଘିଅ ଲଗେଇ ଦିଅନ୍ତୁ । ଆଉ ଅଧାଘିଅକୁ ପ୍ରେସର କୁକୁର୍ ଭିତର ସାରା ବୋଳିଦେଇ ପିଠଉକୁ ଢାଳି ଦେଇ ଗ୍ୟାସ୍‌ରେ ବସେଇ ଦିଅନ୍ତୁ । ଟିକେ ସିଝିଗଲା ପରେ ଢାଙ୍କୁଣୀର ହୁଇସିଲ୍ କାଢ଼ି ଢାଙ୍କୁଣୀ ଦେଇ ଧିମା ଆଞ୍ଚରେ ୪୫ ମିନିଟ୍ ବସାନ୍ତୁ । ସିଝିଗଲେ ପିଠା ବାସ୍ନା ଆସିବ । ତା' ପରେ ଗୋଟିଏ ଥାଳିରେ କାଢ଼ି ଦିଅନ୍ତୁ । ପୂରା ଥଣ୍ଡା ହେଲା ପରେ ପତ୍ର ବାହାର କରି ଛୁରିରେ ଖଣ୍ଡ ଖଣ୍ଡ କରି କାଟି ସମସ୍ତଙ୍କୁ ଖାଇବାକୁ ପରଷି ଦେବା ସହ ନିଜେ ମଧ୍ୟ ଖାଆନ୍ତୁ । ଓଭାନ୍ କିମ୍ବା ନନ୍‌ଷ୍ଟିକ୍ କଡ଼େଇରେ ପୋଡ଼ପିଠା ତିଆରି କଲେ କଦଳୀ ପତ୍ରର ଆବଶ୍ୟକ ନାହିଁ । ଗୋଟେ ଛୋଟ ଗ୍ଲାସ୍‌ରେ ଅଧାପାଣି ରଖି ପିଠା ମଝିରେ ରଖିଦେଲେ ପିଠା ମଝି କଞ୍ଚା ରହେନି ।

## ଶହେ ଭାଷା କହିପାରୁଥିବା ରୋବୋଟ୍



ଇରାନ୍‌ର ତେହେରାନ୍ ବିଶ୍ୱବିଦ୍ୟାଳୟ ଏଭଳି ଏକ ରୋବୋଟ୍ ତିଆରି କରିଛି ଯାହା ଶହେଟି ଭିନ୍ନ ଭିନ୍ନ ଭାଷା ବୁଝିପାରିବା ସହ ଅନୁବାଦ ବି କରିପାରୁଛି । କେବଳ ଏତିକି ନୁହେଁ ଏହା ମୁହଁ ଚିହ୍ନିବା ସହ ଫୁଟବଲ୍‌କୁ କିକ୍ ମାରିପାରେ । ଆଇଆର୍‌ଆଇବି ଟିଭି ରିପୋର୍ଟ ଅନୁସାରେ, ବିଶ୍ୱବିଦ୍ୟାଳୟର ଏକ ଟିମ୍ ଚାରି ବର୍ଷ ଧରି ଏହି ରୋବୋଟ୍‌କୁ ତିଆରି କରିଥିଲେ । ଏହାର ନାଁ 'ସୁରେନା' । ରିପୋର୍ଟ ଅନୁସାରେ ଏହି ରୋବୋଟ୍ ଯେ କୌଣସି ଜିନିଷକୁ ଉଠାଇପାରିବ । ଖାଲି ସେତିକି ନୁହେଁ, ଲୋକମାନଙ୍କ ସହ ହାତ ମିଳାଇ ଅଭିନନ୍ଦନ ଜଣାଇପାରିବ । ସୂତ୍ର ଅନୁସାରେ, ୧୭୦ ସେଣ୍ଟିମିଟର୍ ଲମ୍ବ ଏବଂ ୭୦ କିଲୋଗ୍ରାମ୍ ଓଜନର ସୁରେନା ଘଣ୍ଟା ପ୍ରତି ୦.୭ କିଲୋମିଟର୍ ଗତିରେ ଚାଲିବାକୁ ସକ୍ଷମ ଏବଂ ଆବଡ଼ା-ଖାବଡ଼ା ଜାଗାରେ ଆଗପଛ ତଥା ବାମ-ଡାହାଣକୁ ମୁହଁ ବୁଲାଇପାରିବ ।

## ବୌଦ୍ଧ ପ୍ରତିମା ଗାଁ



ଜାପାନ୍ ଅନ୍ତର୍ଗତ ଓ୍ୱସାବାନୋର ଏକ ଗାଁ ନାମ- 'ଫୁରିଆଇ ସେକିବୁତ୍‌ସୁ ନୋ ସାତୋ' । ଏହାର ଅର୍ଥ- 'ଯେଉଁ ଗ୍ରାମରେ ବୌଦ୍ଧ ପ୍ରତିମାମାନଙ୍କୁ ଭେଟିବ' । ସେଠାରେ ମୋଟ ଆଠ ଶହଟି ପ୍ରତିମା ରହିଛି । ତନ୍ମଧ୍ୟରୁ ଅର୍ଦ୍ଧାଧିକ ବିଭିନ୍ନ ବୌଦ୍ଧ ଦେବା-ଦେବୀଙ୍କର । ମୁତ୍‌ସୁ ଫୁରୁକାୱା ନାମକ ବିତ୍ତଶାଳୀ ବ୍ୟକ୍ତି ୧୯୮୯ରେ ପ୍ରତିମାଗଡ଼ିକୁ ଗଢ଼ାଇ, ସ୍ଥାପିତ କରାଇଥିଲେ । ଏ ବାବଦରେ ସେତେବେଳେ ବ୍ୟୟ କରିଥିଲେ ୪.୪ କୋଟି ପାଉଣ୍ଡ୍ ଷ୍ଟର୍ଲିଂ । ମୁତ୍‌ସୁଙ୍କ ମୃତ୍ୟୁ ପରେ କେହି ରକ୍ଷଣାବେକ୍ଷଣା କରି ନଥିଲେ । ପ୍ରତିମାଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହି ଏବେ ଏକ ଭୌତିକ ପରିବେଶ ସୃଷ୍ଟି କରିଛି ।



# ନିର୍ମାଣ ଶ୍ରମିକଙ୍କ ସାମାଜିକ ସୁରକ୍ଷା ହିଁ ରାଜ୍ୟ ସରକାରଙ୍କ ପ୍ରାଥମିକତା : ଶ୍ରମ ମନ୍ତ୍ରୀ

ଭୁବନେଶ୍ୱର,୨୪।୯ (ନି.ପ୍ର): ଶ୍ରମ ଓ କର୍ମଚାରୀ ରାଜ୍ୟବୀମା, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶ୍ରୀ ସୁଶାନ୍ତ ସିଂହଙ୍କ ଅଧ୍ୟକ୍ଷତାରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସଂପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ଶ୍ରୀ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଚିତ୍ରା ଅରୁମୁଗମ୍, ରାଜ୍ୟ ଶ୍ରମ କମିଶନର ଡ. ଏନ୍. ଥିରୁମାଲା ନାୟକ ପ୍ରମୁଖ ଉପସ୍ଥିତ ରହି ଭର୍ଚୁଆଲ୍ ମୋଡ୍ ରେ ବିଭିନ୍ନ ଶ୍ରମିକ କଲ୍ୟାଣ ଯୋଜନାର ଅଗ୍ରଗତି ସଂପର୍କରେ ଜିଲ୍ଲାର ବରିଷ୍ଠ ଶ୍ରମ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ । ପ୍ରାରମ୍ଭରେ ମନ୍ତ୍ରୀ ଶ୍ରୀ ସିଂହ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ରାଜ୍ୟ ଭିତରେ ଏବଂ ରାଜ୍ୟ ବାହାରେ ନିର୍ମାଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକମାନଙ୍କୁ ଯଥାଶୀଘ୍ର କଲ୍ୟାଣ ବୋର୍ଡରେ ନାମ ପଞ୍ଜୀକରଣ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଓଡ଼ିଶାକୁ ଫେରିଥିବା ପ୍ରବାସୀ ଶ୍ରମିକମାନଙ୍କର ସାମାଜିକ ନିରାପତା ଓ କଲ୍ୟାଣ ପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ। ଏହା ବ୍ୟତୀତ ସେସ୍ ଆଦାୟ ଉପରେ ଗୁରୁତ୍ୱାରୋପ କରିବା ସହ ଶ୍ରମ ନିର୍ଦ୍ଦେଶାଳୟରେ ଜଣେ ଡି.ଏଲ୍.ସିଙ୍କ ଅଧୀନରେ ଏକ ସେସ୍ ଆସେସ୍‌ମେଂଟ ଟିମ୍ ଗଠନ କରି ଆସେସ୍‌ମେଂଟ କାମକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ସେସ୍ ପ୍ରଦାନକାରୀଙ୍କୁ ଆଇନ୍ ସମ୍ବନ୍ଧରେ ସଚେତନ କରିବା ସହ ଏ ବାବଦରେ ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ଆଦି ଅଂଚଳର ଶ୍ରମ ଅଧିକାରୀମାନେ ବିଶେଷ ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟ ସରକାରଙ୍କ ୫'ଟି' କାର୍ଯ୍ୟକ୍ରମ ଓ ନୀତିକୁ ଧ୍ୟାନରେ ରଖି ଦଳଗତ ମନୋଭାବ ନେଇ ସ୍ୱଚ୍ଛତା, ଦକ୍ଷତା ଓ ସମୟାନୁବର୍ତ୍ତିତା ସହ କାର୍ଯ୍ୟ ହାସଲ କରିବାକୁ ଅନୁରୋଧ କରିଥିଲେ । ଯେଉଁ ଅଧିକାରୀ ଭଲ କାମ କରିଥିବେ ସେହି ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ସିଂହ ପ୍ରକାଶ କରିଥିଲେ। ଏହି ସମୀକ୍ଷା ବୈଠକରେ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ଶ୍ରୀ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କୋଭିଡ୍-୧୯ ଯୋଗୁଁ ରାଜ୍ୟ ବାହାରୁ ଓଡ଼ିଶାକୁ ଫେରିଥିବା ପ୍ରବାସୀ ନିର୍ମାଣ ଶ୍ରମିକମାନଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡରେ ଯଥାଶୀଘ୍ର ପଞ୍ଜୀକୃତ କରିବାକୁ ବିଭିନ୍ନ ଜିଲ୍ଲା ଶ୍ରମ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଅରୁମୁଗମ୍ କହିଲେ ଯେ ଶ୍ରମିକମାନଙ୍କ ନିକଟରେ ମୋବାଇଲ୍ ଆପ୍ ଓ ପରିଶ୍ରମ ପୋର୍ଟାଲ୍ ମାଧ୍ୟମରେ ସେବା ଉପଲବ୍ଧ କରାଯିବ, ଯାହାଦ୍ୱାରା କି ହିତାଧିକାରୀମାନେ ସେମାନଙ୍କ ନିଜ ଘରେ ରହି ସେବା ପାଇପାରିବେ। ରାଜ୍ୟ ଶ୍ରମ କମିଶନର ଡ. ନାୟକ କଲ୍ୟାଣ ବୋର୍ଡର ବିଭିନ୍ନ ଯୋଜନା ଜିଲ୍ଲାସ୍ତରରେ କିଭଳି ଭାବେ କାର୍ଯ୍ୟକାରୀ ହେଉଛି ଏବଂ ବୋର୍ଡର ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ମତାମତ ରଖି କହିଲେ ଯେ ଓଡ଼ିଶାରେ ଅଦ୍ୟାବଧି ୩୦ ଲକ୍ଷରୁ ଉର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇ ପ୍ରାୟତଃ ୧୯୦୦ କୋଟି ଟଙ୍କା ବିଭିନ୍ନ ହିତାଧିକାରୀଙ୍କୁ ବଂଟନ କରାଯାଇଛି । ବର୍ତ୍ତମାନ ସୁଦ୍ଧା ପ୍ରାୟତଃ ୨୩୦୦ କୋଟି ଟଙ୍କା ସେସ୍ ବାବଦରେ ସଂଗୃହୀତ ହୋଇଥିବାବେଳେ ୨୧ ଲକ୍ଷ ସହାୟତା ପ୍ରଦାନ କରାଯାଇଛି । ଏହି ବୈଠକରେ ଉପସ୍ଥିତଥିବା ସମସ୍ତ ଶ୍ରମ ଅଧିକାରୀମାନଙ୍କୁ କୋଭିଡ୍ ?-୧୯ ମାର୍ଗଦର୍ଶିକା ମାନି କାର୍ଯ୍ୟକରିବାକୁ ସେ ପରାମର୍ଶ ଦେଇଥିଲେ । ଏହି ଅବସରରେ ବରଗଡ଼ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ହେମନ୍ତ ପ୍ରଧାନଙ୍କ ହୃଦଘାତଜନିତ ଆକସ୍ମିକ ମୃତ୍ୟୁ ହୋଇଥିବାରୁ ତାଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

# ଜମିବାଡ଼ି ବିବାଦକୁ କେନ୍ଦ୍ର କରି ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

କୋରେଇ,୨୪।୯ (ନି.ପ୍ର): ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ଖମଣ ଗ୍ରାମରେ ଜମିବାଡିକୁ କେନ୍ଦ୍ର କରି ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି । ଏନେଇ ଥାନାରେ ଚାରୁଲତା ସାହୁ ଅଭିଯୋଗ କରିବା ପରେ ପୁଲିସ ମାମଲାର ତଦନ୍ତ କରୁଛି । ପ୍ରକାଶ ଯେ, ଖମଣ ଗ୍ରାମର ଦୁର୍ଯ୍ୟୋଧନ ସାହୁ ଓ ଦେବ ପ୍ରକାଶ ସାହୁଙ୍କର ପରିବାର ମଧ୍ୟରେ ପୂର୍ବରୁ ଜମିବାଡି ବିବାଦ ରହିଛି । ଦେବ ପ୍ରକାଶ ସାହୁ ଉକ୍ତ ବିବାଦୀୟ ସ୍ଥାନରେ ଘର କରିଛନ୍ତି । ଯାହାକୁ ନେଇ ଭଦ୍ର ଲୋକଙ୍କ ନିଷ୍ପତି ଅନୁଯାୟ କାର୍ଯ୍ୟ ବନ୍ଦ କରାଯାଇଥିଲା । ମାତ୍ର ଆଜି ଭଦ୍ର ବ୍ୟକ୍ତିଙ୍କ ନିଷ୍ପତିକୁ ଅମାନ୍ୟ କରି ଦେବ ଓରଫ ବୁଲା ଉକ୍ତ ଘରର କାଠ କବାଟ ଲଗାଇବା ଆରମ୍ଭ କରିଥିଲେ । ଏହାକୁ ଦୁର୍ଯ୍ୟୋଧନଙ୍କ ସ୍ତ୍ରୀ ଚାରୁଲତା ଭଦ୍ର ବ୍ୟକ୍ତିଙ୍କ ନିଷ୍ପତି ବିରୋଧରେ କାହିଁକି କାମ କରୁଛ କହିବାରୁ ପେଶାରେ ଶିକ୍ଷକତା କରୁଥିବା ଦେବ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଏକ କାଠ ସାହାଯ୍ୟରେ ଚାରୁଲତାଙ୍କ ପିଠିକୁ ପ୍ରହାର କରିଥିଲେ। ଏହି ସମୟରେ ଦେବଙ୍କ ପୁଅ ଓମପ୍ରକାଶ ଏକ ଧକ୍କା ମାରିବାରୁ ଚାରୁ ଲତା ତଳେ ପଡିଯିବାରୁ ମୁଣ୍ଡରେ ଆଘାତ ଲାଗି ଚେତାଶୂନ୍ୟ ହୋଇପଡିଥିଲେ । ଗ୍ରାମାବାସୀମାନେ ସେଠାରୁ ଚାରୁଲତାକୁ ଉଦ୍ଧାର କରିଥିଲେ । ଏହି ସମୟରେ ଦେବ ତାର ପରିବାରକୁ ସମୂଳେ ମାରିଦେବା ଧମକ ଦେବା ସହ ଘର ଛାଡି ପଳାଇବାକୁ କହିଥିଲେ । ଦୁର୍ଯ୍ୟୋଧନ ଓ ଚାରୁଲତାଙ୍କ କେହି ପୁଅ ନଥିବାରୁ ବାରମ୍ବାର ସେମାନଙ୍କ ଉପରେ ଅତ୍ୟାଚାର ହେଉଥିବାରୁ ଏ ଦିଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସ ନିକଟରେ ଅଭିଯୋଗ ହୋଇଛି ।

# ରାଉତରାପୁର ପଂଚାୟତରେ ସୁରଖୁରରେ ରିଲିଫ ବଂଟନ

ଧର୍ମଶାଳା,୨୪।୯ (ନି.ପ୍ର): ଚଳିତ ବର୍ଷ ବ୍ରହ୍ମଣୀ ନଦୀ ଓ ତାହାର ଶାଖା ନଦୀରେ ପ୍ରଳୟକାରୀ ବନ୍ୟା ଆସିଥିଲା । ଫଳରେ ଦୃବଳ ନଦୀ ବନ୍ଧ ଭାଙ୍ଗି ଯାଇଥିଲା । ଧର୍ମଶାଳା ବ୍ଲକ ଦେଓଦା ପଂଚାୟତସ୍ଥ ନିରହାଟଠାରେ ବ୍ରାହ୍ମଣୀ ଶାଖା ନଦୀ କେଲୁଅରେ ୨ଶହରୁ ଉର୍ଦ୍ଧ ଫୁଟର ଘାଇ ସୃଷ୍ଟି ହୋଇଥିଲା । ଫଳରେ ସ୍ଥାନୀୟ ୧୦ଗୋଟି ପଂଚାୟତର ଲୋକେ ବନ୍ୟା ଜଳରେ ପ୍ରଭାବିତ ହୋଇଥିଲେ । ବନ୍ୟା ପ୍ରଭାବିତ ଅଂଚଳରେ ତୁରନ୍ତ ରିଲି କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା । ଏବଂ ଏହି ବନ୍ୟା ଜଳରେ ବରୀ ନିର୍ବାଚନ ମଣ୍ଡଳୀର ରାଉତରାପୁର ପଂଚାୟତ ପ୍ରଭାବିତ ହୋଇଥିଲା । ଫଳରେ ଏହି ପଂଚାୟତକୁ ୨୦୧୧ ଜନଗଣନା ଅନୁଯାୟୀ ରିଲିଫ ସାମଗ୍ରୀ ଯୋଗାଇ ଦିଆଯାଇଥିଲା । ପଂଚାୟତର ସରପଂଚ କୈଳାସ ସାହୁଙ୍କ ଉପସ୍ଥିତିରେ ପଂଚାୟତ କାର୍ଯ୍ୟାଳୟରେ ବନ୍ୟା ପ୍ରଭାବିତ ଲୋକମାନଙ୍କୁ ରିଲିଫ ସାମଗ୍ରୀ ବଂଟନ କରାଯାଇଛି । ସରକାରୀ ନିୟମ ଅନୁଯାୟୀ ଏହି ପଂଚାୟତରେ ୭୬୬ ପରିବାରଙ୍କୁ ୫୦କେଜି ଚାଉଳ ସହ ୫ଶହ ଟଙ୍କା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ପଂଚାୟତର ଅନପୂର୍ଣ୍ଣା କୁଣ୍ଡୁ, ରମେଶ ସାହୁ, ବିକାଶ ନାୟକ, ହରିହର ସାହୁ, ବିକାଶ ସାହୁ,ଝାତକ ମହାରଣା,ବିନୋଦ ପୃଷ୍ଟି , ବିଜୟ ବେହେରା , ବିଶ୍ୱନାଥ ସାହୁ, ଅଶୋକ ଦାସ, ସଂକୁ ଦାସ, ରବିନ୍ଦ୍ର ସାହୁ, ବୈକୁଣ୍ଠ ବରାଳ, ତାପସ ଜେନା ଓ ରଶ୍ମିତା ଜେନା ପ୍ରମୁଖ ସହଯୋଗ କରିଥିଲେ ।

# କୃଷକ ବିରୋଧୀ ଆଇନ ପ୍ରତିବାଦରେ ରାଷ୍ଟ୍ରବ୍ୟାପି ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ

ଭୁବନେଶ୍ୱର,୨୪।୯ (ନି.ପ୍ର): କୃଷି ବିଲ୍ କୁ ବିରୋଧ କରି କେନ୍ଦ୍ରୀୟ କୃଷକ ସଂଘର୍ଷ ସମନ୍ୱୟ ତରଫରୁ ଆସନ୍ତା ୨୫ ତାରିଖ ବନ୍ଦ ପାଳନକୁ ସମର୍ଥନ କରି ଓଡ଼ିଶାର ଚାଷୀମାନେ ମୋଦୀ ସରକାରର କମ୍ପାନୀ ପ୍ରୀତି ବିରୋଧରେ ବିଭିନ୍ନ କୃଷକ ସଂଗଠନଗୁଡ଼ିକର ମିଳିତ ଆନ୍ଦୋଳନରେ ସାମିଲ୍ ହେବାକୁ ନିବେଦନ କରିଛି ରାଜ୍ୟ କୃଷକ ସଂଗଠନ ସମନ୍ୱୟ ସମିତି । ଏହି ଆଇନ ଦ୍ୱାରା ଧାନ ଗହମ ଖାଦ୍ୟଶସ୍ୟ ସହାୟକ ମୁଲ୍ୟ ଦେଇ କରାଯାଉଥିବା ସଂଗ୍ରହ ବନ୍ଦ ହୋଇଯିବ । ଦେଶରେ ଭାଗ ଚାଷୀଙ୍କ ହାତରୁ ଜମି ଚାଲିଯିବ କମ୍ପାନୀ ପାଖକୁ। ଏପରି ଅନେକ ଦାୟିତ୍ୱରୁ ସରକାର ଓହରି ଯିବାକୁ ଏକ ଚକ୍ରାନ୍ତ।

# ରାଜ୍ୟରେ ଦେଢ ଲକ୍ଷ କରୋନା ରୋଗୀ ସୁସ୍ଥ ହେବା ପରେ କୋବିଡ ଯୋଦ୍ଧାଙ୍କୁ ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୪।୯ (ନି.ପ୍ର): ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ରୋଗୀଙ୍କ ସଂଖ୍ୟା ବଢି ଦେଢ ଲକ୍ଷ ଅତିକ୍ରମ କରିଛି । ଏହାକୁ ନେଇ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ କର୍ମୀ ଓ କୋବିଡ ଯୋଦ୍ଧା ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ସେମାନେ ନିଜର ସମର୍ପଣ ଓ ବଳିଦାନ ଦେଇ ମୂଲ୍ୟବାନ ଜୀବନକୁ ବଂଚାଉଛନ୍ତି ।

# ଶ୍ରୀମନ୍ଦିରରେ ଭକ୍ତରୋଧରେ ଭଗବାନ : ଦର୍ଶନ ପାଇଁ ଭକ୍ତ ମନ ବ୍ୟାକୁଳ

ପୁରୀ,୨୪।୯ (ନି.ପ୍ର): ମହାପ୍ରଭୁ ମହାବାହୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଭକ୍ତମାନେ ଏବେ ବ୍ୟାକୁଳ ହେଲେଣି । ଗତ ମାର୍ଚ୍ଚ ମାସଠାରୁ ୭ ମାସ ହେଲାଣି ଶ୍ରୀମନ୍ଦିରର ଚାରିଦ୍ୱାର ବନ୍ଦ ରହିଛି । ଭଗବାନ ସତେ ଯେପରି ଭକ୍ତରୋଧରେ ଏକାକି ରହିଛନ୍ତି । ଶ୍ରୀମନ୍ଦିରରେ ନାହିଁ ଭକ୍ତଙ୍କ ଗହଳି । କେବଳ ନୀତିକାନ୍ତି ପାଇଁ କେତେକ ପାଳିଆ ସେବାୟତ ଯାଉଛନ୍ତି । ପ୍ରାୟ ୪ ଶହ ସେବାୟତ କରୋନା ସଂକ୍ରମିତ ହୋଇଥିବା ବେଳେ ଏବଂ କେତେକ ସେବାୟତଙ୍କ ମୃତ୍ୟୁ ଘଟିବାକୁ ଦେଖି ସେବାୟତକୁଳ ଏବେ ସେବା ପୂଜା ପାଇଁ ଶଙ୍କାରେ ରହିଛନ୍ତି । ଯେଉଁ ମନ୍ଦିରରେ ଦିନରାତି ହଜାର ହଜାର ଭକ୍ତଙ୍କ ଗହଳି ଲାଗି ରହୁଥିଲା ତାହା ଏବେ ଖାଁ ଖାଁ ଲାଗୁଛି । ଭକ୍ତ ଓ ଭଗବାନଙ୍କ ସମ୍ପର୍କ ନିବିଡ଼ । ପୂର୍ବରୁ ଶ୍ରଦ୍ଧାଳୁ ମାନେ ପ୍ରତ୍ୟେହ ଶ୍ରୀଜୀଉଙ୍କୁ ଦର୍ଶନ କରିବାର ସୁଯୋଗ ପାଇପାରୁଥିବା ବେଳେ ଏବେ କରୋନା ପାଇଁ ଦୀର୍ଘ ମାସ ଧରି ଭଗବାନଙ୍କୁ ଦର୍ଶନ ନକରି ବ୍ୟାକୁଳିତ ଅବସ୍ଥାରେ ଭକ୍ତ । ପୁରୀରେ ସଂକ୍ରମଣ ୮ ହଜାରରୁ ଉର୍ଦ୍ଧ୍ୱ ନେଇ ସଂକ୍ରମିତ ତାଲିକା ଆସିବା ପରେ ପ୍ରଶାସନ ଏବେ ନୂଆ ରଣନୀତିରେ କରୋନା ମୁକାବିଲା କରିବା ପାଇଁ ପ୍ରସ୍ତୁତି ଚଳାଇଛି । ଅନ୍ୟପକ୍ଷରେ ହୋଟେଲ ଖୋଲିବା ପାଇଁ ପ୍ରଶାସନ ନିର୍ଦ୍ଦେଶ ଦେଇଥିବା ବେଳେ ମନ୍ଦିର କାହିଁକି ଖୋଲୁନାହିଁ ବୋଲି ଅନେକ ଭକ୍ତ ପ୍ରଶ୍ନ କରିଛନ୍ତି । ବ୍ଲୁଫ୍ଲାଗ ବିଚ୍ ରେ କୋଭିଡ୍ ଆଇନ୍ ନମାନି ଅନେକ ବ୍ୟକ୍ତି ବୁଲୁଥିବା ବେଳେ ମନ୍ଦିର ନଖୋଲିବା ଘଟଣାକୁ ନେଇ ବୁଦ୍ଧିଜୀବିଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଶ୍ରୀମନ୍ଦିର ସହ ସଂପୃକ୍ତ ସେବାୟତ, ଶ୍ରୀମନ୍ଦିର ଚାରିପଟେ ବସୁଥିବା ଛୋଟ ଛୋଟ ଉଠାଦୋକାନୀ ଓ ଭକ୍ତଙ୍କୁ ନିର୍ଭର କରି ଗଢି ଉଠିଥିବା ଦୋକାନୀମାନେ ଏବେ ହାତବାନ୍ଧି ବସିଛନ୍ତି । ଯାହାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ଶୀଘ୍ର ଖୋଲିବା ପାଇଁ ସାଧାରଣରେ ଦାବି ହେଉଛି ।

# ପୋଡାକେରାରୁ ୧୨ ଫୁଟିଆ ଅଜଗର ଉଦ୍ଧାର

ପୁରୀ,୨୪।୯ (ନି.ପ୍ର): ପୁରୀ ସଦରବ୍ଲକ ଚନ୍ଦନପୁର ନିକଟ ବଳଭଦ୍ରପୁର ପଚାଂୟତ ଅନ୍ତର୍ଗତ ପୋଡାକେରା ଗ୍ରାମରୁ ଆଜି ଗୋଟେ ୧୨.୫ ଫୁଟିଆ ଅଜଗର ସାପକୁ ଉଦ୍ଧାର କରାଯାଇଛି । ସ୍ନେକ ହେଲ୍ପ ଲାଇନର ସଂଗ୍ରାମ କେଶରୀ ସେଠାରେ ପହଂଚି କୌଶଳ କ୍ରମେ ସାପଟିକୁ ଧରିଥିଲେ । ସଂଗ୍ରାମଙ୍କ କହିବା ଅନୁଯାୟୀ, ସାପଟି ୧୦ ବର୍ଷ ବୟସର ଓ ଏହାର ଓଜନ ୧୬ କେଜିରୁ ଉର୍ଦ୍ଧ୍ୱ ରହିଛି । ସାପଟିକୁ ସେଠାରୁ ଉଦ୍ଧାର କରିବା ପରେ ସେ ଜଙ୍ଗଲ ବିଭାଗକୁ ହସ୍ତାନ୍ତର କରିଛନ୍ତି । ସଂଗ୍ରାମଙ୍କ ଏହି କାର୍ଯ୍ୟକୁ ସେହି ଅଂଚଳରେ ପ୍ରଶଂସା କରାଯାଇଥିଲା ।

# ଗତ କାଲି ବେଆଇନ ବାଲି ଚାଲାଣ ଘଟଣାର ଗଣ୍ଡଗୋଳକୁ ନେଇ ଥାନାରେ ମାମଲା

ଧର୍ମଶାଳା,୨୪।୯ (ନି.ପ୍ର): ଗତ କାଲି ରସୁଲପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଂଚାୟତସ୍ଥ ଚାନ୍ଦପୁର ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ବେଆଇନଭାବେ କିଛି ହାଇୱା ବାଲି ଚାଲାଣ କରୁଥିଲେ । ଏହି ବାଲିକୁ ଜିଲା ବାହାରକୁ ଚାଲାଣ କରାଯାଉଥିଲା । ଏଠାରେ ସ୍ଥାନୀୟ ଲୋକେ ବାଲି ନ ପାଇବାରୁ ପଂଚାୟତବାସୀ ଏହାକୁ ଘୋର ବିରୋଧ କରିଥିଲେ । ଫଳରେ ଗ୍ରାମବାସୀ ଓ ବାଲି ଉତୋଳନ କରୁଥିବା କିଛି ଲୋକଙ୍କ ସହ ବଚସା ହୋଇଥିଲା । ପରେ ଏହି ସାମାନ୍ୟ ବଚସାକୁ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଫଳରେ ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇଥିଲା । ଏହି ଗଣ୍ଡଗୋଳ ସମୟରେ ବ୍ରହ୍ମବରଦା ପଂଚାୟତ ବ୍ରହ୍ମବରଦା ଗ୍ରାମର ସେକ୍ ଆସାରୁଲ ହକ୍ ଚାନ୍ଦପୁରରୁ ତାଙ୍କ ଇଟା ଫ୍ୟାକ୍ଟ୍ରୀରୁ ବାଇକ ଯୋଗେ ଘରକୁ ଫେରୁଥିଲେ । ଉତେଜନା ସ୍ଥାନରେ ତାଙ୍କ ସହ ଗ୍ରାମବାସୀଙ୍କ ବଚସା ହୋଇଥିଲା । ଫଳରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା । ଏହି ଘଟଣା ଘଟିବା ଫଳରେ ଆସାରୁଲଙ୍କ କିଛି ସମର୍ଥକ ଘଟଣାସ୍ଥଳରେ ପଂହଚିଥିଲେ । ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏହି ଘଟଣାରେ ଆସାରୁଲ ଗୁରୁତର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ । ଅନ୍ୟ ପକ୍ଷେ ଗ୍ରାମବାସୀଙ୍କ ପକ୍ଷରୁ ୨ଜଣ ଆହତ ହୋଇଥିଲେ । ଖବର ପାଇ ଘଟଣାସ୍ଥଳରେ ପୋଲିସ ପଂଚିବା ପରେ ଗଣ୍ଡଗୋଳକାରୀମାନେ ଛତ୍ରଭଙ୍ଗ ଦେଇଥିଲେ । ଏନେଇ ଆସାରୁଲ ମହେଶ୍ୱରପୁର ଗ୍ରାମର ୮ ଜଣଙ୍କ ନାମରେ ବ୍ରହ୍ମବରଦା ଫାଣ୍ଡିରେ ଏତଲା ଦେଇଥିଲେ । ଅପରପେକ୍ଷ ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଜାକିର ହୋସେନ ବେଆଇନ ବାଲି ଚାଲାକାରୀ ଓ ସମର୍ଥକଙ୍କ ସମେତ ୮ ଜଣଙ୍କ ନାମରେ ଫାଣ୍ଡିରେ ଅଭିଯୋଗ କରିଛନ୍ତି । ଏହି ଘଟଣାକୁ ନେଇ ଫାଣ୍ଡିରେ ୨ ମାମଲା ରୁଜୁ କରାଯାଇଥିବା ବେଳେ ଘଟଣାର ତଦନ୍ତ ଚାଲିଥିବା ନେଇ ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ପରମାନନ୍ଦ ସେଠୀ ପ୍ରକାଶ କରିଛନ୍ତି ।

# ୭ ଦିନ ଯାଇ ୧୫ ଦିନ ବିତିଲା, ଜିଲ୍ଲାର ୭୦୨୮ ରାସନ କାର୍ଡଧାରୀଙ୍କ ବିଷୟରେ ଜିଲ୍ଲାପାଳଙ୍କୁ ଯାଂଚ୍ ରିପୋର୍ଟ ଦିଆଗଲା ନାହିଁ

ରାଉରକେଲା,୨୪।୯ (ନି.ପ୍ର): ସୁନ୍ଦରଗଡ ଜିଲ୍ଲାରେ ୭୦୨୮ ରାସନ କାର୍ଡ ଧାରୀ କରୋନା ସହାୟତା ନେଇ ନଥିବା ମାମଲାରେ କିଏ ଏହି କାର୍ଡ ଧାରୀ ସେମାନଙ୍କ ସମ୍ପର୍କରେ ଯାଂଚ କରି ୭ ଦିନ ଭିତରେ ରିପୋର୍ଟ ଦାଖଲ କରିବାକୁ ଜିଲ୍ଲାର ୩ଟି ମ୍ୟୁନିସିପାଲିଟି ଓ ୧୭ଟି ବ୍ଲକକୁ ସୁନ୍ଦରଗଡ ଜିଲ୍ଲାପାଳ ଗତ ୯ ତାରିଖରେ ଚିଠି କରିଥିଲେ । ଚିଠିକୁ ୧୫ ଦିନ ବିତିଯାଇଥିଲେ ସୁଦ୍ଧା ଆଜିଯାଏ କେହି ଜଣେ ହେଲେ ସେମାନଙ୍କ ରିପୋର୍ଟ ଜିଲ୍ଲାପାଳଙ୍କ ନିକଟରେ ପହଁଚାଇପାରିଲେ ନାହିଁ ବୋଲି ଖବର ମିଳିଛି । ଜିଲ୍ଲାର ରାଉରକେଲା ସମେତ ୧୭ଟି ବ୍ଲକ, ସୁନ୍ଦରଗଡ, ରାଜଗାଙ୍ଗପୁର, ବିରମିତ୍ରପୁର ପୌରାଂଚଳରେ ମୋଟ୍ ୭୦୨୮ ଜଣ କାର୍ଡଧାରୀ କରୋନା ସହାୟତା ଲାଗି ଆସିଥିବା ୧୦୦୦ ଟଙ୍କା ଲେଖାଏଁ ସହାୟତା ନେଇନଥିଲେ । ତେବେ ଏହି ଟଙ୍କା ଫେରିଜିବା ପରେ ଏହାକୁ ନେଇ ଜିଲ୍ଲାରେ ବିଭିନ୍ନ ଦଳ ଓ ନେତାଙ୍କ ପକ୍ଷରୁ ଏହାର ଯାଂଚ୍ ଲାଗି ଦାବି ହୋଇଥିଲା । ଏହାପରେ ଗତ ୯ ତାରିଖରେ ଏହି ସବୁ ସରକାରୀ ବାବୁ ମାନଙ୍କୁ ଜିଲ୍ଲାପାଳ ଚିଠି ଲେଖି ଏହାର ସମ୍ପୂର୍ଣ୍ଣ ରିପୋର୍ଟ ଚଳତ ମାସ ୧୬ ତାରିଖରେ ଦେବାକୁ କହିଥିଲେ । ତେବେ ୨୧ ତାରିଖରେ ଜିଲ୍ଲାପାଳଙ୍କର ଏକ ବୈଠକରେ ଏହି ସବୁ ଅଧିକାରୀ ଯୋଗ ଦେଇଥିଲେ ବି କେହି ଜଣେ ହେଲେ ଏନେଇ ରିପୋର୍ଟ ପ୍ରଦାନ କରିନଥିବା ଜଣାପଡିଛି । ଏହି ବୈଠକରେ ଖୋଦ୍ ଜିଲ୍ଲାର ଯୋଗାଣ ଅଧିକାରୀ, ଉପଖଣ୍ଡ ସ୍ତରର ଯୋଗାଣ ଅଧିକାରୀ, ବିଭିନ୍ନ ବ୍ଲକର ଯୋଗାଣ ଅଧିକାରୀ ନିରୀକ୍ଷକ ଉପସ୍ଥିତ ଥିଲେ । ସମଗ୍ର ଜିଲ୍ଲା ଲାଗି ଏହି ବିଭାଗ ଦ୍ୱାରା ହେଉଥିବା ବିଭିନ୍ନ ୧୪ଟି ବିଷୟରେ ଆଲୋଚନା ହୋଇଥିବା ବେଳେ, ଏହି ରାସନ କାର୍ଡ ସମ୍ପର୍କରେ ତଥ୍ୟ ମିଳିନଥିବାରୁ ଜିଲ୍ଲାପାଳ ଅସନ୍ତୋଷ ବ୍ୟକ୍ତ କରିବା ସହ ତାଗିଦ କରିଥିବା ଖବର ମିଳିଛି । ତେବେ କେତେକ ନିରୀକ୍ଷକ କହିଥିଲେ ସେମାନେ ୩ଟି ଯାଗାର ଦାୟିତ୍ୱରେ ରହିଛନ୍ତି ତେଣୁ ସମୟ ଲାଗିବ । ସେହିଭଳି ଅନ୍ୟାନ୍ୟ ସମସ୍ୟା ମଧ ଥିବା କୁହାଯାଇଥିବାର ଖବର ମିଳିଛି । ମୋଟା ମୋଟି ଏହି ରିପୋର୍ଟ ଯଥା ଶିଘ୍ର ଦେବା ଲାଗି କୁହାଯାଇଥିଲେ ବି କୌଣସି ସମୟସିମା ଧାର୍ଯ୍ୟ କରାଯାଇନଥିବା ଖବର ମିଳିଛି । ତେବେ ଏନେଇ ସୁନ୍ଦରଗଡ ଯୋଗାଣ ଅଧିକାରୀ କହିଛନ୍ତି ସେ ଛୁଟୀରେ ଅଛନ୍ତି, ସେଦନ ମିଟିଂରେ ସେ ଥିଲେ । ସମସ୍ତଙ୍କୁ କୁହାଯାଇଛି ଯଥାଶିଘ୍ର ରିପୋର୍ଟ ପ୍ରଦାନ କରିବେ । ରାଉରକେଲା ବିଷୟରେ ଯାହା ରିପୋର୍ଟ ଆସିଥିଲା ତାହା ଅସମ୍ପୂର୍ଣ୍ଣ ଥିଲା ତାହା ଗ୍ରହଣ ହୋନାହିଁ । ଅନ୍ୟପକ୍ଷରେ ଏନେଇ କଂଗ୍ରେସଦଳ ପକ୍ଷରୁ ଜିଲ୍ଲାପାଳଙ୍କୁ ଭେଟି ପୂର୍ବତନ ବିଧାୟକ ତଥା ସାଂସଦ ପ୍ରାର୍ଥୀ ଜର୍ଜ ତିର୍କି ତଦନ୍ତ ଦାବି କରିଛନ୍ତି । ସବୁଠୁ ବଡ କଥା ହେଲା ଜିଲ୍ଲା ସମେତ ରାଉରକେଲାରେ ଏହି ବିଭାଗରେ ଅନେକ ଲୁଟ ପାଟ ହେଉଥିବା ନେଇ ଅଭିଯୋଗ ହୋଇଚାଲିଛି । ଜିଲ୍ଲାରେ ଜିଲ୍ଲାପାଳ, ରାଉରକେଲାରେ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ମାନେ ଥାଇ ମଧ ଏମାନଙ୍କୁ ବାସିପାଣିରେ ଏସବୁ ବାବୁ ମାନେ ପଚାରୁ ନଥିବା ବିଷୟ ଅନେକ କଥାରୁ ପ୍ରମାଣ ମିଳୁଥିବା କୁହାଯାଉଛି । ରାଉରକେଲାରେ ୭ବର୍ଷ ରହି ବହୁ ଅନିୟମିତତାର ଅଭିଯୋଗ ଥିବା ନେଇ ବାରମ୍ବାର ଅଭିଯୋଗ ହେବା ପରେ ଜଣେ ସହକାରୀ ଯୋଗାଣ ଅଧିକାରୀଙ୍କୁ ଯଦି ସରକାର ପଦୋନ୍ନତି ଦେଇ ଏଠାରୁ ସମ୍ମାନର ସହ ବିଦାକଲେ ତେବେ ଏଠି ଜିଲ୍ଲାର ବଡ ବାବୁ ମାନେ କଣ କରିବେ ବୋଲି ପ୍ରଶ୍ନ ହେଉଛି । ଖାଲି ସେତିକି ନୁହେଁ,ଏହି ଜିଲ୍ଲାରେ ଏପଟ ସେପଟ ହୋଇ ପଦୋନ୍ନତି ନେଇ ସହକାରୀ ଯୋଗାଣ ଅଧିକାରୀ ହେଉଥିବା ଲୋକଙ୍କ ସମୟରେ ଯଦି ଏଭଳି ଅନିୟମିତତା ହେବ ତେବେ ଜିଲ୍ଲାପାଳ ଓ ଅନ୍ୟମାନେ କରିବେ କଣ ବୋଲି କେତେକ ପ୍ରଶ୍ନ କରୁଛନ୍ତି । ତେଣୁ ସୁନ୍ଦରଗଡ ଜିଲ୍ଲା ଯୋଗାଣ ବ୍ୟବସ୍ଥାରେ ଲୁଟ୍, ଅନିୟମିତତା ଲାଗି ଖେଳ କରିବା ଲାଗି ରାଜ୍ୟ ଯୋଗାଣ ବିଭାଗର ବଡ ବଡ ବାବୁ ମାନେ ଦାୟିତ୍ୱ ନେଇ ଏଭଳି ଲୋକ ମାନଙ୍କୁ ସୁଯୋଗ ଦେଉଛନ୍ତି । ତେଣୁ ସେମାନେ ନାନା ବେଆଇନ କାମ କରିଚାଲିଥିଲେ ବି ସେମାନଙ୍କୁ ଜିଲ୍ଲା ବାବୁ ମାନେ ହାତ ମାରି ପାରୁନଥିବା କୁହାଯାଉଛି, ସାମଗ୍ରୀ ଲୁଟ୍ ହେବାରେ ଲାଗିଛି ଓ ଜିଲ୍ଲାପାଳଙ୍କୁ ତଦନ୍ତ ରିପୋର୍ଟ ୭ ଦିନ ଯାଗାରେ ୧୫ ଦିନ ହେଲେ ମଧ ଦିଆଯାଇପାରୁନାହିଁ ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

କନ୍ଧମାଳ,୨୪।୯ (ନି.ପ୍ର): ସ୍ଥାନୀୟ ହାଟପଦା ସ୍ଥିତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଥିବା ସଭାଗୃହ ଠାରେ କୋଭିଡ୍ ନିୟମ ଅନୁସାରେ କନ୍ଧମାଳ ଅବସର ପ୍ରାପ୍ତ କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ସର୍ବେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଘର ସାଧାରଣ ସଂପାଦକ ସୂର୍ଯ୍ୟ ନାରାୟଣ ମହାପାତ୍ର ଓ ଅନ୍ୟ ୫ ଜଣ ସଦସ୍ୟଙ୍କ ବିୟୋଗରେ ସଭାରେ ଶୋକ ପ୍ରକାଶ କରାଯିବା ସହିତ ଆତ୍ମାର ସଦ୍ ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ଏହି ଅବସରର ଖାଲିପଡ଼ିଥିବା ସାଧାରଣ ସଂପାଦକ ପଦବୀର ପୁରଣ ପାଇଁ ସଭାରେ ରବୀନ୍ କୁମାର ସାମନ୍ତରାୟଙ୍କୁ ଅନ୍ତରିଣ ସାଧାରଣ ସଂପାଦକ ଭାବେ ମନୋନିତ କରାଯାଇଥିଲା । ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ରାଜ କିଶୋର ବେହେରା , ବ୍ରହ୍ମା ବେହେରା , ଅଚ୍ୟୁତାନନ୍ଦ କହଁର , ଅନନ୍ତ ଚରଣ ମିଶ୍ର , ପ୍ରମୋଦ କୁମାର ପଟନାୟକ ,ନବୀନ କିଶୋର ପଣ୍ଡା ,ଲକ୍ଷ୍ମୀ ନାରାୟଣ ଦୋରା ଓ ଅନ୍ୟମାନେ ଉପସ୍ଥିତ ଥିଲେ ବୋଲି ସଭାପତି ଶ୍ରୀ ମିଶ୍ର ଏକ ପ୍ରେସ୍ ବିର୍ବୃ ରେ ଦର୍ଶାଇଛନ୍ତି ।

# ମହିଳାଙ୍କୁ କିରୋସିନ ଢାଳି ପୋଡ଼ି ମାରିବା ମାମଲା : କାର୍ଯ୍ୟାନୁଷ୍ଠାନ ପାଇଁ ଏସପିଙ୍କୁ ରାଜ୍ୟ ଏଚଆରପିସି ଏଡିଜିଙ୍କ ନିର୍ଦ୍ଦେଶ

କୋରେଇ,୨୪।୯ (ନି.ପ୍ର): ଯାଜପୁର ଥାନା ଅନ୍ତର୍ଗତ ମାର୍କଣ୍ଡପୁର ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଅଧିକ ଯୌତୁକ ଦାବି କରି କିରୋସିନି ଢାଳି ନିଆଁ ଲଗାଇ ଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତ୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ତାର ମୃତ୍ୟୁକୁ ଇତିମଧ୍ୟରେ ୧୯ ଦିନ ବିତିଯାଇଥିଲେ ସୁଦ୍ଧା ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । ଏନେଇ ଗତ ୧୬ ତାରିଖରେ ଏସପିଙ୍କୁ ଅବଗତ କରାଯିବା ପରେ ଓଡିଶା ପୁଲିସର ରାଜ୍ୟ ହ୍ୟୁମାନ ରାଇଟସ ପ୍ରୋଟେକସନ ସେଲରେ ଧନିପୁର ଗ୍ରାମର ବିଶ୍ୱନାଥ ପଣ୍ଡାଙ୍କ ପୁଅ ଦୀପକ ପଣ୍ଡାଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା । ୧୫ ଦିନ ମଧ୍ୟରେ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଏସପିଙ୍କୁ ରାଜ୍ୟ ଏଚଆରପିସିର ଏଡିଜି ନିର୍ଦ୍ଦେଶ ଦେଇଛନ୍ତି ।

# ଏଟିଜିଏମ୍ ର ସଫଳ ପରୀକ୍ଷଣ ଲାଗି ଡିଆରଡିଓକୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର,୨୪।୯ (ନି.ପ୍ର): ଲେଜର ଗାଇଡେଡ୍ ଆଂଟି ଟ୍ୟାଙ୍କ ଗାଇଡେଡ୍ ମିଶାଇଲ୍ (ଏଟିଜିଏମ୍)ର ସଫଳ ପରୀକ୍ଷା କରିଥିବାରୁ ଭାରତୀୟ ପ୍ରତିରକ୍ଷା ଗବେଷଣା ଓ ବିକାଶ ପ୍ରତିଷ୍ଠାନ (ଡିଆରଡିଓ)କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ଶୁଭେଚ୍ଛା ଜଣାଇଛନ୍ତି । ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ର ଭାରତର ପ୍ରତିରକ୍ଷା କ୍ଷମତାକୁ ଅଧିକ ଦୃଢ଼ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

# କୃଷି ବିଲ୍‌କୁ ବିରୋଧରେ ଅକ୍ଟୋବର ୩୧ ପର୍ଯ୍ୟନ୍ତ କଂଗ୍ରେସର ପ୍ରତିବାଦ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୪।୯ (ନି.ପ୍ର): ସଂସଦରେ ଅଗଣତାନ୍ତ୍ରିକ ଉପାୟରେ କେନ୍ଦ୍ର ସରକାର ପାରିତ କରିଥିବା ତିନୋଟି କୃଷି ବିଧେୟକକୁ ବିରୋଧ କରି କଂଗ୍ରେସ ପକ୍ଷରୁ ଏକ ମାସରୁ ଉର୍ଦ୍ଧ୍ୱ ସମୟ ଧରି ସାରା ଭାରତରେ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ତଦନୁଯାୟୀ ଓଡିଶା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ସମସ୍ତ ଜିଲ୍ଲା ନେତୃବୃନ୍ଦଙ୍କୁ ସୂଚାରୁ ରୂପେ କାର୍ଯ୍ୟକ୍ରମ ପାଳନ କରିବା ପାଇଁ ନିବେଦନ କରିଛନ୍ତି। ଆସନ୍ତା କାଲି ରାଜ୍ୟସଭା ସାଂସଦ ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ଦିଗ୍‌ବିଜୟ ସିଂହ ଓଡିଶା ଗସ୍ତରେ ଆସିବେ। ସେପ୍ଟେମ୍ବର ୨୫ ତାରିଖ ଦିନ ଅଖିଳ ଭାରତ କୃଷକ ସଂଗଠନର ଡାକରାକୁ କଂଗ୍ରେସ ସମର୍ଥନ କରିବ ଏବଂ ଆନ୍ଦୋଳନରେ ଭାଗ ନେବ ବୋଲି ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଛନ୍ତି। ସେହିପରି ୨୬ ତାରିଖ ଦିନ ସାମାଜିକ ଗଣମାଧ୍ୟମ ଜରିଆରେ କୃଷକମାନଙ୍କ ପାଇଁ ଏକ "ସ୍ପିକ୍ ଅପ୍ ଫର୍ ଫାର୍ମରସ୍" ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ ହେବ। ଯେଉଁଥିରେ କୃଷକମାନେ ନିଜର ମତପୋଷଣ କରିବା ସହ କଂଗ୍ରେସ ନେତୃବୃନ୍ଦ ଏଥିରେ ବହୁଳ ପରିମାଣରେ ଅଂଶଗ୍ରହଣ କରିବେ। ୨୮ ତାରିଖ ଦିନ ଓପିସିସିର ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଓଡିଶାର ରାଜ୍ୟପାଳଙ୍କ ସହ ଆଲୋଚନା କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବେ। ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀ ଅବସରରେ ପିସିସି ପକ୍ଷରୁ କିଷାନ ମଜଦୁର ବଂଚାଓ ଦିବସ ସମସ୍ତ ଜିଲ୍ଲା ମୁଖ୍ୟାଳୟ ଓ ବିଧାନସଭା କ୍ଷେତ୍ରରେ ପାଳନ କରାଯିବ। ୧୦ ତାରିଖ ଦିନ ଓଡିଶାର ଯେ କୌଣସି ଗୋଟିଏ ସ୍ଥାନରେ ରାଜ୍ୟସ୍ତରୀୟ କୃଷକ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ଏବଂ କୃଷକମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅକ୍ଟୋବର ୨ ତାରିଖରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବୁଥ୍, ଗ୍ରାମପଂଚାୟତ ଠାରୁ ଆରମ୍ଭ କରି ଏନଏସି, ମ୍ୟୁନିସିପାଲଟି, ମହାନଗର ନିଗମ ଓ ସର୍ବୋପରି ଜିଲ୍ଲାସ୍ତରରେ ଦସ୍ତଖତ ଅଭିଯାନ ଆରମ୍ଭ ହୋଇ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ହେବ ବୋଲି ନିର୍ଦ୍ଦେଶ ଅଛି।

# ବାର୍‌ହା ଶିକାରପାଇଁ ଯାଇ ସହଯୋଗୀଙ୍କ ଗୁଳିରେ ଟଳି ପଡ଼ିଥିଲେ ଖଗେଶ୍ୱର

## ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗରେ ୧୮ ଜଣ ଗିରଫ

ରାୟଗଡ଼ା ,୨୪।୯ (ନି.ପ୍ର): ରାୟଗଡ଼ା ଜିଲ୍ଲା ଅଣ୍ଡରାକଞ୍ଚ ଥାନା କାଳିଆଯୋଡ଼ି ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି । ବାର୍‌ହା ଶିକାର ପାଇଁ ଜଙ୍ଗଲକୁ ଯାଇଥିବା ଶିକାରୀଙ୍କ ଗୁଳି ମାଡ଼ରେ ଜଣେ ଯୁବକଙ୍କ ଜୀବନ ଯାଇଛି । ଅଭିଯୁକ୍ତମାନେ ଏହି ମାମଲାକୁ ରଫାଦଫା କରିଦେବାକୁ ଉଦ୍ୟମ କରି ମୃତ ଯୁବକ କୁ ପୋଡ଼ି ପାଉଁଶ କରିବା ଉଦ୍ଦେଶ୍ୟରେ ଯୋଜନା ଆରମ୍ଭ କରିଥିବା ସମୟରେ ପୋଲିସ ପହଞ୍ଚି ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର କରିବା ସହ ୧୮ ଜଣଙ୍କୁ ଗିରଫ କରିଛି । ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ କିଛି ଯୁବକ ନିକଟସ୍ଥ ଜଙ୍ଗଲକୁ ବାର୍‌ହା ଶିକାର କରିବାକୁ ଯାଇଥିଲେ । ଏହି ସମୟରେ କୌଣସି କାରଣରୁ ଜଣେ ଯୁବକଙ୍କ ଶରୀରରେ ଗୁଳି ବାଜିଥିଲା । ଫଳରେ ଘଟଣାସ୍ଥଳରେ ସମ୍ପୃକ୍ତ ଯୁବକଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ନାମ ଖଗେଶ୍ୱର ଝଡ଼ିଆ ।ଅଭିଯୁକ୍ତମାନେ ପ୍ରଥମେ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରିଥିଲେ । ଏଥି ମଧ୍ୟରେ କାଳିଆଯୋଡ଼ି ଗ୍ରାମ ର ସୁକୁର ଝୋଡିଆ (୬୦), ତାଙ୍କ ପୁଅ ଖଗେଶ୍ୱର ଝୋଡ଼ିଆ (୩୦) ମଙ୍ଗଳବାର ରାତିରୁ ଶିକାର ପାଇଁ ଜଙ୍ଗଲକୁ ଅନ୍ୟ କିଛି ବ୍ୟକ୍ତିଙ୍କ ସହ ଯାଇଥିଲେ କିନ୍ତୁ ବୁଧବାର ସକାଳ ପର୍ଯ୍ୟନ୍ତ ଫେରିନି ବୋଲି ଅଣ୍ଡରାକଂଚ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ପରେ ପୋଲିସ ଖବର ପାଇ ଜଙ୍ଗଲକୁ ଯାଇ ଏକ ମୃତଦେହକୁ ସତ୍କାର କରାଯାଉଥିବା ଦେଖିବାକୁ ପାଇଥିଲା । ମୃତ ଦେହଟି ଖଗେଶ୍ୱର ଝୋଡିଆଙ୍କ ବୋଲି ଚିହ୍ନଟ କରି ଅର୍ଦ୍ଧଦଗ୍ଧ ମୃତଦେହକୁ ପୋଲିସ୍ ଜବତ କରିଛି । ଘଟଣା ସ୍ଥଳରୁ ପୋଲିସ୍ ଗୋଟିଏ ପିସ୍ତଲ ଏବଂ ଘଟଣା ସ୍ଥଳରେ ରକ୍ତ ପଡ଼ିଥିବା ଦେଖିଥିଲା । ପରେ ମୃତ ଦେହକୁ କାଶିପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଏହି ଘଟଣାରେ ଅଣ୍ଡରାକଞ୍ଚ ପୁଲିସ୍ ୧୮ ଜଣ ବ୍ୟକ୍ତି ସଂପୃକ୍ତ ଥିବା ଜାଣି ସମସ୍ତଙ୍କୁ ଗିରଫ କରିଛି ଏବଂ ଏକ ହତ୍ୟା ଅପରାଧରେ, କେଶ୍ ନମ୍ବର୍ ୬୮ / ୨୩-୯-୨୦୨୦ ରେ ସେକ୍ସନ ୩୦୨/ ୨୦୧/୩୪ ଆଇ ପି ସି ସେକ୍ସନ ୨୫/ ୨୭ ଆର୍ମସ୍ ଧାରା ଅନୁଯାୟୀ ମକଦ୍ଦମା ରୁଜୁ କରିଛି । ଗିରଫ ୧୮ ଜଣଙ୍କ ମଧ୍ୟରୁ ୫ ଜଣ କଞ୍ଚାଗୁମା ଗ୍ରାମର ଓ ଅନ୍ୟ ୧୩ ଜଣ ବ୍ୟକ୍ତି କାଳିଆଯୋଡି ଗ୍ରାମର ବୋଲି ପୋଲିସ୍ ସୂଚନା ଦେଇଛି । ଅଧିକ ତଦନ୍ତ ପାଇଁ ସମସ୍ତଙ୍କୁ ପଚରା ଉଚରା କରୁଛି ଏବଂ ତଦନ୍ତ ଜାରି ରଖିଛି ବୋଲି ଅଣ୍ଡରାକଂଚ ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

# ପ୍ରଥମ କରୋନା ଗଳ୍ପ ସଙ୍କଳନ 'ହାତଧୂଆ ବେଳ' ଲୋକାର୍ପିତ ଓ ତିନି ଦିବସୀୟ ଜାତୀୟ ୱେବିନାର୍

ଭୁବନେଶ୍ୱର,୨୪।୯ (ନି.ପ୍ର): ୨୪ଜଣ ବିଶିଷ୍ଟ ଓ ଲୋକପ୍ରିୟ ଓଡ଼ିଆ ଗାଳ୍ପିକଙ୍କ ଦ୍ୱାରା ଲିଖିତ କରୋନା ଭିତ୍ତିକ ଗଳ୍ପ ସଙ୍କଳନ 'ହାତଧୂଆ ବେଳ' ଲୋକାର୍ପିତ ହୋଇଛି । ଓଡ଼ିଆ ତଥା ଭାରତୀୟ ଭାଷାରେ ଏହି ପ୍ରଥମ ଗଳ୍ପ ସଙ୍କଳନର ସମ୍ପାଦନା କରିଛନ୍ତି ମନୁ ଦାଶ ଓ ଏହା 'ଧଉଳି ବୁକ୍ସ' ଦ୍ୱାରା ନିକଟରେ ପ୍ରକାଶ ପାଇଛି । ଏହି ସଙ୍କଳନର ଭର୍ଚୁଆଲ୍ ଲୋକାର୍ପଣ ଗତ ୨୧ ତାରିଖ ଦିନ ଅନୁଷ୍ଠିତ ହେବା ସହ ତିନିଦିନ ଧରି କରୋନା ସମ୍ପର୍କିତ ବିସ୍ତୃତ ଆଲୋଚନା ହୋଇଯାଇଛି । ପ୍ରଥମ ଦିନର ବିଷୟବସ୍ତୁ ଥିଲା 'ସାମ୍ପ୍ରତିକ ବିଶ୍ୱ ସଙ୍କଟ ପରିପ୍ରେକ୍ଷୀରେ ଲେଖକୀୟ ପ୍ରତିବଦ୍ଧତା' । ସେହିପରି ଦ୍ୱିତୀୟ ଦିନର ବିଷୟବସ୍ତୁ 'କରୋନା ଓ କଥା ସାହିତ୍ୟ' ଏବଂ ତୃତୀୟ ଦିନରେ 'ସମୟର କାନ୍‌ଭାସ୍‌ରେ କଥାକାର' । ଏହି ୱେବିନାର୍‌ରେ ଯୋଗଦେଇଥିବା ବିଶିଷ୍ଟ ଗାଳ୍ପିକମାନଙ୍କ ଭିତରେ ଯୋଗଦେଇଥିଲେ ପ୍ରଫେସର୍ କଇଳାଶ ପଟ୍ଟନାୟକ, ଚିରଶ୍ରୀ ଇନ୍ଦ୍ରସିଂ, ସତ୍ୟପ୍ରିୟ ମହାଳିକ, ରବି ସ୍ୱାଇଁ, ଭୀମ ପୃଷ୍ଟି, ପରେଶ ପଟ୍ଟନାୟକ, ସତ୍ୟ ମିଶ୍ର, ଦାଶ ବେନହୁର, ମମତାମୟୀ ଚୌଧୁରୀ, ଯଶୋଧାରା ମିଶ୍ର, ରମେଶ ପଟ୍ଟନାୟକ, ମିହିର କୁମାର ସାହୁ, ନୃସିଂହ ପ୍ରସାଦ ମହାପାତ୍ର, ପ୍ରବୁଦ୍ଧ ଜଗଦେବ ଓ ମଳୟ ମିଶ୍ର । ଏହି ୱେବିନାର୍‌ର ଆବାହକ ଥିଲେ ମନୁ ଦାଶ ଏବଂ ଏହାକୁ ସୁଚାରୁରୂପେ ପରିଚାଳନା କରିଥିଲେ ଶାନ୍ତିନିକେତନ ବିଶ୍ୱଭାରତୀର ପ୍ରଫେସର୍ ରବୀନ୍ଦ୍ର କୁମାର ଦାସ ।




# ପାରାଦ୍ୱୀପ ମିଲିଟାରୀ ଇଞ୍ଜିନିୟର ସର୍ଭିସ କାର୍ଯ୍ୟାଳୟ ଉପରେ ସିବିଆଇ ଚଢାଉ

ପାରାଦ୍ୱୀପ ,୨୪।୯ (ନି.ପ୍ର): ପାରାଦ୍ୱୀପ ମିଲିଟାରୀ ଇଞ୍ଜିନିୟର ସର୍ଭିସ କାର୍ଯ୍ୟାଳୟ ଉପରେ ବୁଧବାର ଦିନ ସିବିଆଇ ପକ୍ଷରୁ ଚଢାଉ କରାଯାଇଥିଲା । ଲାଞ୍ଚ ନେଉଥିବା ସମୟରେ ଧରାପଡିଥିଲେ କନିଷ୍ଠ ଯନ୍ତ୍ରୀ । ତାଙ୍କ ବାସଭବନ ସମେତ କାର୍ଯ୍ୟାଳୟ ଉପରେ ସିବିଆଇ ଚଢାଉ କରିଥିବା ଜଣାପଡିଛି । ସୂଚନା ମୁତାବକ ପାରାଦ୍ୱୀପରେ ଥିବା ତଟରକ୍ଷୀବାହିନୀ ର କଲୋନୀ ପରିସରରେ ଥିବା ମିଲିଟାରୀ ଇଞ୍ଜିନିୟର ସର୍ଭିସ ରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ରାଜିବ ରଞ୍ଜନ ରେଡ୍ଡୀ ଠିକାଦାର ପବିତ୍ର ମହାରଣା ଙ୍କ ସାଳକ ଆଲୋକ ଲେଙ୍କାଙ୍କୁ ପାଖରୁ ଲାଞ୍ଚ ନେଉଥିବା ବେଳେ ସିବିଆ ହାତରେ ଧରା ପଡିଛନ୍ତି । ପାରାଦ୍ୱୀପ ରେ ଥିବା ଓଟିଏମ କମ୍ପ୍ଲେକ୍ସ ରେ କାର୍ଯ୍ୟ କରିବା ପାଇଁ ଟେଣ୍ଡର ମାଧମରେ ପବିତ୍ର ମହାରଣା ସିକୃତି ପାଇଥିଲେ ତେବେ ଏହି କାର୍ଯ୍ୟ ତଦାରଖ କରିବା ପାଇଁ ନିଜ ସାଳକ ଆଲୋକ ଲେଙ୍କା ଙ୍କୁ ନିୟୋଜିତ କରିଥିଲେ ହେଲେ ଏହି କାମ କରିବା ପାଇଁ ଯନ୍ତ୍ରୀ ଜଣକ ବାରମ୍ବାର ଲାଞ୍ଚ ମାଗୁଥିବା ଯାହାକୁ ନେଇ ଠିକାଦାର ଜଣକ ସିବିଆଇର ଦ୍ୱାରସ୍ଥ ହୋଇଥିଲେ । ଯାହାକୁ ନେଇ ସିବିଆଇ ବିଭାଗର ଡିଏସପି ବୈଦନାଥ ସାମଲଙ୍କ ନେତୃତ୍ୱରେ ଏକ ୧୪ ଜଣିଆ ଟିମ ଗଠନ କରାଯାଇ ଠିକାଦାର ଟଙ୍କା ଦେଉଥିବା ସମୟରେ ଯନ୍ତ୍ରୀ ଜଣକୁ ସିବିଆଇ ଧରିଥିଲା । ତେବେ ଦିର୍ଘ ମୟ ଧରି ସିବିଆଇ ଯନ୍ତ୍ରୀଙ୍କ ବାସଭବନ ଠାରୁ ଆରମ୍ଭ କରି କାର୍ଯ୍ୟାଳୟରେ ଚଢାଉ କରି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର ଜବତ କରିବା ସହ ଲାଞ୍ଚ ନେଇଥିବା ୩୦ହଜାର ଟଙ୍କା ମଧ ଜବତ କରିଛନ୍ତି । ସିବିଆଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଯାଞ୍ଚ କରିବା ପରେ ଶେଷରେ ଯନ୍ତ୍ରୀ ରାଜିବ ରଞ୍ଜନ ରେଡ୍ଡୀଙ୍କୁ ଗରିଫ କରିଥିଲେ ।

# ନୂଆ ୧୦୫ ଆକ୍ରାନ୍ତ ଚିହ୍ନଟ

ଭଦ୍ରକ,୨୪।୯ (ନି.ପ୍ର): ଆଜି ଭଦ୍ରକ ଜିଲ୍ଲାରୁ ମୋଟ ୧୦୫ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାହା ଫଳରେ ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ପହଞ୍ଚିଛି ୪୭୯୮ରେ । ଆଜି ସୁଦ୍ଧା ଜିଲ୍ଲାରୁ ମୋଟ ୭୭ହଜାର ୩୮୦ ନମୁନା ପରୀକ୍ଷା ପରେ ଏହି ସଂଖ୍ୟକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ତେବେ ଏମାନଙ୍କ ମଧ୍ୟରୁ ୩୯୦୭ଜଣ ଆକ୍ରାନ୍ତ ସୁସ୍ଥ ହୋଇ ସାରିଛନ୍ତି । ଏବେ ୮୭୯ଜଣ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି । ଯେଉଁ ୧୦୫ ନୂତନ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ସେମାନଙ୍କ ମଧ୍ୟରେ ବାସୁଦେବପୁର ବ୍ଲକର ୨୪ଜଣ, ବାସୁଦେବପୁର ପୌରପାଳିକାର ୧୨ଜଣ, ଭଦ୍ରକ ବ୍ଲକର ୭ଜଣ, ଭଦ୍ରକ ପୌରପାଳିକାର ୧୧ଜଣ, ବନ୍ତ ବ୍ଲକର ୭ଜଣ, ଚାନ୍ଦବାଲି ବ୍ଲକର ୫ଜଣ, ଧାମନଗର ବ୍ଲକର ୩ଜଣ ଏବଂ ତିହିଡି ବ୍ଲକର ୩୬ଜଣ ଆକ୍ରାନ୍ତ ଅଛନ୍ତି ।

# ଆଜି ପୁଣି ୨୦୩ ନୂତନ ପଜିଟିଭ ଚିହ୍ନଟ

ପୁରୀ,୨୪।୯ (ନି.ପ୍ର): ଆଜି ଜିଲ୍ଲାରୁ ୨୦୩ ଜଣ ନୂତନ ପଜିଟିଭଙ୍କୁ ମିଶାଇ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୯୦୭୪ରେ ପହଞ୍ଚିଛି । ବିଭିନ୍ନ ବ୍ଲକ ଅଞ୍ଚଳରୁ ଆଜି ୧୫୯ ଜଣଙ୍କୁ ଚିହ୍ନଟ କରାଯାଇଥିବାବେଳେ ପୁରୀ ପୌରାଞ୍ଚଳରୁ୪୪ ଜଣଙ୍କୁ ଚିହ୍ନଟ କରାଯାଇଛି । ଇତି ମଧ୍ୟରେ ପୁରୀ ଜିଲ୍ଲାରେ ମୋଟ ୮୪,୯୨୫ଜଣଙ୍କ ନମୁନା ପରୀକ୍ଷଣ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୯୦୭୪ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଚିହ୍ନଟ ପଜିଟିଭଙ୍କ ମଧ୍ୟରୁ ଆଜି ସୁଦ୍ଧା ୭୨୯୬ଜଣ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ୧୭୩୫ କରୋନା ଆକ୍ରାନ୍ତ ଚିକିତ୍ସାଧିନ ଅଛନ୍ତି । ତେବେ ଗତ କିଛିଦିନ ଧରି କ୍ରମାଗତଭାବେ ଜିଲ୍ଲାରେ ସୁସ୍ଥହାର ବୃଦ୍ଧିପାଇଥିବାବେଳେ ଆଜି ତାହା ସାମାନ୍ୟ ହ୍ରାସ ପାଇଛି । ଗତ୧୮ତାରିଖରେ ସୁସ୍ଥହାର ୭୫.୯୮ ପ୍ରତିଶତ ଥିବାବେଳେ,୧୯ରେତାହା୭୮.୦୭ ପ୍ରତିଶତ,୨୦ରେ୭୮.୬୩,୨୧ରେ ୭୯.୯୫ ଓ୨୨ରେ ୮୦.୪୫ ଓ ୨୩ରେ୮୦.୫୨ ପ୍ରତିଶତଥିବାବେଳ ଆଜି ତାହା ୮୦.୪୦ପ୍ରତିଶତ ରହିଛି ।

# ପାରାଦ୍ୱୀପ ସହରାଞ୍ଚଳରେ ବୁଲିଲା ସ୍ୱଚ୍ଛତା ରଥ

ପାରାଦ୍ୱୀପ ,୨୪।୯ (ନି.ପ୍ର): ପାରାଦ୍ୱୀପ ସହରାଞ୍ଚଳ ର ଜନସାଧାରଣଙ୍କୁ ସ୍ୱଚ୍ଛ ପରିବେଶ ତଥା ପରିବେଶ ସୁରକ୍ଷା ବାର୍ତ୍ତା ପହଞ୍ଚେଇବାର ପ୍ରୟାସ ଆରମ୍ଭ କରିଛି ପାରାଦ୍ୱୀପ ବନ୍ଦର । ଏହି ଅବସରରେ ଏକ ସ୍ୱଚ୍ଛତା ରଥ ଯାତ୍ରା ଆରମ୍ଭ କରିଛି । ପାରାଦ୍ୱୀପ ବନ୍ଦର ର ଅଧ୍ୟକ୍ଷ ରିଙ୍କେଶ ରଏଙ୍କ ଉପସ୍ଥିତିରେ ନୁମାଲିଗଡ ରିଫାଇନାରୀର ପରିଚାଳନା ନିର୍ଦ୍ଦେଶକ ଏସ୍.କେ ବରୁଆ ଏବଂ ଡ୍ରେଜିଙ୍ଗ କର୍ପୋରେସନ୍ ଅଫ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ରାଜେଶ ତ୍ରିପାଠୀ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ । ଏହି ସ୍ୱଚ୍ଛତା ସମ୍ପର୍କରେ ସଚେତନତା କରାଇବା ସହ କୋଭିଡ୍-୧୯ ବିରୋଧିରେ ଲଢେଇ ପାଇଁ ସଚେତନ କରାଇବ ବୋଲି ପାରାଦ୍ୱୀପ ବନ୍ଦର ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରୁ ଜଣାପଡିଛି ।




# ରାଜ୍ୟସଭାରେ ଅଙ୍ଗନୱାଡି ଓ ଆଶା କର୍ମୀଙ୍କ ଲାଗି ସାଂସଦ ସୁବାସ ସିଂଙ୍କ ଦାବି

ଜଳେଶ୍ୱର, ୨୪/୯ (ନି.ପ୍ର) : ମହାମାରୀ କରୋନରେ ଅଂଗନୱାଡି ଓ ଆଶାକର୍ମୀ ମାନଙ୍କ କାର୍ଯ୍ୟ ଅତି ପ୍ରଶଂସନୀୟ । ସେମାନଙ୍କ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ଓ ଦକ୍ଷତା ଅନୁସାରେ ପାରିଶ୍ରମିକ କମ୍ ବୋଲି ଅଭିଯୋଗ ହୋଇ ଆସୁଥିଲା । ଗତ ୨୨ ତରିଖରେ ରାଜ୍ୟସଭା ସାଂସଦ ସୁବାସ ସିଂ ଏକ ସ୍ୱତନ୍ତ୍ର ଆଲୋଚନାରେ ସେମାନଙ୍କ ଦରମା ବୃଦ୍ଧିଲାଗି ଦାବି ଉତ୍‌ଥାପନ କରିଛନ୍ତି । ରାଜ୍ୟମୁଖ୍ୟମନ୍ତ୍ରୀ ସେମାନଙ୍କ ଦରମା ୭.୫ ହଜାର ଟଙ୍କଖିକା ଘୋଷଣା କରିଥିବା ବେଳେ କେନ୍ଦ୍ର ସରକାର ଉଚିତ ପଦକ୍ଷେପ ନେବାକୁ ଦାବି କରିଥିଲେ । ଏଥିଲାଗି ଅଲ୍ ଓଡିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସାମୁଖ୍ୟ ଜଳେଶ୍ୱର ଶାଖା ପକ୍ଷରୁ ସୁବାସ ସିଂଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

# ଚାକିରିର ବରିଷ୍ଠତା ଆଧାରରେ ପଦୋନ୍ନତି ଦେବାକୁ ଶିକ୍ଷକ ସଂଘର ଦାବି

ବାରିପଦା ,୨୪।୯ (ନି.ପ୍ର): ସାରା ରାଜ୍ୟରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କର ପଦୋନ୍ନତି ତାଲିକା ପ୍ରସ୍ତୁତି ଜୋରଦାରରେ ଚାଲିଥିବା ବେଳେ ୧୦ରୁ ଉର୍ଦ୍ଧ୍ୱ ଜିଲ୍ଲାରେ ଏହା ଶେଷ ହେଲାଣି । ମୟୂରଭ ଜିଲ୍ଲାରେ ମଧ ପଦୋନ୍ନତି ତାଲିକା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି । ତେବେ ଏହି ପଦୋନ୍ନତିକୁ ନେଇ ଦ୍ୱନ୍ଦ ଉପୁଜିବା ପରେ ଆଜି ଜିଲ୍ଲା ପ୍ରାଥମିକ ସଂଘର ସଦସ୍ୟ ମାନେ ଡିଇଓଙ୍କୁ ଭେଟି ଲିଖିତ ଭାବେ ଦାବିପତ୍ର ଦେବାକୁ ଯାଇଥିଲେ ତେବେ ତାଙ୍କ ଦେଖା ନପାଇବାରୁ ଅଫିସର ବରିଷ୍ଠ କିରାଣୀଙ୍କୁ ଦାବିପତ୍ର ଦେଇଥିବା ଜଣା ପଡିଛି । ଶିକ୍ଷକ ମାନଙ୍କର ଦାବି ମୁତାବକ ପଦୋନ୍ନତି ସମୟରେ ରାଜ୍ୟ ସରକାରଙ୍କ ଗାଇଡ ଲାଇନକୁ ସଂପୂର୍ଣ୍ଣ ଭାବେ ଅନୁସରଣ କରାଯାଉ ଓ ସିଟି, ବିଇଡି ପାଶର ତାରିଖକୁ ହିସାବକୁ ନନେଇ ନିଯୁକ୍ତି ତାରିଖକୁ ହିସାବକୁ ନିଆଯାଉ । ଶିକ୍ଷକମାନଙ୍କ କହିବା ମୁତାବକ ରାଜ୍ୟ ସରକାର ଏହି ନିର୍ଦ୍ଦେଶ ଦେଇଥିବା ବେଳେ କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲାରେ ଏହି ଅଧାରରେ ତାଲିକା ପ୍ରସ୍ତୁତ ହୋଇ ସ୍ୱୀକୃତି ପାଇସାରିଲାଣି । ଏହି ୨ ଜିଲ୍ଲାର ପଦୋନ୍ନତି ନକଲ ମଧ ଉଦାହରଣ ଭାବେ ଦରଖାସ୍ତରେ ସଂଲଗ୍ନ କରାଯାଇଛି । ଶିକ୍ଷକ ସଂଘ ତରଫରୁ ସଂଗଠନ ସଂପାଦକ ଅଜିତ କୁମାର ଭଦେଓ, ବେତନଟୀ ବ୍ଲକ ଶିକ୍ଷକ ସଂଘର ସଭାପତି ଶରତ ଚନ୍ଦ୍ର ମହାନ୍ତ, ଧୀରେନ୍ଦ୍ର ଭଦେଓ, ଅତୁଲ୍ୟ କୁଅଁର, ନାରାୟଣ କିଙ୍କର ଦତ, ରବି ନାରାୟଣ ଦତ, ଲକ୍ଷ୍ମୀରାମ ମାଝୀ, ବିଜୟ କୁମାର ଗିରି, ମନ୍ମଥ କୁମାର ତୁଙ୍ଗ ଓ ବୈକୁଣ୍ଠ ନାଥ ଗିରି ପ୍ରମୁଖ ଉପସ୍ଥିତ ଥିଲେ ।



# ଗହଳିରୁ ଦୂରେଇ ରହିବାକୁ ଜିଲ୍ଲାପାଳଙ୍କ ପରାମର୍ଶ

ପୁରୀ,୨୪।୯ (ନି.ପ୍ର): ଜିଲ୍ଲାରେ କରୋନା ସଂକ୍ରମଣ ବୃଦ୍ଧିପାଇଥିଲେ ମଧ ଆକ୍ରାନ୍ତଙ୍କ ମଧ୍ୟରୁ ୮୦ ପ୍ରତିଶତ ଲୋକ ସୁସ୍ଥ ହୋଇଥିବା ଜିଲ୍ଲାପାଳ ବଲୱନ୍ତ ସିଂ କହିଛନ୍ତି । ତେବେ ଲୋକମାନେ ବାହାରକୁ ବାହାରିବା ସମୟରେ ଭଲଭାବରେ ମାସ୍କ ପିନ୍ଧିବା, ଘରକୁ ଫେରିବାବେଳେ ହାତକୁ ସାବୁନରେ ସଫାକରିବା ଓ ଜନଗହଳି ପୂର୍ଣ୍ଣ ସ୍ଥାନକୁ ନଯିବାଲାଗି ଜିଲ୍ଲାପାଳ ଶ୍ରୀସିଂ ପୁରୀ ଜିଲ୍ଲାବାସୀଙ୍କୁ ପରାମର୍ଶ ଦେଇଛନ୍ତି । ପଜିଟିଭ ଚିହ୍ନଟ ହୋଇ ହୋମ୍ ଆଇସୁଲେସନ୍‌ରେଥିବା ଲୋକମାନେ ୧୭ ଦିନର ଅବଧି ଭିତରେ ଘରୁ ନବାହିରିବା ପାଇଁ ଜିଲ୍ଲାପାଳ ଅନୁରୋଧ କରଛନ୍ତି । ତେବେ ଖାମଖିଆଲ ଭାବି ଯଦି କେହି ଘରୁ ବାହାରନ୍ତି ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜିଲ୍ଲାପାଳ ଚେତାଇ ଦେଇଛନ୍ତି । ଜିଲ୍ଲାପାଳ ଏକ ଭିଡ଼ିଓ ବାର୍ତ୍ତାରେ କହିଛନ୍ତିଯେ, ଘରେ ରହି ଚିକିତ୍ସିତ ହେଉଥିବା ଲୋକ ବିଶେଷ ଅସୁସ୍ଥତା ଅନୁଭବ କଲେ ସେମାନଙ୍କ ଘର ପରିଦର୍ଶନ କରୁଥିବା ଆରଆରଟିଟିମ୍‌କୁ ଜଣାନ୍ତୁ । ସେମାନଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ କୋଭିଡ୍ ହସ୍ପିଟାଲକୁ ପଠାଇଦିଆଯିବ । ହସ୍ପିଟାଲରେ ଯଥେଷ୍ଟ ବେଡ୍ ରହିଥିବା ଓ ଅକ୍ସିଜେନ୍‌ର ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଥିବା ସେ ସୂଚନା ଦେଇଛନ୍ତି । ଜିଲ୍ଲାପାଳ କହିଛନ୍ତିଯେ ଜିଲ୍ଲାରେ ବର୍ତ୍ତମାନ ପ୍ରତ୍ୟେହ ପ୍ରାୟ ୧୨ଶହ ନମୁନା ପରୀକ୍ଷଣ କରାଯାଉଥିଲେ ମଧ ବୃଦ୍ଧିପାଉଥିବା ସଂକ୍ରମଣକୁ ଦୃଷ୍ଟିରେ ରଖି ଜିଲ୍ଲାସ୍ତରରେ ଆରଟିପିସିଆର ଟେଷ୍ଟ ଆରମ୍ଭ କରାଯାଇଛି । ପୁରୀରେ ଭିରୋଲଜି ଲ୍ୟାବ୍ ଆରମ୍ଭ କରାଯାଇଥିବା ସୂଚନା ଦେଇ ଏଠାରେ ଦୈନିକ ୧୦୦ଟି ନମୁନାର ଆରଟିପିସିଆର ଟେଷ୍ଟ ବ୍ୟବସ୍ଥା ହେଇଥିବା ସେ କହିଛନ୍ତି । ମହାମାରୀ କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସହଯୋଗ କରି ଆସିଥିବାରୁ ଜିଲ୍ଲାପାଳ ଶ୍ରୀ ସିଂ ଜିଲ୍ଲାବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଡାଇବେଟିସ୍ ନିୟନ୍ତ୍ରଣ...

କରୋନା ଆକ୍ରାନ୍ତ ଯୋଗୁଁ ମାନସିକ ଚାପ ବଢୁଥିବାରୁ ସୁଗାର ବଢ଼ିପାରେ । କରୋନା ଆକ୍ରାନ୍ତ ଡାଇବେଟିସ୍ ରୋଗୀ ଇନସୁଲିନ୍ ନେବା ଉଚିତ୍ । ସେହିପରି ସିଭିୟର କରୋନା ଥିଲେ, ହୃତ ସ୍ପନ୍ଦନ ବେଶି ବଢ଼ିଯିବାର ସମ୍ଭାବନା ଅଛି । ମୁଣ୍ଡ ବୁଲାଇବା ଲକ୍ଷଣ ଦେଖିଲେ ସେମାନେ ତୁରନ୍ତ ଡାକ୍ତରଙ୍କୁ ଦେଖାନ୍ତୁ ବୋଲି ସେ କହିଛନ୍ତି । କୋଭିଡ୍ ସମୟରେ ସତର୍କତା ହିଁ ଶ୍ରେଷ୍ଠ ସୁରକ୍ଷା । ମାସ୍କ ଦ୍ୱାରା ସଂକ୍ରମଣ ୫୦ ପ୍ରତିଶତ ହ୍ରାସ ପାଉଥିବାରୁ ମାସ୍କ ପିନ୍ଧିବା ଜରୁରୀ । ସେହିପରି ନିୟମିତ ବ୍ୟବଧାନରେ ହାତ ଧୋଇବା ଓ ଶାରୀରିକ ଦୂରତ୍ୱ ରକ୍ଷା କରିବା ବଡ଼ ସତର୍କତା । ନିଜର ବ୍ୟକ୍ତିଗତ ଉପକରଣ ଓ ପରିବେଶର ବିଶୋଧନ ଉପରେ ଗୁରୁତ୍ୱ ଦେବା ଦରକାର ବୋଲି ସେ କହିଥିଲେ ।

## ବିଜେଡ଼ି ଓ ବିଜେପି...

କୌଣସି ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବନାହିଁ । ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକ ଏହି ଆଇନ୍‌ର ବ୍ୟବସ୍ଥା ଫଳରେ ସିଧାସଳଖ ଭାରତର ଗ୍ରାମୀଣ କୃଷି ବଜାର ଉପରେ ନିଜର ଏକଚାଟିଆ ଅଧିକାରୀ ଜାହିର କରିବାର ସୁଯୋଗ ପାଇବେ । ଘରୋଇ କମ୍ପାନୀଗୁଡିକ ନିଜେ ମଣ୍ଡି ଖୋଲିବାର ସୁଯୋଗ ପାଇବେ ଏବଂ ସରକାରଙ୍କ ନିୟନ୍ତ୍ରଣ ନରହିବା ହେତୁ ଚାଷୀ ଶୋଷଣର ଶିକାର ହେବେ । ପ୍ରତାରଣାର ଶିକାର ହୋଇଥିବା ଚାଷୀଟି କମ୍ପାନୀ ବିରୁଦ୍ଧରେ ସିଧାସଳଖ ନ୍ୟାୟାଳୟକୁ ଯିବାର ବ୍ୟବସ୍ଥା ନାହିଁ । ଅତ୍ୟାବଶ୍ୟକୀୟ ଆଇନ୍‌ର ସଂଶୋଧନ ଫଳରେ ବେଆଇନ୍ ମହଜୁଦକାରୀଙ୍କ ବିରୁଦ୍ଧରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ନେଇପାରିବେ ନାହିଁ, ତାହାର ପ୍ରମୁଖ କାରଣ ହେଉଛି ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀକୁ ମହଜୁଦ କରି ରଖିବାର ନିର୍ଦ୍ଧାରିତ ସୀମା ରହିଲା ନାହିଁ । ପରୋକ୍ଷରେ ଏହା କଳାବଜାରୀ ଏବଂ ବେଆଇନ୍ ମହଜୁଦକାରୀଙ୍କୁ ପ୍ରୋତ୍ସାହିତ କରିବ ବୋଲଇ ଶ୍ରୀ ସିଂହ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ, ବିଧାୟକ ଦଳ ନେତା ଶ୍ରୀ ନରସିଂହ ମିଶ୍ର ଓ ପିସିସି କାର୍ଯ୍ୟକାରୀ ସଭାପତି ଶ୍ରୀ ପ୍ରଦୀପ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟରେ ଆଉ ୧୬ ଜଣଙ୍କର...

ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୭୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । । ଭୁବନେଶ୍ୱରର ଜଣେ ୭୨ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । କେନ୍ଦ୍ରାପଡା ଜିଲ୍ଲାର ଜଣେ ଜଣେ ୮୨ ବର୍ଷୀୟ କରୋନା ଆକ୍ରାନ୍ତଙ୍ବ୍କ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ ଅନିୟନ୍ତ୍ରିତ ମଧୁମେହରେ ପୀଡିତଥିଲେ । ସେହିପରି କେନ୍ଦ୍ରାପଡା ଜିଲ୍ଲାର ଜଣେ ୫୮ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧ୍ୟ ଅନିୟନ୍ତ୍ରିତ ମଧୁମେହରେ ପୀଡିତ ଥିଲେ । ଖୋର୍ଧା ଜିଲ୍ଲାର ଜଣେ ୫୭ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଖୋର୍ଧା ଜିଲ୍ଲାର ଜଣେ ୭୯ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ମୃତ୍ୟୁବରଣ କରିଛନ୍ତି । ମୟୁରଭଂଜ ଜିଲ୍ଲାର ଜଣେ ୫୮ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ନୟାଗଡ ଜିଲ୍ଲାର ଜଣେ ୫୪ ବର୍ଷୀୟ କରୋନା ସଂକ୍ରମିତ ପୁରୁଷ ମୃତ୍ୟୁବରଣ କରିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ପୁରୀ ଜିଲ୍ଲାର ଜଣେ ୭୯ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ସେ ମଧୁମେହରେ ପୀଡିତ ଥିଲେ । ପୁରୀ ଜିଲ୍ଲାର ଜଣେ ୭୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ପୁରୀ ଜିଲ୍ଲାର ଜଣେ ୮୨ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମଧ୍ୟ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ପୁରୀ ଜିଲ୍ଲାର ଜଣେ ୩୯ ବର୍ଷୀୟ ପୁରୁଷ କରୋନା ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି । ସେ କ୍ରନିକ କିଡନୀ ରୋଗ ଓ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ । ରାୟଗଡା ଜିଲ୍ଲାର ଜଣେ ୫୭ ବର୍ଷୀୟ ପୁରୁଷ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସୁବର୍ଣ୍ଣପୁର ଜିଲ୍ଲାର ଜଣେ ୭୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷ ଙ୍କ ମୃତ୍ୟୁ ଘଟିଛି ।

## ଓଡିଶାରୁ ସୁରଟ...

୦୦୧୫ ଘଟିକା (ଶୁକ୍ରବାର ରାତ୍ର ୧୨୧୫ମି.) ରେ ଖୋର୍ଦ୍ଧା ରୋଡ଼ ଅଭିମୁଖେ ଯାତ୍ରା କରିବ । ଏହା ବ୍ୟତୀତ ଓଡିଶାରୁ ଗୁଜରାଟକୁ ସପ୍ତାହରେ ସବୁଦିନ ସ୍ୱତନ୍ତ୍ର ଟ୍ରେନ ଉପଲବ୍ଧ ହେବ ସହ ସପ୍ତାହରେ ୯ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ । ଖୋର୍ଦ୍ଧା ରୋଡ଼-ଅହମଦାବାଦ-ଖୋର୍ଦ୍ଧାରୋଡ଼ସ୍ୱତନ୍ତ୍ର ଟ୍ରେନ (୦୨୮୪୩/୦୨୮୪୪)ଖୋର୍ଦ୍ଧା ରୋଡ଼ ରୁ ସେପ୍ଟେମ୍ବର ୧୨ ତାରିଖ ଠାରୁ ପ୍ରତି ମଙ୍ଗଳ, ଗୁରୁ, ଶୁକ୍ର ଓ ଶନିବାର ଦିନ ମାନଙ୍କରେ ସନ୍ଧ୍ୟା ୬.୪୦ମି.ରେ ଛାଡିବ ଏବଂ ଅହମଦାବାଦ ଠାରୁ ସେପ୍ଟେମ୍ବର ୧୪ ତାରିଖରୁ ପ୍ରତି ସୋମ, ଗୁରୁ, ଶନି ଓ ରବିବାର ଦିନମାନଙ୍କରେ ସନ୍ଧ୍ୟା ୬.୪୦ମି.ରେ ଛାଡିବ । ଖୋର୍ଦ୍ଧା ରୋଡ଼-ଓ଼ଖା-ଖୋର୍ଦ୍ଧାରୋଡ଼ସ୍ୱତନ୍ତ୍ର ଟ୍ରେନ (୦୮୪୦୧/୦୮୪୦୨)ଖୋର୍ଦ୍ଧା ରୋଡ଼ ରୁ ସେପ୍ଟେମ୍ବର ୧୩ ତାରିଖ ଠାରୁ ପ୍ରତି ରବିବାର ଦିନ ପୂର୍ବାହ୍ନ ୧୦.୪୦ମି.ରେ ଛାଡିବ ଏବଂ ଓ଼ଖା ଠାରୁ ସେପ୍ଟେମ୍ବର ୧୬ ତାରିଖରୁ ପ୍ରତି ବୁଧବାର ସକାଳ ୮ .୩୦ମି.ରେ ଛାଡିବ । ଗାନ୍ଧୀଧାମ-ଖୋର୍ଦ୍ଧାରୋଡ଼-ଗାନ୍ଧୀଧାମ ସ୍ୱତନ୍ତ୍ର ଟ୍ରେନ (୦୨୯୭୩/୦୨୯୭୪) ଗାନ୍ଧୀଧାମ ରୁ ସେପ୍ଟେମ୍ବର ମାସ ୧୬ ତାରିଖ ପ୍ରତି ବୁଧବାର ରାତ୍ର ୧୧ ଘଟିକାରୁ ଛାଡିବ ଏବଂ ଖୋର୍ଦ୍ଧା ରୋଡ଼ ରୁ ସେପ୍ଟେମ୍ବର ମାସ ୧୬ ତାରିଖଠାରୁ ପ୍ରତି ଶନିବାର ପୂର୍ବାହ୍ନ ୧୧.୪୦ମି.ରେ ଛାଡିବ । ଭୁବନେଶ୍ୱର-ଅହମଦାବାଦ-ଭୁବନେଶ୍ୱର ସାପ୍ତାହିକ ସ୍ୱତନ୍ତ୍ର ଟ୍ରେନ (୦୮୪୦୫/୦୮୪୦୬)ସେପ୍ଟେମ୍ବର ମାସ ୧୬ ତାରିଖ ଠାରୁ ଭୁବନେଶ୍ୱର ରୁ ପ୍ରତି ବୁଧବାର ସନ୍ଧ୍ୟା ୬ ଘଟିକାରେ ଛାଡିବ ଓ ସେପ୍ଟେମ୍ବର ମାସ ୧୮ ତାରିଖ ଠାରୁ ଅହମଦାବାଦ ଠାରୁ ପ୍ରତି ଶୁକ୍ରବାର ସନ୍ଧ୍ୟା ୬ .୪୦ମି,ରେ ଛାଡିବ ।

## ଖର୍ଚ୍ଚ ବଢୁଥିବାରୁ ...

ଅକ୍ଟୋବର ପହିଲାରୁ ଗ୍ରାହକଙ୍କୁ ଏହି ବର୍ଦ୍ଧିତ ବିଦ୍ୟୁତ୍ ବିଲ୍ ଦେବାକୁ ପଡ଼ିବ । ତେବେ କରୋନା ମହାମାରୀ ସମୟରେ ଦର ବୃଦ୍ଧିକୁ ବିରୋଧୀଦଳ ପକ୍ଷରୁ କଡା ନିନ୍ଦା କରାଯାଇଥିବା ବେଳେ ଉପଭୋକ୍ତା ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି ।

## ଅଧିଷ୍ଠାତ୍ରୀ ଦେବୀ...

ହେଉଥିବା ବେଳେ ଅମାନିଆ ପର୍ଯ୍ୟଟକଙ୍କ ଖୁଲମଖୁଲା ବୁଲିବା ସହ ମାସ୍କ ଓ ସାମାଜିକ ଦୂରତା ନିୟମକୁ ଅଣଦେଖା କରିବା ରାୟଗଡ ସହରବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ମା ମଝିଘରିଆଣୀ ମନ୍ଦିର ଅଂଚଳରେ ପର୍ଯ୍ୟଟକ ତଥା ଶ୍ରଦ୍ଧାଳୁମାନେ କୁକୁଡା, ଛେଳି ଆଦି ପଶୁବଳି ବିନା ଭୟରେ ଦେଉଥିବା ମଧ ଦେଖିବାକୁ ମିଳିଛି । ଅପରପକ୍ଷେ ମନ୍ଦିର ବେଢାରେ ପର୍ଯ୍ୟଟକଙ୍କ ଭିଡକୁ ନେଇ ବ୍ୟବସ୍ଥା ଉପରେ ମନ୍ଦିର ଟ୍ରଷ୍ଟିଙ୍କ ପ୍ରତିକ୍ରିୟା ମଧ ମିଳି ପାରି ନାହିଁ । ସୂଚନା ଜିଲ୍ଲା ଓ ପୋଲିସ ପ୍ରଶାସନ ପାଖେ ପଂହଚିଛି କି ନାହିଁ ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

## ବାଲିଆପାଳ ଡାକ୍ତରଖାନା...

କରି ଦେବା କଥା କହି ହସପିଟାଲର ଜଣେ ମହିଳା ସୁଇପରଙ୍କୁ ଅରକ୍ଷ କ୍ଷୀର ଲଗାଇବାକୁ କହି ନିଜେ ଚିକିତ୍ସା କରିଥିଲେ । ମାତ୍ର ରୋଗୀର ଅବସ୍ଥା ଅଧିକ ଗୁରୁତର ହେବାରୁ ପରିବାର ଲୋକମାନେ ତାଙ୍କ କଥା ନ ଶୁଣି କଟକ ବଡମେଡିକାଲକୁ ନେଇଯାଇଥିଲେ । ସେଠାରେ ତାଙ୍କର ଚିକିତ୍ସା ହେବା ପରେ ଏବେ ରୋଗୀଙ୍କ ସ୍ୱାସ୍ଥ୍ୟବସ୍ଥାର ଉନ୍ନତୀ ଘଟିଥିବା ଜଣାଯାଇଛି । ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ସ୍ୱାସ୍ଥ୍ୟ ବିଭାଗରେ ଜଣେ ଅଫିସର ହୋଇ ଏପରି ଅନ୍ଧ ବିଶ୍ୱାସକୁ କିପରି ପ୍ରଶୟ ଦେଉଛନ୍ତି ପୁଣି ଡାକ୍ତର ଖାନା ଭିତରେ ଯଦି ରୋଗୀ ଠିକ ସମୟରେ କଟକ ପହଞ୍ଚି ପାରି ନଥାନ୍ତେ ତେବେ ରୋଗୀର ଅବସ୍ଥା କଣ ହୋଇଥାନ୍ତା ବୋଲି ସର୍ବ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଏ ବିଷୟରେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା,ଭାଗିରଥି ମୁର୍ମୁଙ୍କୁ ପଚାରିବାରୁ ସେ କିଛି କହିବାକୁ ମନା କରିଦେଇଥିଲେ । ତେବେ ଏ ବିଷୟରେ ଉଚ୍ଚ କର୍ତ୍ତୃପକ୍ଷ ଗୁରୁତର ସହ ବିଚାର କରିବାକୁ ଜନସାଧାରଣ ଦାବି କରିଛନ୍ତି ।

## ମାଛ ପୋଖରୀରେ ବିଷ...

ଏହି କାର୍ଯ୍ୟ ପୂର୍ବ ଶତ୍ରୁତାରୁ ମହେନ୍ଦ୍ର ଓ ଜୟନ୍ତ କରିଥିବା ନେଇ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନେ ଆରୋପ ଉଠାଇଛନ୍ତି । ତେବେ ଏନେଇ ଏସଏଚଜି ମହିଳାମାନେ ସ୍ଥାନୀୟ ସରପଞ୍ଚ ଓ ଖନ୍ତାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ ବି କେହି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଶେଷରେ ସେମାନେ ବାଧ୍ୟ ହୋଇ ଜିଲ୍ଲାପାଳଙ୍କଠାରେ ଆପତ୍ତି ଜଣାଇଛନ୍ତି । ଏହି ଘଟଣାର ତଦନ୍ତ ସହ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଛନ୍ତି । ଏହି ପରିପ୍ରେକ୍ଷୀରେ ସେମାନେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତିଚ଼ ଦାବିପତ୍ର ପ୍ରଦାନ ବେଳେ ମାଆ ସରସ୍ୱତୀ ଏସଏଚଜି ସମ୍ପାଦିକା ଝୁନି ମଳିକଙ୍କ ସମେତ ରମଣୀ ମଳିକ, ଜୟନ୍ତୀ ମଳିକ, ସୁଲୋଚନା ମଳିକ, ଶକ୍ତିଲତା ମଳିକ, ସୁମିତ୍ରା ମଳିକ, କାଞ୍ଚନ ମଳିକ, ମଧୁସ୍ମିତା ମଳିକ ପ୍ରମୁଖ ଅନ୍ୟାନ୍ୟ ସ୍ୱୟଂ ସାହିକା ଗୋଷ୍ଠୀର କର୍ମକର୍ତ୍ତା ଓ ସଦସ୍ୟାମାନେ ଉପସ୍ଥିତ ଥିଲେ ।

# ଅର୍ନ୍ତଜାତୀୟ ନୌବାଣିଜ୍ୟ ଦିବସ ପାଳିତ

ପାରାଦ୍ୱୀପ ,୨୪।୯ (ନି.ପ୍ର): ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ମାସ ଶେଷ ସପ୍ତାହରେ ପାଳିତ ହୋଇଥାଏ ଆନ୍ତର୍ଯ୍ୟାତୀୟ ନୌବାଣିଜ୍ୟ ଦିବସ । ଭାରତ ସରକାରଙ୍କ ଜାହାଜ ଚଳାଚଳ ମହାନିର୍ଦ୍ଦେଶକ ଙ୍କ ନିଷ୍ପତ୍ତି ଅନୁଯାୟୀ ଗୁରୁବାର ଦିନ ଆର୍ନ୍ତଜାତୀୟ ନୌବାଣିଜ୍ୟ ଦିବସ ପାରାଦ୍ୱୀପ ବନ୍ଦରରେ କୋଭିଡ୍-୧୯ ନିୟମାବଳୀ ଅନୁଶୀଳନ ସହିତ ଆୟୋଜିତ ହୋଇଥିଲା । ବନ୍ଦର ମେରାଇନ୍ ସାଇଟ୍ ଅଫିସ ଠାରେ ବନ୍ଦର ଉପସଂରକ୍ଷକ କ୍ୟାପ୍‌ଟେନ୍ ଏ.କେ.ମହାପାତ୍ର ବିଶ୍ୱ ନୌବାଣିଜ୍ୟ ପତାକା ଉତ୍ତୋଳନ କରିଥିଲେ । କେବଳ ମେରାଇନ୍ ବିଭାଗର ବରିଷ୍ଠ ଅଧିକାରୀ ମାନଙ୍କ ଉପସ୍ଥିତିରେ ଏହି ସଂକ୍ଷିପ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆର୍ନ୍ତଜାତୀୟ ମେରିଟାଇମ୍ ସଂସ୍ଥା ନୌବାଣିଜ୍ୟ କ୍ଷେତ୍ରରେ ସୁରକ୍ଷା, ନିରାପତ୍ତା ଓ ପ୍ରଦୂଷଣ ମୁକ୍ତ ସାମୁଦ୍ରିକ ପରିବହନ ପରିବେଶ ର ବାର୍ତ୍ତା ଦେଇଥାଏ । ପ୍ରକାଶଥାଉକି ୧୯୭୮ ମସିହା ମାର୍ଚ୍ଚ ୧୭ ତାରିଖ ଦିନ ପ୍ରଥମ କରି ଏହି ଦିବସ ପାଳିତ ହୋଇଥିଲା । ଆର୍ନ୍ତଜାତୀୟ ସ୍ତରରେ ୧୯୫୮ ମସିହାରେ ପ୍ରଥମ ଜାହାଜ ଚଳାଚଳ କରିଥିଲା । ସେବେଠାରୁ ସେପ୍ଟେମ୍ବର ମାସ ଶେଷ ସପ୍ତାହରେ ଏହା ପାଳିତ ହୋଇଆସୁଅଛି ।

ଶୁକ୍ରବାର, ୨୫ ସେପ୍ଟେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ବିପଣୀ ଉନ୍ନୟନ କମିଟି ପକ୍ଷରୁ ରକ୍ତଦାନ ଶିବିର

ବାଲେଶ୍ୱର,୨୪।୯ (ନି.ପ୍ର): ବାଲେଶ୍ୱର ବିପଣୀ ଉନ୍ନୟନ କମିଟି ପକ୍ଷରୁ ସପ୍ତମ ବାର୍ଷିକ ୨ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମୋତିଗଞ୍ଜସ୍ଥିତ ଘୋଷ ମାର୍କେଟ ପରିସରରେ ଆଜି ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ବ୍ୟବସାୟୀ ସଂଘ ସାଧାରଣ ସମ୍ପାଦକ ରଂଜନ ବାଗ୍ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଦୀର୍ଘ ୭ ବର୍ଷଧରି ବିପଣୀ ଉନ୍ନୟନ କମିଟି ଏଭଳି ମହତ କାର୍ଯ୍ୟ ଜାରି ରଖିବା ବେଶ୍ ପ୍ରଶଂସନୀୟ ବୋଲି ବୋଲି ସେ କହିଥିଲେ। ବିଜେପି ସଦର ନିର୍ବାଚନମଣ୍ଡଳୀ ସଂଯୋଜକ ମାନସ ଦତ୍ତ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ବିପଣୀ ଉନ୍ନୟନ କମିଟିର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ବ୍ୟବସାୟୀମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ସମାଜ ସେବା ପ୍ରତି ଆଗ୍ରହ ଅନ୍ୟମାନଙ୍କୁ ପ୍ରେରଣା ଦେବ ବୋଲି ଶ୍ରୀ ଦତ୍ତ ମତ ପ୍ରକାଶ କରିଥିଲେ। କମିଟିର ସାଧାରଣ ସମ୍ପାଦକ ଚନ୍ଦନ କୁମାର ଭୂୟାଁ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ମହେଶ କୁମାର ବିଶ୍ୱାଳ, କମିଟିର ଉପଦେଷ୍ଟା ସମାଜସେବୀ ଜନତ ହୋସେନଙ୍କ ସମେତ ଶରତ ଚନ୍ଦ୍ର ନାୟକ, ଅରୁଣ କୁମାର ଦାସ, କମଳାକାନ୍ତ ନାୟକ, ଅନୀଲ କୋଇଲି, ଅଖିଳ ଚନ୍ଦ୍ର ଆଶ୍, ରାଜକୁମାର ପିରି, କରୁଣାକର ପଣ୍ଡା, କାର୍ତ୍ତିକ ଓଝା, ଡମ୍ବରୁଧର ଦାସ ପ୍ରମୁଖ କମିଟି କର୍ମକର୍ତ୍ତାମାନେ ଏଥିରେ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିବା ସହ ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ରକ୍ତଦାନ ଶିବିର ପାଇଁ ଗୋଟିଏ ଦିନ ଘୋଷ ମାର୍କେଟରେ ବ୍ୟବସାୟୀମାନେ ଦୋକାନ ବନ୍ଦ ରଖିଥିବା ଲକ୍ଷ୍ୟ କରାଯାଇଥିଲା। ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ। ଶିବିର ଶେଷ ସୁଦ୍ଧା ଶହେରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

## ଦିନକରେ ୧୬୨ ପଜିଟିଭ୍ ସହ ଜିଲ୍ଲାର ସଂକ୍ରମିତ ସଂଖ୍ୟା ୬୮୧୬କୁ ବୃଦ୍ଧି

ବାଲେଶ୍ୱର,୨୪।୯ (ନି.ପ୍ର): ବଢୁଥିବା କରୋନା ସଂକ୍ରମଣ ସମଗ୍ର ଦେଶ ପାଇଁ ଉଦ୍‌ବେଗର ବିଷୟ ହୋଇଛି। ବିଶେଷଜ୍ଞଙ୍କ ସୂଚନା ଅନୁସାରେ ଆସନ୍ତା ଅକ୍ଟୋବର ମାସରେ ସଂକ୍ରମଣ ହାର ଶୀର୍ଷରେ ପହଞ୍ଚିବା ପରେ କ୍ରମହ୍ରାସମାନ ଅବସ୍ଥାରେ ଏହା କମିବ ବୋଲି ଜଣାପଡ଼ିଛି। ତେବେ ସରକାରଙ୍କ ପକ୍ଷରୁ ବାରମ୍ବାର ସଚେତନତା ସୃଷ୍ଟି ସାଙ୍ଗକୁ ସାମାଜିକ ଦୂରତା ରକ୍ଷା ପାଇଁ କୁହାଯାଉଥିଲେ ବି ସାଧାରଣ ଲୋକେ ଏହାକୁ ଗୁରୁତ୍ୱ ନଦେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ହୋଇଛି। ଦେଶର ସଂକ୍ରମିତଙ୍କ ସଂଖ୍ୟା ୫୭ ଲକ୍ଷରେ ଅତିକ୍ରମ କରିଥିବା ବେଳେ ମୃତ୍ୟୁ ସଂଖ୍ୟା ବି୯୦ ହଜାର ଟପିଛି। ସେହିଭଳି ଓଡ଼ିଶାରେ ଦୈନିକ ୪ ହଜାର ଉପରେ ସଂକ୍ରମିତ ଚିହ୍ନଟ ହୋଇ ଚାଲିଥିବା ବେଳେ ମୃତ୍ୟୁ ସଂଖ୍ୟା ବି ଧିରେ ଧିରେ ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ୪୩୪୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟର ଆଜି ସୁଦ୍ଧା କରୋନା ସଂକ୍ରମିତଙ୍କ ସଂଖ୍ୟା ୧ ଲକ୍ଷ ୯୬ ହଜାର ଅତିକ୍ରମ କରିଛି। ଅନ୍ୟପକ୍ଷରେ ଆଜି ୧୬ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୭୫୨ ଛୁଇଁଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ବାଲେଶ୍ୱରର କରୋନା ସ୍ଥିତି କ୍ରମଶଃ ବିଗିଡ଼ିବାରେ ଲାଗିଛି। ଆଜି ଗୋଟିଏ ଦିନରେ ୧୬୨ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୬୮୧୬ରେ ପହଞ୍ଚିଛି। ଏବେ ସୁଦ୍ଧା ଜିଲ୍ଲାରେ ୫୨୯୦ ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୧୫୦୧ ଜଣ ଆକ୍ରାନ୍ତ କୋଭିଡ୍ ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟର ସହ ହୋମ ଆଇସୋଲେସନରେ ରହି ଚିକିତ୍ସିତ ହେଉଛନ୍ତି। ଅନ୍ୟପକ୍ଷରେ ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ୨୦ରେ ସ୍ଥିର ରହିଛି। ତେବେ ବାଲେଶ୍ୱର ଜିଲ୍ଲାରେ ବଢୁଥିବା କରୋନା ସଂକ୍ରମିତଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ୧୦୦ ଶଯ୍ୟା ବିଶିଷ୍ଟ ଦ୍ୱିତୀୟ କୋଭିଡ୍ ହସପିଟାଲ ଏବେ କାର୍ଯ୍ୟକ୍ଷମ ହୋଇଛି। ଗତ ସପ୍ତାହରେ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ବାଲେଶ୍ୱର ଗସ୍ତ ଓ କୋଭିଡ୍ ସ୍ଥିତି ପରିଦର୍ଶନ ବେଳେ ଜିଲ୍ଲାର ଦ୍ୱିତୀୟ କୋଭିଡ୍ ହସପିଟାଲର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ସେହିକ୍ରମେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏବେ ଦ୍ୱିତୀୟ କୋଭିଡ୍ ହସପିଟାଲ କାର୍ଯ୍ୟକ୍ଷମ ହୋଇଛି। ପୂର୍ବରୁ ସରକାରଙ୍କ ପକ୍ଷରୁ କୁରୁଡ଼ାସ୍ଥିତ ଜ୍ୟୋତି ହସପିଟାଲକୁ ଜିଲ୍ଲାର ପ୍ରଥମ କୋଭିଡ୍ ହସପିଟାଲ ଭାବେ ବ୍ୟବହାର କରାଯାଇଥିଲା।

## ଯୁବ କଂଗ୍ରେସ ପକ୍ଷରୁ ନୂତନ କୃଷିନୀତିକୁ ବିରୋଧ

ବାଲେଶ୍ୱର,୨୪।୯ (ନି.ପ୍ର): ଚଳିତ ସଂସଦ ଅଧିବେଶନରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଗତ ହୋଇଥିବା କୃଷି ସଂଶୋଧନ ବିଧେୟକକୁ ନେଇ ସମଗ୍ର ଦେଶରେ ବିରୋଧର ସ୍ୱର ଉଠିଥିବା ବେଳେ ବାଲେଶ୍ୱରରେ ମଧ୍ୟ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି। ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ କେନ୍ଦ୍ର ସରକାରଙ୍କ କୃଷକ ମାରଣ ନୀତିକୁ ବିରୋଧ କରି ସ୍ଥାନୀୟ ସିନେମାଛକଠାରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଆଜି ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଂଜନ କୁମାର ଦାସଙ୍କ ନେତୃତ୍ୱରେ ବହୁ ଯୁବକର୍ମୀ ଓ ଛାତ୍ରନେତା କେନ୍ଦ୍ର ସରକାର ବିରୋଧୀ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ଭାରତ ଭଳି କୃଷି ପ୍ରଧାନ ଦେଶରେ କୃଷି ଓ କୃଷକଙ୍କ ବିକାଶ ପ୍ରତି ଉଦାସୀନ କେନ୍ଦ୍ର ସରକାର ଶେଷରେ ପୁଞ୍ଜିପତିଙ୍କ ସ୍ୱାର୍ଥରକ୍ଷାକୁଅଧିକ ଗୁରୁତ୍ୱ ଦେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଯୁବ କଂଗ୍ରେସ ନେତାମାନେ କହିଛନ୍ତି। ସଂଶୋଧିତ କୃଷି ବିଲ୍ ଦ୍ୱାରା ଦେଶର କୃଷି ଓ କୃଷକଙ୍କ ଭାଗ୍ୟକୁ ସରକାର ପୁଞ୍ଜିପତିଙ୍କ ହାତକୁ ଟେକି ଦେଇଛନ୍ତି। ଫଳରେ ଆଗାମୀ ଦିନରେ ଦେଶର ଚାଷୀମୃତ୍ୟୁ ଆହୁରି ତୀବ୍ର ହେବ ବୋଲି ସେମାନେ କହିଛନ୍ତି। ସରକାର ତୁରନ୍ତ ଏହାକୁ ପ୍ରତ୍ୟାହାର ନ କଲେ ଯୁବ କଂଗ୍ରେସ ଦେଶବ୍ୟାପୀ ଆନ୍ଦୋଳନ ଅଧିକ ତେଜିାନ କରିବ ବୋଲି ଯୁବ କଂଗ୍ରେସ କମିଟି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି।

## ମାଛ ପୋଖରୀରେ ବିଷ ପ୍ରୟୋଗ ଅଭିଯୋଗ : ଏସଏଚଜି ମହିଳାଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଦାବି



ବାଲେଶ୍ୱର,୨୪।୯ (ନି.ପ୍ର): ପୂର୍ବ ଶତୁଡାରୁ ଗ୍ରାମ ପଞ୍ଚାୟତରୁ ଲିଜ୍ ନେଇଥିବା ଏକ ପୋଖରୀରେ ବିଷ ପକାଇ ଲକ୍ଷାଧିକ ଟଙ୍କାର ମାଛ ମାରି ନଷ୍ଟ କରି ଦେଇଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଖନ୍ତାପଡ଼ା ଅଞ୍ଚଳର ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନେ ଆଜି ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ମହିଳାମାନଙ୍କ ଅଭିଯୋଗ ଅନୁସାରେ ରେମୁଣା ବ୍ଲକ ଅନ୍ତର୍ଗତ ଓସଙ୍ଗ ଗ୍ରାମର ରେଷୁଆ ପୋଖରୀକୁ ବରିପଦା ପଞ୍ଚାୟତଠାରୁ ୩ ବର୍ଷ ପାଇଁ ୫ଗୋଟି ଏସଏଚଜି ଲିଜ୍‌ରେ ନେଇଥିଲେ। ମାଆ ସରସ୍ୱତୀ ସ୍ୱୟଂ ସହାୟିକା ଗୋଷ୍ଠୀ ନାମରେ ଏହି ପୋଖରୀ ଲିଜ୍ ନିଆଯାଇଥିଲେ ବି ମା ବନଦୁର୍ଗା ଏସଏଚଜି, ସାଇନାଥ ଏସଏଚଜି, ମାଆ ଅନ୍ଧାରୀ ମଙ୍ଗଳା ଏସଏଚଜି ଓ ମହାଲକ୍ଷ୍ମୀ ଏସଏଚଜି ପ୍ରଭୃତି ୫ ଗୋଟି ସ୍ୱୟ ସହାୟିକା ଗୋଷ୍ଠୀ ମିଳିତ ଭାବେ ଅର୍ଥ ଖର୍ଚ୍ଚ ସହ ଏହି ପୋଖରୀରେ ମାଛଚାଷ କରିଥିଲେ। ଏନେଇ ସେମାନେ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କାର ଋଣ ମଧ୍ୟ ଆଣିଥିଲେ। ଗତ ୧୮ ତାରିଖ ଦିନ ସରସ୍ୱତୀ ଏସଏଚଜିର ସମ୍ପାଦିକା ରବୀନ୍ଦ୍ର ମଳିକଙ୍କ ପତ୍ନୀ ଝୁନି ମଳିକଙ୍କ ସହ ସେହି ଗ୍ରାମର ସୁରେନ୍ଦ୍ର ମଳିକଙ୍କ ପୁତ୍ର ଜୟନ୍ତ ମଳିକ ଓ ଛତିନ୍ଦ୍ର ମଳିକଙ୍କ ପୁତ୍ର ମହେନ୍ଦ୍ର ମଳିକଙ୍କର ଝଗଡ଼ାଝାଣ୍ଟି ହୋଇଥିଲା। ଗଣ୍ଡୋଗଳ ସମୟରେ ସେମାନେ ପୋଖରୀରେ ବିଷ ପକାଇବା ନେଇ ଧମକ ମଧ୍ୟ ଦେଇଥିଲେ ଏବଂ ସେହି ରାତିରେ ବିଷ ପ୍ରୟୋଗ ଯୋଗୁଁ ପୋଖରୀରେ ସବୁ ମାଛ ମରି ଭାସିଥିବା ଦେଖିବାକୁ ମିଳିଥିଲା।

▶▶ପୃଷ୍ଠା ୭

## ଗାଡି ବଡି ଗ୍ୟାରେଜ୍‌ରୁ ବିପୁଳ ପରିମାଣର ଚୋରାକାଠ ଜବତ



ବାରିପଦା,୨୪।୯ (ନି.ପ୍ର): ଶିମିଳିପାଳ ଜୈବମଣ୍ଡଳର କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଦୁଧିଆଣୀ ରେ ଅଂଚଳରେ ଗତ ୨୩ ତାରିଖ ଦିନ ଟଙ୍ଗାବିଲା ଠାରେ ଥିବା ଏକ ଗାଡି ବଡି ଗ୍ୟାରେଜ୍‌ରୁ ବିପୁଳ ପରିମାଣର ଚୋରାକାଠ ଜବତ ହୋଇଥିବା ବେଳେ ଏହିଦିନ ରାତିରେ ହାତୀ ପାଇଁ ପେଟ୍ରୋଲିଂ କରୁଥିବାବେଳେ ବନ କର୍ମଚାରୀ ମାନେ ଏକ ବୋଲେରୋ ଗାଡି ସହ ଏଥିରେ ଚାଲାଣ ହେଉଥିବା ୩୫ ଗୋଟି ସାଇଜ ଚୌକାଠ ଜବତ ହୋଇଥିବାର ଜଣାପଡିଛି। ବନଖଣ୍ଡର ଏ.ସି.ଏଫ୍. ଡକ୍ଟର ମିହିର ରନ ପଟ୍ଟନାୟକ ଓ ଏ.ସି.ଏଫ. ଶ୍ରୀ ଦିଗନ୍ତ ଶୋଭମ୍ ଚାନ୍ଦଙ୍କ ଉପସ୍ଥିତିରେ ଦୁଧିଆଣୀ ବନାଂଚଳର ରେ ଅଫିସର ଶ୍ରୀ ସରୋଜ ପଣ୍ଡା, କରିଆ ରେ ଅଫିସର ଶ୍ରୀ ପ୍ରବିର ମୁର୍ମୁ ଏବଂ ଦୁଧିଆଣୀ ଓ କରିଆ ରେ ର ଅନ୍ୟ କର୍ମଚାରୀଙ୍କ ସହେଯାଗରେ ୨୩ ତାରିଖ ପୂର୍ବାହ୍ନରେ ଟଙ୍ଗାବିଲା ଠାରେ ଥିବା ଏକ ଗାଡି ବଡି ଗ୍ୟାରେଜ ଉପରେ ଚଢାଓ କରି ବିପୁଳ ପରିମାଣର ସାଇଜ୍ ଶାଳ କାଠ ଜବତ କରିଥିଲେ। ଦୀର୍ଘ ଅଢେଇ ଘଂଟା ଧରି ଏହି ଚଢାଓ ଚାଲିଥିବାର ପ୍ରକାଶ। ସେହିଭଳି ଏହି ରେ ଅଫିସ୍‌ର ସରୋଜ ପଣ୍ଡାଙ୍କ ନେତୃତ୍ୱରେ ବନ କର୍ମଚାରୀ ମାନେ ୨୩ ତାରିଖ ରାତି ହାତୀ ପାଇଁ ପେଟ୍ରୋଲିଂ କରୁଥିବାବେଳେ ବିଳମ୍ବିତ ରାତିରେ ଟାଟୋ-ବଡଗାଁ ରାସ୍ତାରେ ଏକ ବୋଲେରୋ ଗାଡିରେ ଚାଲାଣ ହେଉଥିବା ୩୫ ଗୋଟି ସାଇଜ୍ ଚୌକାଠ କୁ ଗାଡି ସହ ଜବତ କରିଥିବାର ଜଣାପଡିଛି।

## ମତଲୁବ ଅଲ୍ଲୀ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର,୨୪।୯ (ନି.ପ୍ର): ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ସେକ ମତଲୁବ ଅଲ୍ଲିଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ।ଗତ କିଛିଦିନ ତଳେ ଅସୁସ୍ଥ ହୋଇ ଏକ ଘରୋଇ ହସ୍ପିଟାଲ ରେ ଚିକିସତ ହେଉଥିବା ବେଳେ ଆଜି ତାଙ୍କ ବିୟୋଗ ଖବର ଶୁଣି ସମଗ୍ର ଓଡ଼ିଶାରେ ଶୋକର ଛାୟା ଖେଳିଯାଇଛି। ମତଲୁବ ବାବୁଙ୍କ ବିୟୋଗ ଓଡିଶା ରାଜ୍ୟ ରାଜନୀତିରେ ଏକ ଅପୂରଣୀୟ କ୍ଷତି।ସେ ଜଣେ ସରଳ, ନିଷ୍କପଟ, ପରୋପକାରୀ ବ୍ୟକ୍ତି ଭାବେ ୫ ଦଶନ୍ଧି ଧରି କଂଗ୍ରେସ ଦଳ ସହ ଜଡିତ ରହି କଂଗ୍ରେସ ଦଳକୁ ମଜବୁତ କରିବାରେ କାର୍ଯ୍ୟ କରିଆସୁଥିଲେ।

## ଅଶୋଧିତ ତୈଳ ଭଣ୍ଡାର ପ୍ରତିଷ୍ଠା ପାଇଁ ପାରାଦ୍ୱୀପ ବନ୍ଦର ଡି.ସି.ଆଇ ଓ ଏନ୍.ଆର୍‌ଏଲ୍ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ




ପାରାଦ୍ୱୀପ ,୨୪।୯ (ନି.ପ୍ର): ଡ୍ରେଜିଙ୍ଗରେ ଅବ୍ୟବହୃତ ସାମଗ୍ରୀକୁ ପୁନର୍ବାର ବ୍ୟବହାର ଯୋଗ୍ୟ କରିବା ପାଇଁ ମାନ୍ୟବର କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ମନସୁଖ ମଣ୍ଡଭିୟା ବନ୍ଦର ଗୁଡିକୁ ସୂଚନା ଦେଇଥିଲେ। ତଦନୁଯାୟୀ ପ୍ରଥମଥର ଏହି ସାମଗ୍ରୀ ଗୁଡିକର ପୁନର୍ବାର ବ୍ୟବହାର ହେବ ନୁମାଲିଗଡ ରିଫାଇନାରୀ ଲିମିଟେଡର ପାରାଦ୍ୱୀପ ଠାରେ ପ୍ରତିଷ୍ଠା ହେବାକୁ ଯାଉଥିବା ଅଶୋଧିତ ତୈଳ ଭଣ୍ଡାରରେ। ବୁଧବାର ଦିନ ଏ ସମ୍ପର୍କରେ ଏକ ତ୍ରିପାକ୍ଷୀକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ପାରାଦ୍ୱୀପ ଠାରେ ଦୁଇଶହ ଏକର ପରିମିତ ଯାଗା ଉପରେ ଏନ୍‌ଆରଏଲ ଅଶୋଧିତ ତୈଳ ଆମଦାନୀ ଭଣ୍ଡାର ପ୍ରତିଷ୍ଠା କରିବ। ପାରାଦ୍ୱୀପ ବନ୍ଦର ଅଧକ୍ଷ ରିଙ୍କେଶ ରଏଙ୍କ ଉପସ୍ଥିତିରେ ପାରାଦ୍ୱୀପ ବନ୍ଦରରର ଉପସଂରକ୍ଷକ କ୍ୟାପଟେନ୍ ଏ.କେ.ମହାପାତ୍ର, ଡ୍ରେଜିଙ୍ଗ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଡିସିଆଇ) ର ମୁଖ୍ୟ ମହାପ୍ରବନ୍ଧକ କ୍ୟାପ୍‌ଟେନ୍ ଏସ୍.ଦିବାକର, ଏନ୍‌ଆରଏଲ୍‌ର ଉପ ମହା ପ୍ରବନ୍ଧକ (ପାଇପଲାଇନ୍) ଏଜେ ଫୁକନ, ଏନ୍‌ଆର.ଏଲ୍ ର ପରିଚାଳନା ନିର୍ଦ୍ଦେଶକ ଏସ୍.କେ.ବରୁଆ ଓ ଡିସିଆଇ ର ପରିଚାଳନା ନିର୍ଦ୍ଦେଶକ ରାଜେଶ ତ୍ରିପାଠି ଉପସ୍ଥିତ ଥିଲେ। ନଭେମ୍ବର ମାସ ମଧ ଭାଗରେ ଡିସିଆଇ ଡ୍ରେଜିଙ୍ଗ କରି ୭ମାସ ମଧରେ କ୍ଷେତ୍ର ପ୍ରସ୍ତୁତ ହେବ। ପାଖାପାଖି ବାଇଶ ହଜାର କୋଟି ଟଙ୍କା ବ୍ୟୟ ହେବ ବୋଲି ପାରାଦ୍ୱୀପ ବନ୍ଦର ପକ୍ଷରୁ ପ୍ରକାଶିତ ପ୍ରେସ୍ ବିଜ୍ଞପ୍ତିରୁ ଜଣାପଡିଛି।

## ବାଲିଆପାଳ ଡାକ୍ତରଖାନା : ଯେଉଁଠି ଡାକ୍ତର ଫେଲ ମାରୁଛି, ରୋଗୀସେବା କରୁଛନ୍ତି ବିପିଏମ

ବାଲିଆପାଳ,୨୪।୯ (ନି.ପ୍ର): ଆଜି ବି ବାଲେଶ୍ୱର ଜିଲାଭଳି ଶିକ୍ଷିତ ଜିଲାରେ ଅନ୍ଧବିଶ୍ୱାସକୁ ଲୋକମାନେ ବିଶ୍ୱାସ କରୁଛନ୍ତି। ଏପରିକି ଯେଉଁଠି ଡାକ୍ତର ଅସହାୟ ହୋଇ ଅଧିକ ଚିକିତ୍ସା ପାଇଁ କଟକ ବଡମେଡିକାଲକୁ ରେଫର କରୁଛନ୍ତି। ସେ କ୍ଷେତ୍ରରେ ଡାକ୍ତରଖାନାର କର୍ମଚାରୀ ବ୍ଲକ ପ୍ରୋଗ୍ରାମ ଅଫିସର(ବିପିଏମ)ଅନ୍ଧ ବିଶ୍ୱାସକୁ ଜାବୁଡି ଧରି ନିଜେ ରୋଗୀ ସେବା କରିବା ପାଇଁ ଆଗେଇ ଆସୁଛନ୍ତି। ଏପରି ଏକ ଘଟଣା ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର(ସିଏଚସି)ରେ ଦେଖିବାକୁ ମିଳିଛି। ଏପରିକି ଘଟଣାର ଭାଇରାଲ ଭିଡିଓ ମୋବାଇଲରୁ ମୋବାଇଲକୁ ଘୋରି ବୁଲୁଥିବାର ଦେଖିବାକୁ ମିଳିଛି। ଘଟଣାରୁ ପ୍ରକାଶ ଯେ ବାଲିଆପାଳ ବ୍ଲକ ଅନ୍ତର୍ଗତ କୁହ୍ଲାଚଡ ଗ୍ରାମର ୪ ଦିନ ତଳେ ଏକ ଯୁବକକୁ ବିଶାକ୍ତ ସାପ କାମୁଡିବା ପରେ ପରିବାର ଲୋକମାନେ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ପ୍ରାଥମିକ ଚିକିତ୍ସା କରି ଅଧିକ ଚିକିତ୍ସା ପାଇଁ କଟକ ବଡମେଡିକାଲକୁ ରେଫର କରିଥିଲେ। ମାତ୍ର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରୋଗ୍ରାମ ମ୍ୟାନେଜର (ବିପିଏମ) ଦୟାନିଧି ନାୟକ ନିଜକୁ ଡାକ୍ତର ଠାରୁ ଆହୁରୀ ବଡ ମନେ କରି କହିଥିଲେ



ଡାକ୍ତର ଯେଉଁଠି ଫେଲ ମାରନ୍ତି ସିଏ ସେଠି ସାପ କାମୁଡା ରୋଗୀଙ୍କୁ ଭଲ

▶▶ପୃଷ୍ଠା ୭

## ବିଶିଷ୍ଟ ଶିକ୍ଷାବିତ୍ ପ୍ରଭାକର ପରିଡାଙ୍କ କରୋନରେ ପରଲୋକ

ଜଳେଶ୍ୱର, ୨୪/୯ (ନି.ପ୍ର) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟାଁରାମଚନ୍ଦ୍ରପୁର ପଂଚାୟତର ଜମାଲପୁର ଗାଁର ଜମିଦାର ରାୟବାହାଦୁର ବିଶ୍ୱନାଥ ପରିଡାଙ୍କ ନାତି, ବିଶିଷ୍ଟ ଶିକ୍ଷାବିତ୍ ତଥା ବହୁ ଅନୁଷ୍ଠାନ ପ୍ରତିଷ୍ଠାର ମୁଖ୍ୟ ପ୍ରଭାକର ପରିଡାଙ୍କ ଗତ ୨୨ ତାରିଖ ଦିନ ୭୫ ବର୍ଷ ବୟସରେ କରୋନାରେ ପରଲୋକ ହୋଇ ଯାଇଛି। ସେ ପାଇକସିଦା ହାଇସ୍କୁଲ, ଚମାର ଗାଁର ଜୟଚଣ୍ଡି ହାଇସ୍କୁଲରେ ଦୀର୍ଘବର୍ଷ ଧରି ଶିକ୍ଷକତା କରିଥିବା ବେଳେ ଜଳେଶ୍ୱର ଓ ବାଲେଶ୍ୱରର ବହୁ ଶିକ୍ଷାନୁଷ୍ଠାନ ସହିତ ଜଡିତ ଥିଲେ। ବିଶ୍ୱନାଥ ପରିଡାଙ୍କ ନାତି ଓ କୈଳାସଚନ୍ଦ୍ର ପରିଡାଙ୍କ ସାନପୁଅ ଭାବେ କେବଳ ସେ ପରିଚିତ ନ ଥିଲେ ଜଣେ ଉଚ୍ଚ ଶିକ୍ଷିତ ଜ୍ଞାନ ପ୍ରତିଭାଶୋଳୀ, ସ୍ୱାଭିମାନୀ, ଅନୁଷ୍ଠନା ପ୍ରେମୀ ଥିଲେ ମଧ୍ୟ ସରଳ ଓ ନିଷ୍କପଟ ଜୀବନ ଜାପନ କରୁଥିଲେ। ତାଙ୍କର ୨ ଝିଅ ସୁମନା କନକ ଟିଭିର ବାଲେଶ୍ୱର ପ୍ରତିନିଧି ଥିବା ବେଳେ ବାଲେଶ୍ୱରରେ ସେ ମୁଖାଗ୍ନି ଦେଇଥିଲେ। ସେହିପରି ଶୋଭନା ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟପକ ଅଛନ୍ତି। ତାଙ୍କ ମୃତ୍ୟୁରେ ଜଳେଶ୍ୱର ଅଂଚଳର ବହୁ ଛାତ୍ରଛାତ୍ରୀ, ବିଧାୟକ ଅଶ୍ୱିନୀ ପାତ୍ର, ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ମଧୁସୂଦନ ସେନାପତି, ପ୍ରଭାସ ପରିଡା, ନିତ୍ୟଗୋପାଳ ଦାସ ପ୍ରମୁଖ ଶୋକ ପ୍ରକାଶ କରିବା ସହିତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି।

## ଶୋଚନୀୟ ସହର ରାସ୍ତାର ନବୀକରଣ ଦାବି

ବାଲେଶ୍ୱର,୨୪।୯ (ନି.ପ୍ର): ମରଣଯନ୍ତା ପାଲଟି ଥିବା ବାଲେଶ୍ୱର ସହରର ଏକାଧିକ ରାସ୍ତାର ନବୀକରଣ ଦାବିରେ ଯୁବ ସଂଗଠକ ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଆଜି ସ୍ମାରକପତ୍ର ପ୍ରଦାନ କରିଛି। ସହରର ଲୋକସଂଖ୍ୟା ଓ ଯାନବାହାନ ବୃଦ୍ଧି ପାଇଥିବା ବେଳେ ଶୋଚନୀୟ ରାସ୍ତାଘାଟ ଯୋଗୁଁ ପ୍ରତିଦିନ ଦୁର୍ଘଟଣାମାନ ଘଟି ଚାଲିଛି ବୋଲି ଏହି ପ୍ରତିନିଧି ଦଳ ଆରୋପ ଉଠାଇଛି। ବିଶେଷ କରି ଅଧିକ ଶୋଚନୀୟ ହୋଇଥିବା ଗୋପାଳଗାଁ ରାସ୍ତାରେ ଗାଡ଼ି ମୋଟର ତ ଦୂରର କଥା ପାଦରେ ଚାଲି ଚାଲି ଯିବା ଏବେ ଦୁର୍ବିସହ ହୋଇ ପଡ଼ିଛି। ବାରମ୍ବାର ଅଭିଯୋଗ ପରେ ବି ପୌର କର୍ତ୍ତୃପକ୍ଷ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ଯୁବନେତା ଶ୍ରୀ ପଣ୍ଡା କହିଛନ୍ତି। ତୁରନ୍ତ ଏ ବାବଦରେ ଉଚିତ ପଦକ୍ଷେପ ନିଆ ନଗଲେ ଆଗାମୀ ଦିନରେ ସହରବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ ଶ୍ରୀ ପଣ୍ଡାଙ୍କ ସମେତ ବହୁ ଯୁବକ ଉପସ୍ଥିତ ଥିଲେ।

## ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀ ମନ୍ଦିରରେ ପଶୁବଳି ଓ ମୁଣ୍ଡନ ପାଇଁ ଲମ୍ବୁଛି ଲାଇନ : ପ୍ରଶାସନ ନୀରବଦ୍ରଷ୍ଟା

♦କୋଭିଡ-୧୯ ନିୟମକୁ ଖୋଲାଖୋଲି ଉଲଘନ କରୁଛନ୍ତି ପର୍ଯ୍ୟଟକ

♦ବନ୍ଦ ମନ୍ଦିରରେ ପୂଜାର୍ଚ୍ଚନା ନାମରେ ଗହଳି






ରାୟଗଡ଼ା ,୨୪।୯ (ନି.ପ୍ର): ରାୟଗଡ଼ା ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତିନ୍ତ ମା' ମଝିଘରିଆଣୀ। ରାୟଗଡ଼ା ଜିଲ୍ଲା ତଥା ପଡ଼ୋଶୀ ଗଜପତି ଜିଲ୍ଲା, ଅବିଭକ୍ତ କୋରାପୁଟ ଜିଲ୍ଲା ଓ ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶର ଶ୍ରଦ୍ଧାଳୁ ଭକ୍ତମାନେ ବିଭିନ୍ନ ମାନସିକ କରିଥାନ୍ତି ଓ ମା ମଧ ଭକ୍ତଙ୍କ ମନୋକାମାନ ଅବଶ୍ୟ ପୂରଣ କରିଥାନ୍ତି, ଏହା ସମସ୍ତଙ୍କ ଆଶା ଓ ବିଶ୍ୱାସ। ସାରା ବିଶ୍ୱରେ ମହାମାରୀ କରୋନା ତାର କାୟା ବିସ୍ତାର କରିବା ପରେ ସରକାରଙ୍କ ପକ୍ଷରୁ ସମସ୍ତ ଯାନବାହାନ, ଧର୍ମ ଅନୁଷ୍ଠାନ, ମନ୍ଦିର ଆଦି ସମ୍ପୂର୍ଣ ରୂପେ ବନ୍ଦ କରିଦିଆଯାଇଛି। ଫଳରେ ଶ୍ରଦ୍ଧାଳୁ ଭକ୍ତଙ୍କ ମନର ଆବେଗ ଦିନକୁ ଦିନ ବଢିବାରେ ଲାଗିଛି। ମନ୍ଦିର ବନ୍ଦ ରହିଲେ ମଧ ମନ୍ଦିର ବାହାରୁ ଭକ୍ତ ମାଙ୍କୁ ସ୍ମରଣ କରି ନିଜ ମନ ମୁତାବକ କରୋନାକୁ ଖାତିର ନକରି ପୂଜା ଅର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି। ଅନଲକ-୩ ଶେଷ ପରେ ସେପଟ୍ଟମ୍ବର ମାସ ପାଇଁ ସରକାରଙ୍କ ତରଫରୁ ଘୋଷଣା ହେଲା ଅନଲକ-୪। ଏହି ଅନଲକ-୪ରେ କରୋନା କଟକଣାରେ କିଛି ନିୟମକୁ କୋହଳ କରାଯାଇଥିବା ବେଳେ ଅନ୍ୟ କିଛି କଟକଣାକୁ ବଳବତର ରଖାଯିବା ପାଇଁ ପ୍ରଶାସନ ତରଫରୁ ନିର୍ଦ୍ଦେଶ ଦିଆଯାଇଛି। ରାୟଗଡ ଜିଲ୍ଲା ପ୍ରଶାସନ ତରଫରୁ ଚଳିତ ସେପଟ୍ଟମ୍ବର ମାସର ୩୦ ତାରିଖ ପର୍ଯ୍ୟନ୍ତ ଜିଲ୍ଲାର କୌଣିସ ଧାର୍ମିକ ସ୍ଥଳରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରିବେ ନାହିଁ ଏବଂ ସ୍ଥାନଟି ବନ୍ଦ ରଖିବା ନିମନ୍ତେ କଟକଣା ବଳବତର ରଖାଯିବା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଚିଠି ସଂଖ୍ୟା ୨୩୫୩/୧/୯/୨୦ରେ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ ପ୍ରମୋଦ କୁମାର ବେହେରା। ତେବେ ଅନଲକ -୪ରେ କଟକଣାରେ କୋହଳ ହେବା ପରେ ରାୟଗଡ ସହରର ଅଧିଷ୍ଠାତ୍ରୀ ପ୍ରସିଦ୍ଧ ଦେବୀ ମା ମଝିଘରିଆଣୀଙ୍କୁ ଦର୍ଶନ କରିବା ସହ ମୁଣ୍ଡନ ଓ ପଶୁବଳି କରିବା ପାଇଁ ମନ୍ଦିରରେ ପଡୋଶୀ ଜିଲ୍ଲାଗୁଡିକ ସମେତ ଆନ୍ଧ୍ର ପର୍ଯ୍ୟଟକ ତଥା ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳୁଛି। ଶତାଧିକ ପର୍ଯ୍ୟଟକଙ୍କ ଗହଳିରେ ମାସ୍କ ପରିଧାନ ଓ ସାମାଜିକ ଦୂରତା ଭଳି ଗୁରୁତ୍ୱପୂର୍ଣ୍ଣ କୋଭିଡ-୧୯ ଗାଇଡଲାଇନକୁ ଖୋଲାଖୋଲି ଭାବେ ଉଲଘନ କରାଯାଉଥିବା ପରିଲିକ୍ଷିତ ହୋଇଛି। ମନ୍ଦିର ଟ୍ରଷ୍ଟି ତରଫରୁ ମନ୍ଦିର ବନ୍ଦ କରାଯାଇଥିଲେ ସୁଦ୍ଧା ପର୍ଯ୍ୟଟକମାନେ ପାହାଚ ତଳେ ରହି ଦୀପଧୂପ ଦେଇ ପୂଜାର୍ଚ୍ଚନା କରୁଛନ୍ତି। ଏଥିସହ ମନ୍ଦିର ବେଢାରେ ମୁଣ୍ଡନ ବ୍ୟବସ୍ଥା ମଧ ବନ୍ଦ ରହିଥିବାରୁ ମନ୍ଦିର ନିକଟସ୍ଥ କିଆଝୋଲା ରାସ୍ତାରେ କିଛି ସ୍ଥାନୀୟ ବାରିକମାନେ ପର୍ଯ୍ୟଟକମାନଙ୍କୁ ମୁଣ୍ଡନ କରୁଥିବା ଦେଖିବାକୁ ମିଳିଥିଲା। ତେବେ ଏତେ ସଂଖ୍ୟକ ପର୍ଯ୍ୟଟକ ତଥା ଶ୍ରଦ୍ଧାଳୁମାନେ ମନ୍ଦିରକୁ ଆସୁଥିବାର

▶▶ପୃଷ୍ଠା ୭

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

**Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078**

❒ Managing & Executive Editor : Srustidhar Parida
❒ Editor: Sairindhree Sahoo